51 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Tuesday, September 23/2025 | Page 16 | ₹ 7.00 | BALASORE

୫୧ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 299 | ମୂଲ୍ୟ ₹୭/-




ଗଞ୍ଜାମ–କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିଠାରେ ଗତ ୧୬ ତାରିଖରେ ଭୂସ୍ଖଳନରେ ନଷ୍ଟ ହୋଇଥିବା ରାସ୍ତାର ମରାମତି କାର୍ଯ୍ୟ ଚାଲିଥିବା ବେଳେ ସୋମବାର ପୁଣି ପାହାଡ଼ ଧସିଛି। ପ୍ରବଳ ବର୍ଷା ଯୋଗୁ ମରାମତି ପାଇଁ ଥିବା ନିର୍ମାଣ ସାମଗ୍ରୀ ମଧ୍ୟ ଧୋଇଯାଇଛି।

## ବଳଙ୍ଗା ପୀଡ଼ିତା ନିଜେ କିରୋସିନ ଢାଳି ନିଆଁ ଲଗାଇଥିଲେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୯(ରବିନାରାୟଣ ଜେନା)

ପୁରୀ ଜିଲା ବଳଙ୍ଗାର ଛାତ୍ରୀ ପୋଡ଼ିହୋଇ ପ୍ରାଣ ହରାଇବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବଳଙ୍ଗା ପୀଡ଼ିତା ନିଜେ ଦେହରେ କିରୋସିନ ଢାଳି ହୋଇ ନିଆଁ ଲଗାଇଥିଲେ। ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ପୁରୀର ବଳଙ୍ଗା ନିବାସୀ ହିମତ ଅଲ୍ଲୀଙ୍କ ସ୍ତ୍ରୀ (ପୀଡ଼ିତାଙ୍କ ମାଆ) ☞ ପୃଷ୍ଠା–୪

# ଚୌଦ୍ୱାର ଥାନାରେ ଥାର୍ଡଡିଗ୍ରୀରୁ ଆତ୍ମହତ୍ୟା

ଚୌଦ୍ୱାର/ମଙ୍ଗୁଳି–ଜଗତପୁର,୨୨।୯ (ଆଶୁତୋଷ ଦାସ/ମାନସ ସାମଲ)

- ୩ ପୋଲିସ କର୍ମଚାରୀ ପ୍ଲାଷ୍ଟିକ ପାଇପ୍‌ରେ ମାଡ଼ ମାରିଥିବା ଅଭିଯୋଗ ଆଣିଲେ ଭାଇ
- ବାରାକ୍ ପାଇଖାନାରେ ଝୁଲିପଡ଼ିଲେ ଯୁବକ

ପୋଲିସ ହାଜତ ପରିସରରେ ଯାଇଛି ଆଉ ଏକ ଜୀବନ। ଏକ ଗାଡ଼ି ଚୋରି ମାମଲାରେ ଚୌଦ୍ୱାର ଥାନାରେ ଅଟକ ଥିବା ଢେଙ୍କାନାଳ ଜିଲା ଶଙ୍କରପୁର ଥାନା ଅନ୍ତର୍ଗତ କରୋଗାଁ ଗ୍ରାମର ରସାନନ୍ଦ ନାୟକ(୩୯)ଙ୍କ ମୃତ୍ୟୁ ଘଟିଛି। ୩ଜଣ ପୋଲିସ ରସାନନ୍ଦଙ୍କୁ ଥାର୍ଡ ଡିଗ୍ରୀ ପ୍ରୟୋଗ କରି ପ୍ଲାଷ୍ଟିକ୍ ପାଇପ୍‌ରେ ନିସ୍ଥୁକ ମାଡ଼ ମାରିବା ପରେ ସେ କଷ୍ଟ ସହି ନ ପାରି ପୋଲିସ ବାରାକ୍ ଭିତରେ ଥିବା ପାଇଖାନାରେ ଆତ୍ମହତ୍ୟା କରିଥିବା ମୃତକଙ୍କ ସ୍ତ୍ରୀ ଏବଂ ସାନଭାଇ ଅଭିଯୋଗ କରିଛନ୍ତି। ଖବର ପାଇ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ଓ ଜୋନ୧ ଏସିପି ଅରୁଣ କୁମାର ସ୍ୱାଇଁ ପହଞ୍ଚି ରୁଦ୍ଧଦ୍ୱାର ବୈଠକ କରିବା ସହିତ ଫେରି ଯାଇଥିବାବେଳେ ଗଣମାଧ୍ୟମକୁ କିଛି ପ୍ରତିକ୍ରିୟା ଦେଇ ନାହାନ୍ତି। ଏପରି କି ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ମଧ୍ୟ କିଛି ମୁହଁ ଖୋଲୁ ନାହାନ୍ତି। ପୋଲିସର ଏଭଳି ନୀରବତା ଘଟଣା ପଛର ରହସ୍ୟ ଏବଂ ଅଭିଯୋଗକୁ ଚର୍ଚ୍ଚା ମଧ୍ୟକୁ ଠେଲି ଦେଇଛି। ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ☞ ପୃଷ୍ଠା–୪

# ଅଗ୍ରାହ୍ୟ ହେଲା କଂଗ୍ରେସର ଅନାସ୍ଥା

ଭୁବନେଶ୍ୱର,୨୨।୯(ସୁନିତ୍ ମିଶ୍ର)

- ସମୟ ଅବଧି ଚାଲିଯାଇଥିବାରୁ ଅଗ୍ରାହ୍ୟ
- ବିଜେଡି-ଭାଜପା ଭାଇ ଭାଇ, ଅନାସ୍ଥା ପ୍ରସ୍ତାବ ଆଣନ୍ତି ନାହିଁ: କଂଗ୍ରେସ

କଂଗ୍ରେସ ଏବଂ ସିପିଆଇ(ଏମ୍) ବିଧାୟକମାନଙ୍କ ପକ୍ଷରୁ ସରକାରଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ସୋମବାର ବାଚସ୍ପତି ସୁରମା ପାଢ଼ୀ ଅଗ୍ରାହ୍ୟ କରିଦେଇଛନ୍ତି। ଅପରାହ୍ନ ୪ଟାରେ ଗୃହ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ନିଜ ଆସନରେ ଠିଆହୋଇ କହିଥିଲେ, କଂଗ୍ରେସ ପକ୍ଷରୁ ସରକାରଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ଗୃହରେ ଆଲୋଚନା ପାଇଁ ଅଣାଯାଉ। ଏହାପରେ ବାଚସ୍ପତି ସୂଚିତ କରିଥିଲେ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଦ୍ୱାରା ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ନୋଟିସ୍ ବିଧାନସଭାର ସଚିବଙ୍କ ନିକଟରେ ପ୍ରଦାନ କରାଯାଇଥିଲା। ଏହି ଅନାସ୍ଥା ପ୍ରସ୍ତାବରେ କଂଗ୍ରେସର ଅନ୍ୟ ବିଧାୟକ ଏବଂ ସିପିଆଇ(ଏମ୍) ସଦସ୍ୟଙ୍କ ଦସ୍ତଖତ ରହିଥିଲା। ଗତ ଶୁକ୍ରବାର ଏନେଇ ଅବଗତ କରାଇଥିଲେ। ଏହି ନୋଟିସ୍ ପାଇଥିବା କଥା ଗୃହକୁ ଜଣାଇବା ସହ ଗୃହ ସ୍ୱାଭାବିକ ☞ ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ପାକିସ୍ତାନ ସହ ସାଉଦି ଆରବ








Honda Exclusive Authorized Dealerships: BALASORE: Yours Honda - 06782-268060, 7873029603/04/09; GADGADIA: Yours Honda - 7873029606, 7873029658; BALIAPAL: Baba Honda - 7749873012, 06781-253788; SORO: Sadhana Honda- 9853329766, 7681837114; KHAIRA: Sakhi Honda - 9439341988, 7873348398; CHANDANESWAR: TARINI HONDA - 7008084081; BASTA: Jain Honda - 7735965551, 8984765552; JALESWAR: Radhagobinda Honda - 07325864023, 06781-222950; AMARDA ROAD: Samal Honda- 9337692900, 9777233478; BHOGRAI: Laxmi Archna Honda: 9178466744, 8144420717; BHADRAK: Das Honda - 9583069192, 9583079192; DHAMNAGAR: Padmanav Honda - 9437271165; AGARPADA: Pal Honda - 9556666220, 9437666220; BASUDEVPUR: Laxmi Honda - 9937475386, 9937601065; CHANDBALI: Banaja Honda - 7205181115, 9437271165; BARIPADA: Sun Honda - 9437126999, 0679-2256999: UDALA: Sai Honda- 9438015475, 7064046275. RAIRANGPUR: Siba Honda -8598932590; KARANJIA: Krishiv Honda - 9437777222, 9777774222; KEONJHAR: Pritam Honda - 7325975506, 8018742437; BARBIL: Royal Motors- 7008712784; ANANDPUR: Pritam Honda - 9437876766, 7504045272; NILAGIRI ROAD: Nilraj Honda- 9861823452, 9776935715.

For Bulk/Institutional enquiries, please write us at: institutionalsales@honda2wheelersindia.com



ଗୁଜରାଟର ପୋରବନ୍ଦରସ୍ଥିତ ଜେଟିରେ ସୋମାଲିଆ ପାଇଁ ଚାଉଳ ଓ ଚିନି ବୋଝେଇ ହେଉଥିବା ଏକ ମାଲ୍‌ବାହୀ ଜାହାଜରେ ନିଆଁ ଲାଗିଯାଇଛି।

# ଖାଇବର ପାଖ୍‌ତୁନ୍‌ଖ୍ୱାରେ ବିସ୍ଫୋରଣ: ୨୪ ମୃତ

**ପାକ୍ ବାୟୁସେନା ବୋମାମାଡ଼ କରିଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ**

ପେଶାଓ୍ୱର,୨୨।୯

ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଥିବା ପାକିସ୍ତାନୀ ତାଲିବାନର ଏକ କମ୍ପାଉଣ୍ଡରେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖାଯାଉଥିବାବେଳେ ବିସ୍ଫୋରଣ ଘଟିବାରୁ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିବା ପିଟିଆଇ ରିପୋର୍ଟ ପ୍ରକାଶ କରିଛି। ମୃତକଙ୍କ ମଧ୍ୟରେ ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି)ର ୧୪ ଆତଙ୍କବାଦୀ ରହିଛନ୍ତି। ସେମାନେ ସାଧାରଣ ଲୋକଙ୍କୁ ଢାଲ ଭାବେ ବ୍ୟବହାର କରୁଥିଲେ ବୋଲି ପୋଲିସ ଅଭିଯୋଗ କରିଛି।

ଅନ୍ୟପକ୍ଷରେ ପାକିସ୍ତାନୀ ବାୟୁସେନା ରବିବାର ବିଳମ୍ବିତ ରାତିରେ ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ବୋମାମାଡ଼ କରିବାରୁ ସେମାନଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ରିପୋର୍ଟରୁ ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ରହିଛନ୍ତି। ରାତି ପ୍ରାୟ ୨ଟା ସମୟରେ ପାକିସ୍ତାନୀ ଯୁଦ୍ଧବିମାନ ତିରହ ଉପତ୍ୟକାର ମାତ୍ରୁର ଦାରା ଗ୍ରାମ ଉପରେ ୮ଟି ଏଲ୍‌ଏସ୍-୬ ବୋମା ପକାଇଥିଲା। ଅନ୍ୟପକ୍ଷରେ ପାକିସ୍ତାନୀ ଯୁଦ୍ଧବିମାନରୁ ବୋମାମାଡ଼ ଘଟଣାକୁ ସ୍ଥାନୀୟ ପ୍ରଶାସନ ଖଣ୍ଡନ କରିଛି। ବୋମା ତିଆରିରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ବିସ୍ଫୋରଣ ହେବାରୁ ୧୪ ଆତଙ୍କବାଦୀଙ୍କ ସମେତ ୨୪ ଜଣ ପ୍ରାଣ ହରାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ୧୦ ସାଧାରଣ ନାଗରିକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ରହିଥିବା ତିରାହ ଥାନାର ଷ୍ଟେଶନ ହାଉସ୍ ଅଫିସର କହିଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମାତ୍ରୁର ଦାରା ଗ୍ରାମରେ ଏୟାରଷ୍ଟ୍ରାଇକ୍ ହୋଇଥିଲା। ସେଠାରେ ଥିବା କମ୍ପାଉଣ୍ଡରେ ବହୁସଂଖ୍ୟାରେ ସ୍ଥାନୀୟ ଆତଙ୍କବାଦୀ ନେତା ଓ କର୍ମୀଙ୍କ ସମେତ ଆଫଗାନ୍ ଯୋଦ୍ଧା ରହୁଥିଲେ। ଏହା ଆଇଇଡି ଉତ୍ପାଦନର କେନ୍ଦ୍ରସ୍ଥଳ ଥିଲା ଓ ସ୍ନିପର ତାଲିମ ଦିଆଯାଉଥିଲା।

# ୟୁପିରେ ଜାତି ଆଧାରିତ ରାଲି ଉପରେ କଟକଣା

ଲକ୍ଷ୍ନୌ ୨୨।୯

ଉତ୍ତରପ୍ରଦେଶରେ ଜାତିଗତ ଭେଦଭାବକୁ ଶେଷ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଜାତି ଆଧାରିତ ସମସ୍ତ ରାଜନୈତିକ ରାଲି ଉପରେ ରାଜ୍ୟର ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାର କଟକଣା ଲଗାଇଛନ୍ତି। ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ମୁଖ୍ୟ ସଚିବ ଦୀପକ କୁମାର ଏ ସମ୍ପର୍କିତ ଏକ ନିର୍ଦ୍ଦେଶନାମା ସମସ୍ତ ଜିଲାପାଳ ଏବଂ ଏସ୍‌ପିଙ୍କୁ ପଠାଇଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ, ଏଫ୍‌ଆଇଆର୍, ଗିରଫଦାରି ମେମୋ ଆଦିରୁ ଜାତିର ଉଲ୍ଲେଖ ରହିବ ନାହିଁ।

# ଜିଏସ୍‌ଟି ସଞ୍ଚୟ ଉତ୍ସବ

# ପ୍ରଗତିକୁ ତ୍ୱରାନ୍ୱିତ କରିବ

**ନାଗରିକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଖୋଲାଚିଠି**

ନୂଆଦିଲ୍ଲୀ,୨୨।୯

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସରେ ଆଣିଥିବା ସଂସ୍କାର (ଜିଏସ୍‌ଟି ୨.୦) ସୋମବାରରୁ ଲାଗୁ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାଗରିକମାନଙ୍କୁ ଏକ ଖୋଲାଚିଠି ଜରିଆରେ ଏହାକୁ 'ଜିଏସ୍‌ଟି ସଞ୍ଚୟ ଉତ୍ସବ' କହିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି।

ଜିଏସ୍‌ଟି ହାର କମିବା ଅର୍ଥ ପ୍ରତି ପରିବାର ପାଇଁ ଅଧିକ ସଞ୍ଚୟ ଏବଂ ବ୍ୟବସାୟ ନିମନ୍ତେ ଅଧିକ ସହଜ ହେବ। ସାରା ଦେଶରେ ନବରାତ୍ରି ପାଳନ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ସମସ୍ତ ନାଗରିକ ଓ ସେମାନଙ୍କ ପରିବାରକୁ ହୃଦୟଭରା ଶୁଭେଚ୍ଛା ଜଣାଇଛନ୍ତି। ଏହି ଉତ୍ସବ ସମସ୍ତଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧି ଆଣୁ ବୋଲି ସେ କହିଛନ୍ତି। ଚଳିତବର୍ଷର ପାର୍ବଣ ଋତୁ ଅଧିକ ଆନନ୍ଦ ଆଣିଛି। ସେପ୍ଟେମ୍ବର ୨୨ରୁ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଲାଗୁ ହୋଇଛି, ଯାହାର ଉପସ୍ଥିତି ଅନୁଭୂତ ହେବା ଆରମ୍ଭ ହୋଇଛି। ଏହା ସାରା ଦେଶରେ ଜିଏସ୍‌ଟି ସେଭିଂସ୍ ଫେଷ୍ଟିଭାଲ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ସଂସ୍କାର ସଞ୍ଚୟ ବଢ଼ାଇବା ସହ ସମାଜର ପ୍ରତ୍ୟେକ ବର୍ଗଙ୍କୁ ପ୍ରତ୍ୟକ୍ଷ ଲାଭ ଦେବ, ଯାହା ଅଧିକ ଅଭିବୃଦ୍ଧି ଓ ନିବେଶକୁ ପ୍ରୋତ୍ସାହିତ କରିବା ସହ ପ୍ରତି ରାଜ୍ୟ ଓ ଅଞ୍ଚଳର ପ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଟିକସ ବ୍ୟବସ୍ଥାର ସରଳୀକରଣ ଏବଂ ପରିବାର, ବ୍ୟବସାୟୀ, କୃଷକଙ୍କ ଉପରେ ଆର୍ଥିକ ବୋଝକୁ ଲାଘବ କରିବା ଏବଂ ଉତ୍ସବ ଋତୁ ସମୟରେ ଆଶ୍ୱସ୍ତି ଆଣିବା ଜିଏସ୍‌ଟି ୨.୦ର ଲକ୍ଷ୍ୟ। ଜିଏସ୍‌ଟିରେ ପୂର୍ବରୁ ରହିଥିବା ୪ଟି ସ୍ଲାବ୍‌ରୁ ୨ଟିକୁ ହଟାଇ ଦିଆଯାଇ କେବଳ ୫% ଓ ୧୮%କୁ ରଖାଯାଇଛି। ଖାଦ୍ୟ, ଔଷଧ, ସାବୁନ, ଟୁଥ୍‌ପେଷ୍ଟ ଆଦି ଦୈନନ୍ଦିନ ଆବଶ୍ୟକତା ସମେତ ବୀମା ଓ ଅନେକ କିଛି ସମ୍ପୂର୍ଣ୍ଣ ଟିକସମୁକ୍ତ ହୋଇଛି କିମ୍ବା ୫ ପ୍ରତିଶତ ଟିକସ ସ୍ଲାବ୍‌ରେ ରହିଛି। ପୂର୍ବରୁ ୧୨% ଟିକସ ଲାଗୁଥିବା ସାମଗ୍ରୀଗୁଡ଼ିକୁ ୫% ସ୍ଲାବ୍ ମଧ୍ୟକୁ ଅଣାଯାଇଛି। ଆୟକର ଛାଡ଼ ଏବଂ ଜିଏସ୍‌ଟିର ନୂଆପିଢ଼ି ସଂସ୍କାରକୁ ଯଦି ଆମେ ଏକାଠି ନେବା, ତେବେ ଲୋକେ ପାଖାପାଖି ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ଘରଖର୍ଚ୍ଚ କମିବା ଯୋଗୁ ସେମାନେ ଘର ତିଆରି, ଗାଡ଼ିକିଣା, ବିଭିନ୍ନ ଉପକରଣ କିଣା ଆଦି ଆଶା ଆକାଂକ୍ଷା ପୂରଣ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଏମିରେଟ୍ସ ବିମାନରୁ ଓହ୍ଲାଇ ପଡ଼ିଲେ ଭାରତୀୟ ଯାତ୍ରୀ

**ଏଚ୍-୧ବି ଭିଜା ଫି ବୃଦ୍ଧି ଘୋଷଣା**

**ବିମାନ ଉଡ଼ାଣ ୩ ଘଣ୍ଟା ବିଳମ୍ବ**

ୱାଶିଂଟନ୍, ୨୨।୯

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପକ୍ଷରୁ ଏଚ୍-୧ବି ୱର୍କର ଭିଜାର ନୂତନ ଆବେଦନକାରୀଙ୍କ ପାଇଁ ଫିକୁ ୧ ଲକ୍ଷ ଡଲାର ବୃଦ୍ଧିର ନିର୍ଦ୍ଦେଶ ପରେ ସେଠାରେ ଥିବା ଭାରତୀୟଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଏହି ଘୋଷଣାର ଠିକ୍ ପରେ ଶୁକ୍ରବାର ଆମେରିକାର ସାନ୍‌ଫ୍ରାନ୍ସିସ୍କୋ ବିମାନବନ୍ଦରରୁ ଭାରତ ଆସିବାକୁ ଥିବା ଏମିରେଟ୍ସର ଏକ ଫ୍ଲାଇଟ୍‌ରେ ଭାରତୀୟ ଯାତ୍ରୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ପରିଲକ୍ଷିତ ହୋଇଥିଲା। ବିମାନ ଭାରତ ଅଭିମୁଖେ ଉଡ଼ାଣ କରିବାର ଠିକ୍ ପୂର୍ବରୁ କିଛି ଭାରତୀୟ ବିମାନରୁ ଓହ୍ଲାଇ ପଡ଼ିଥିଲେ। ହଠାତ ଅନେକ ଭାରତୀୟ ଯାତ୍ରୀ ବିମାନରୁ ଓହ୍ଲାଇ ପଡ଼ିବାରୁ ପାଇଲଟ୍ ୩ ଘଣ୍ଟା ବିଳମ୍ବରେ ବିମାନର ଉଡ଼ାଣ କରିଥିଲେ। ଉକ୍ତ ଏମିରେଟ୍ସ ବିମାନରେ ଥିବା ଯାତ୍ରୀମାନେ ସୋସିଆଲ ମିଡିଆରେ ଏହାର କିଛି ଭିଡିଓକୁ ଶେୟାର କରିଛନ୍ତି, ଯେଉଁଥିରେ ବିମାନ ମଧ୍ୟରେ ଲୋକମାନେ ଦ୍ୱନ୍ଦରେ ଥିବାର ଦେଖାଯାଉଛନ୍ତି। ଭିଡିଓରେ ବିମାନର କ୍ୟାପ୍ଟେନ୍ ଯାତ୍ରୀମାନଙ୍କୁ କହୁଛନ୍ତି, ବିମାନ ମଧ୍ୟରେ ପରିସ୍ଥିତି ସ୍ୱାଭାବିକ ନାହିଁ। ଆପଣମାନେ ଚାହିଁଲେ ବିମାନ ଛାଡ଼ିପାରିବେ।

# ସ୍ତ୍ରୀଙ୍କୁ ହତ୍ୟା କରି ଫେସ୍‌ବୁକ୍ ଲାଇଭ୍‌ରେ ଜଣାଇଲେ

କୋଲ୍ଲାମ, ୨୨।୯

କେରଳର କୋଲ୍ଲାମରେ ଶାଳିନୀ (୩୯)ଙ୍କୁ ତାଙ୍କ ସ୍ୱାମୀ ଇସ୍‌ହାକ୍ ଗଳାକାଟି ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ଇସ୍‌ହାକ୍ ଫେସବୁକ୍ ଲାଇଭ୍ ଆସି ସ୍ତ୍ରୀ ଶାଳିନୀଙ୍କୁ ହତ୍ୟା କରିଥିବା ନେଇ ଘୋଷଣା କରିଥିଲେ। ଏହାପରେ ସେ ପୁନାଲୁର ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ। ବୈବାହିକ ଜୀବନରେ ସମସ୍ୟା ଥିବାରୁ ସେ ସ୍ତ୍ରୀ ଶାଳିନୀଙ୍କୁ ହତ୍ୟା କରିଥିବା ନେଇ ପୋଲିସକୁ କହିଥିଲେ। ଶାଳିନୀ ଗାଧୋଉଥିବା ସମୟରେ ଇସ୍‌ହାକ୍ ତାଙ୍କୁ ପଛପଟୁ ଛୁରିରେ ଆକ୍ରମଣ କରିଥିଲେ।

# ସ୍ୱଚ୍ଛ ବାୟୁ ପାଇଁ ଇନ୍ଦୋରରେ 'ନୋ କାର୍ ଡେ'

ଇନ୍ଦୋର ୨୨।୯

ମଧ୍ୟପ୍ରଦେଶର ଅର୍ଥନୈତିକ ରାଜଧାନୀ କୁହାଯାଉଥିବା ଇନ୍ଦୋରରେ ସୋମବାର 'ନୋ କାର୍ ଡେ' ପାଳନ କରାଯାଇଛି। ସ୍ୱଚ୍ଛ ବାୟୁ ଏବଂ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳିତ ହୋଇଛି। ଏହି ଅବସରରେ ସହରର ଜନ ପ୍ରତିନିଧି ଏବଂ ଅଧିକାରୀମାନେ କାର୍ ବଦଳରେ ବାଇକ୍, ସ୍କୁଟି ଏବଂ ବିଭିନ୍ନ ପବ୍ଲିକ ଟ୍ରାନ୍ସପୋର୍ଟକୁ ବ୍ୟବହାର କରୁଥିବାର ନଜରକୁ ଆସିଛନ୍ତି। ଇନ୍ଦୋର ଜିଲାପାଳ ଶିଭମ ବର୍ମା ସ୍କୁଟି ଚଳାଇ ନିଜ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ସେହିପରି ଇନ୍ଦୋର ମେୟର ପୁଷ୍ୟମିତ୍ର ଭାର୍ଗବ ସାଇକେଲ ଚଳାଇ ମହାନଗର ନିଗମ କାର୍ଯ୍ୟାଳୟରେ ପହଞ୍ଚିଥିଲେ। 'ନୋ କାର୍ ଡେ' ପାଳନ ବେଳେ ସହରର ଅଧିକାରୀ ଏବଂ ଜନ ପ୍ରତିନିଧିମାନେ ଲୋକଙ୍କୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ସହ କାର୍ ବଦଳରେ ୨ ଚକିଆ ଯାନ କିମ୍ବା ସାଧାରଣ ପରିବହନ ବ୍ୟବହାର କରିବାକୁ ଅପିଲ କରିଥିଲେ। ସହରରେ ଟ୍ରାଫିକ୍ ଭିଡ଼ ନିୟନ୍ତ୍ରଣ, ବାୟୁ ପ୍ରଦୂଷଣ ସ୍ତର ହ୍ରାସ, ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ପ୍ରୟାସ ବୋଲି ମେୟର ପୁଷ୍ୟମିତ୍ର କହିଛନ୍ତି।

# ଅରୁଣାଚଳକୁ ପ୍ରଧାନମନ୍ତ୍ରୀଙ୍କ ୫,୧୦୦ କୋଟିର ପ୍ରକଳ୍ପ

ଇଟାନଗର,୨୨।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅରୁଣାଚଳପ୍ରଦେଶରେ ୫,୧୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଉନ୍ମୋଚନ କରିଛନ୍ତି। ସେଥିରେ ୨ଟି ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କଂଗ୍ରେସକୁ ସମାଲୋଚନା କରି ଉକ୍ତ ଦଳ କ୍ଷମତାରେ ଥିବାବେଳେ କୌଣସି ବିକାଶମୂଳକ କାର୍ଯ୍ୟ ନ କରିବାରୁ ଉତ୍ତର-ପୂର୍ବାଞ୍ଚଳକୁ କ୍ଷତି ପହଞ୍ଚାଇଥିଲା ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଯେଉଁ ବିକାଶମୂଳକ କାର୍ଯ୍ୟ କଷ୍ଟସାଧ ତାହାକୁ କଂଗ୍ରେସ ଆଦୌ ନ କରି ଛାଡ଼ିଦେଉଥିଲା। କଂଗ୍ରେସର ଏହି ଅଭ୍ୟାସ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ପାଇଁ ବ୍ୟାପକ କ୍ଷତି ଘଟାଇଥିଲା। ଜଙ୍ଗଲ ଓ ପାର୍ବତ୍ୟାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଏକ ଆହ୍ୱାନ ହୋଇଥିବାରୁ କଂଗ୍ରେସ ଉକ୍ତ ଅଞ୍ଚଳକୁ ପଛୁଆ ଘୋଷଣା କରିବା ସହ ଭୁଲିଯାଉଥିଲା। ରାସ୍ତା ନିର୍ମାଣ ଅସମ୍ଭବ ବୋଲି ଯେଉଁ ଅଞ୍ଚଳକୁ ବିବେଚନା କରାଯାଉଥିଲା, ଏବେ ସେଠାରେ ଆଧୁନିକ ରାଜପଥ। ଯେଉଁ ସେଲା ଟନେଲ ଏକଦା ଚିନ୍ତାର ବାହାରେ ଥିଲା, ଏବେ ତାହା ଅରୁଣାଚଳର ଗର୍ବର ପରିଚୟ ପାଳଟିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।




ଇଟାନଗରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ।

DSPL-273



ଜାତୀୟ ଆୟୁର୍ବେଦ ଦିବସ-୨୦୨୫
ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ସେପ୍ଟେମ୍ବର ୨୩ ତାରିଖକୁ ପ୍ରଥମ ଥର ପାଇଁ ଜାତୀୟ ଆୟୁର୍ବେଦ ଦିବସ ଭାବେ ପାଳନ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ପ୍ରତିବର୍ଷ ଏହା ପାଳନ କରାଯିବ । ଏହି ଦିନର ମହତ୍ତ୍ୱ ହେଉଛି ଶରତକାଳୀନ ସମ-ଦିବାରାତ୍ରି, ଯାହାକି ପ୍ରକୃତିର ସମତୁଳନକୁ ପ୍ରତିଫଳିତ କରିଥାଏ । ଆୟୁର୍ବେଦ ମଧ୍ୟ ଶାରୀରିକ ଓ ମାନସିକ ସନ୍ତୁଳନ ଉପରେ ପର୍ଯ୍ୟବସିତ । ଏହି ଦିନଟି ଆୟୁର୍ବେଦର ମହତ୍ତ୍ୱକୁ ପ୍ରତିପାଦିତ କରେ । ଆୟୁର୍ବେଦ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ, ଏହା ଏକ ଜୀବନଶୈଳୀ ।

ଆଧୁନିକ ଯୁଗରେ ଯେଉଁଠି ଆମେ ଅନେକ ଜୀବନଶୈଳୀ ଜନିତ ରୋଗର ସମ୍ମୁଖୀନ ହେଉଛୁ, ଆୟୁର୍ବେଦ ଆମକୁ ପ୍ରାକୃତିକ ଉପାୟ ସହ ନିଜ ଶରୀର ଓ ମନକୁ ସୁସ୍ଥ ରଖିବା ଉପାୟ ଶିଖାଏ ।

ଚଳିତ ବର୍ଷ ଜାତୀୟ ଆୟୁର୍ବେଦ ଦିବସର ଅନୁଚିନ୍ତା ହେଉଛି "ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ" । ଆସନ୍ତୁ, ଆୟୁର୍ବେଦକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏହାର ସୁଫଳକୁ ଆହୁରି ସୁଦୂରପ୍ରସାରୀ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଜାତୀୟ ଆୟୁର୍ବେଦ ଦିବସ-୨୦୨୫
ଉପଲକ୍ଷେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ
ମନ୍ତ୍ରୀଙ୍କ ବାର୍ତ୍ତା

ଜାତୀୟ ଆୟୁର୍ବେଦ ଦିବସ ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ଏହି ବର୍ଷ ୨୦୨୫ ଠାରୁ ଆୟୁର୍ବେଦ ଦିବସ ପ୍ରଥମ ଥର ପାଇଁ ନିର୍ଦ୍ଧାରିତ ତାରିଖ ୨୩ ସେପ୍ଟେମ୍ବରରେ ପାଳନ କରାଯିବା ଏକ ଐତିହାସିକ ପଦକ୍ଷେପ । ଏହା ଆୟୁର୍ବେଦର ଜାଗୃତି ଓ ନିୟମିତ ଉପଯୋଗିତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଅଛି ।

ଆୟୁର୍ବେଦ ଆମ ପ୍ରାଚୀନ ଜ୍ଞାନଧାରା, ମାନବ ଜୀବନ ଓ ପୃଥିବୀ ସହିତ ସମନ୍ୱୟ ରଖି ନିଜର ଚିକିତ୍ସା ଦୃଷ୍ଟିକୋଣକୁ ପ୍ରସ୍ତୁତ କରିଅଛି । ଏହି ବର୍ଷର ବିଷୟବସ୍ତୁ "ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ" ଆମକୁ ଏହି ଜ୍ଞାନର ଗଭୀର ମୂଲ୍ୟ ବୁଝାଇବା ସହିତ ମାନବ ସ୍ୱାସ୍ଥ୍ୟକୁ ପ୍ରକୃତି ସହିତ ସମନ୍ୱୟ ରଖିବା ଏବଂ ପୃଥିବୀ ପାଇଁ ମଧ୍ୟ ଦାୟିତ୍ୱବୋଧ ଜଗାଇଥାଏ ।

ଆସନ୍ତୁ, ଆମେ ସମସ୍ତେ ଏହି ପ୍ରାଚୀନ ଓ ସ୍ଥାୟୀ ଚିକିତ୍ସା ଜ୍ଞାନକୁ ଆଧୁନିକ ଜୀବନଶୈଳୀରେ ଅନ୍ତର୍ଭୁକ୍ତ କରି ସୁସ୍ଥ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ।

(ଡ. ମୁକେଶ ମହାଲିଙ୍ଗ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମନ୍ତ୍ରୀ, ଓଡ଼ିଶା

OIPR-10056/13/0009/2526

# ବଜ୍ରପାତରେ ଶଳା ଭିଣୋଇଙ୍କ ମୃତ୍ୟୁ

ବେଲପଡା,୨୨।୯ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକର ଡୁଡୁକାମାଲ ଗାଁ ନିକଟରେ ସୋମବାର ଅପରାହ୍ନରେ ବଜ୍ରପାତରେ ଦୁଇ ଜଣ ବ୍ୟକ୍ତିଙ୍କ ପରଲୋକ ଘଟିଛି। ମୃତକ ହେଲେ ବେଲପଡା ବ୍ଲକ ବାଗଦୋର ପଞ୍ଚାୟତ ଅନ୍ତର୍ଗତ ମାଲପଡା ଗ୍ରାମର ଟିକେଧର ମାଝୀ (୩୦) ଓ ତାଙ୍କ ଭିଣୋଇ ଲାଠୋର ଥାନା ଅନ୍ତର୍ଗତ ସାହାଜପାଣି ଗାଁର ଦିଲିପ ମାଝୀ (୩୫)। ସେମାନେ ସମ୍ପର୍କରେ ଦୁହେଁ ଶଳା ଭିଣୋଇ ବୋଲି ଜଣାପଡିଛି।

ପ୍ରକାଶ ଯେ, ସାହାଜପାଣି ଗାଁର ଦିଲିପ କୌଣସି କାମରେ ସକାଳେ ଶଶୁର ଘର ଗାଁ ମାଲପଡାକୁ ବୁଲି ଆସିଥିଲେ। ଶଳା ଭିଣୋଇ କିଛି ସମୟ ଖୁସିରେ ସମୟ ବିତାଇଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଦୁହେଁ ଡୁଡୁକାମାଲ ଗାଁ ନିକଟ ଖାଦାନ (ପୋଖରୀ)କୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ହଠାତ୍ ବର୍ଷା ଓ ଘଡଘଡି ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଉଭୟ ଏକ ଗଛ ମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦିଲିପ ଗତ ୭ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ସ୍ତ୍ରୀ ଓ ଗୋଟିଏ ପୁଅ ଅଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଉଭୟ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।




# ନୂଆପଡ଼ା ଉପନିର୍ବାଚନ: ଇଭିଏମ୍ ଏବଂ ଭିଭିପାଟ୍‌ର ତଦାରଖ

ଭୁବନେଶ୍ୱର,୨୨।୯(ରବିନାରାୟଣ ଜେନା)

ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଉପ-ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହିକ୍ରମରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ୍ ଏବଂ ଭିଭିପାଟ୍ ଗୋଦାମ ଗୃହରେ ସଂରକ୍ଷିତ ଥିବା ୟୁନିଟ୍‌ଗୁଡ଼ିକର ପ୍ରଥମ ପର୍ଯ୍ୟାୟ ତଦାରଖ କରାଯାଇଛି। ଏହି ଅବସରରେ ଜିଲାପାଳ ତଥା ଜିଲା ମୁଖ୍ୟନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ, ଅତିରିକ୍ତ ଶାସନ ସଚିବ ତଥା ଇଭିଏମ୍-ରାଜ୍ୟ ନୋଡାଲ ଅଧିକାରୀ ପ୍ରମୋଦ କୁମାର ସାହୁ, ଉପ ଶାସନ ସଚିବ ଜିତେନ୍ଦ୍ର ପାତ୍ର, ଅତିରିକ୍ତ ଜିଲାପାଳ ତଥା ଜିଲା ଅତିରିକ୍ତ ନିର୍ବାଚନ ଅଧିକାରୀ ସୁବାସ ଚନ୍ଦ୍ର ରଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ ଏବଂ ଆପ୍ ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ: ୩ ଅଟକ

କେନ୍ଦୁଝର,୨୨।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ବିମଳା ସେକ୍ସନର ରାଣିବେଡା ବିଟ ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ସୋମବାର ବନ ବିଭାଗ ଗଳିତ ମୃତଦେହ ଉଦ୍ଧାର କରିଛି। ଏହି ଘଟଣାରେ ବନବିଭାଗ ୩ ଜଣଙ୍କୁ ଅଟକ ରଖିଛି। ଅଭିଯୁକ୍ତମାନେ ହାତୀ ଶିକାର ପାଇଁ ଘର ପାଖ ଏଲ୍‌ଟି ଲାଇନରୁ ତାର ଟାଣି ଜଙ୍ଗଲରେ ବିଛାଇଥିଲେ। ତଦନ୍ତ ବେଳେ ଟାଟା ପାୱାର କମ୍ପାନୀର ଅଧିକାରୀ ଉପସ୍ଥିତ ଥିଲେ ବୋଲି ଡିଏଫ୍‌ଓ ଧନରାଜ ଏଚଡି ସୂଚନା ଦେଇଛନ୍ତି। ମୃତ ମାଈ ହାତୀର ବୟସ ୧୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପ୍ରାୟ ୧୦ ଦିନ ତଳେ ହାତୀର ମୃତ୍ୟୁ ଘଟିଥିବା ବେଳେ ବିଳମ୍ବରେ ଜାଣିବା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ରେଞ୍ଜରେ କିଛି ମାସ ତଳେ ବିଦ୍ୟୁତ୍ ଆଘାତରେ ଏକ ହାତୀର ମୃତ୍ୟୁ ଘଟିଥିଲେ ହେଁ ବିଳମ୍ବରେ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ବନ ବିଭାଗ ୫ ଜଣଙ୍କୁ ଗିରଫ କରିଥିବାବେଳେ ଫରେଷ୍ଟର ଏବଂ ଗାର୍ଡଙ୍କୁ ବଦଳି କରି ଦାୟିତ୍ୱ ଶେଷ କରିଥିଲା। ଉକ୍ତ ରେଞ୍ଜରେ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟୁଥିଲେ ହେଁ ଏ ନେଇ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ୧୪ମାସରେ ଫେରସ୍ତ ହେଲାଣି ୫୦କୋଟି

## ୧,୩୩,୭୫୫ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିଛି ଟଙ୍କା

ଭୁବନେଶ୍ୱର,୨୨।୯ (ରବିନାରାୟଣ ଜେନା)

ରାଜ୍ୟ ସରକାର ଗତ ୧୪ ମାସ ମଧ୍ୟରେ ୧ଲକ୍ଷ ୩୩ ହଜାର ୭୫୫ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଅର୍ଥ ଫେରସ୍ତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ସରକାର ସବୁବେଳେ ଚିନ୍ତିତ ଓ ତାଙ୍କୁ ଫେରସ୍ତ କରିବା ପ୍ରକ୍ରିୟା ଜାରି ରହିଛି।

ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଗତ ୧୪ମାସ ମଧ୍ୟରେ ସରକାର ୪୯,୬୭,୬୮,୫୪୮ଟଙ୍କା ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଫେରସ୍ତ କରିଛନ୍ତି। ସେଥିମଧ୍ୟରେ ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀ, ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀ, ହାଇ-ଟେକ୍ ଇଷ୍ଟେଟସ୍ ଗ୍ରୁପ୍ ଅଫ୍ କମ୍ପାନୀର ଏବଂ ତଦନ୍ତ କମିଶନଙ୍କ ଅନ୍ତରୀଣ ରିପୋର୍ଟରେ ସୁପାରିସ କରାଯାଇଥିବା ଜମାକାରୀଙ୍କୁ ମିଶାଇ ସର୍ବମୋଟ ୧,୩୩,୭୫୫ କ୍ଷତିଗ୍ରସ୍ତ ଜମାକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ତେବେ ତଦନ୍ତ କମିଶନ ତାଙ୍କ ଅନ୍ତରୀଣ ରିପୋର୍ଟରେ ୪,୭୨,୬୫୧ କ୍ଷୁଦ୍ର ଜମାକାରୀଙ୍କୁ କର୍ପସ ପାଣ୍ଠିରୁ ଅର୍ଥ ଫେରସ୍ତ ପାଇଁ ସୁପାରିସ କରିଥିଲେ । ସେମାନଙ୍କ ମଧ୍ୟରୁ ୯୬,୮୦୧ କ୍ଷୁଦ୍ର ଜମାକାରୀଙ୍କୁ ୪୬ କୋଟି ଟଙ୍କା କର୍ପସ ପାଣ୍ଠିରୁ ଫେରସ୍ତ କରାଯାଇଛି। ରାଜ୍ୟ ସରକାର କ୍ଷୁଦ୍ର ଜମାକାରୀମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୩୦୦ କୋଟି ଟଙ୍କାର ଏକ କର୍ପସ୍ ପାଣ୍ଠି ସୃଷ୍ଟି କରିଛନ୍ତି। ରାଜ୍ୟରେ ଆନୁମାନିକ ୨୪,୭୫,୭୮୨ କ୍ଷତିଗ୍ରସ୍ତ ଜମାକାରୀ ୬୮୬୦,୧୪,୪୨,୨୬୩ ଟଙ୍କା ବିଭିନ୍ନ ବେଆଇନ ଆର୍ଥିକ ପ୍ରତିଷ୍ଠାନରେ ପୁଞ୍ଜି ନିବେଶ କରିଛନ୍ତି। ଅଦ୍ୟାବଧି ୩,୧୬,୦୬୩ ଜମାକାରୀଙ୍କୁ ମୋଟ ୧୨୩ କୋଟି ଟଙ୍କା ଫେରସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

# ରାଜ୍ୟର ମୁଣ୍ଡପିଛା ଋଣ ୨୫,୯୮୯ ଟଙ୍କା: ମୁଖ୍ୟମନ୍ତ୍ରୀ

## ଓଡ଼ିଶାର ଋଣ ଭାର ୧.୩୪ ଲକ୍ଷ କୋଟିକୁ ଟପିବ

ଭୁବନେଶ୍ୱର,୨୨।୯ (ରବିନାରାୟଣ ଜେନା)

ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣଭାର ୧ଲକ୍ଷ ୩୪ହଜାର କୋଟି ଟଙ୍କାକୁ ଟପିଯିବ। ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ସୋମବାର ଗୃହକୁ ଦର୍ଶାଇଛନ୍ତି, ୨୦୦୦-୦୧ରେ ରାଜ୍ୟରେ ୨୧ହଜାର ୧କୋଟି ୮୮ଲକ୍ଷ ଟଙ୍କା ଋଣଭାର ଥିବାବେଳେ ଏହା ୨୦୧୩-୧୪ ଆର୍ଥିକବର୍ଷ ଶେଷସୁଦ୍ଧା ୩୮ହଜାର ୬୬୬ କୋଟି ୨୪ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ସେହିପରି ୨୦୨୩-୨୪ ଆର୍ଥିକବର୍ଷ ଶେଷସୁଦ୍ଧା ଏହା ୯୬,୩୧୦କୋଟି ୪୦ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୫-୨୬ ଆର୍ଥିକବର୍ଷ ଶେଷସୁଦ୍ଧା ରାଜ୍ୟର ଋଣଭାର ୧,୩୪, ୯୧୩ କୋଟି ୮୪ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ମୁଖ୍ୟମନ୍ତ୍ରୀ ସୋମବାର ଦର୍ଶାଇଛନ୍ତି, ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ନିଟ୍ ୨୪,୪୦୦ କୋଟି ଟଙ୍କା ଋଣ ଆହରଣ କରିଛନ୍ତି। ଋଣ ପରିମାଣ ହ୍ରାସ ପାଇଁ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜସ୍ୱ ବଳକା ସୃଷ୍ଟିକରି ଋଣ ଉପରେ ଥିବା ନିର୍ଭରଶୀଳତାକୁ ହ୍ରାସ କରିଛନ୍ତି। ଜାତୀୟ ସ୍ୱଳ୍ପ ସଞ୍ଚୟ ପାଣ୍ଠିରୁ ସରକାର ଆଉ କୌଣସି ଋଣ ଆଣୁ ନାହାନ୍ତି। 'ଏସ୍‌ଏଏସ୍‌ସିଆଇ' ଯୋଜନା ଅଧୀନରେ ୫୦ ବର୍ଷର ସୁଧବିହୀନ ଋଣକୁ ପ୍ରାଥମିକତା ଦେଇ ବିଭିନ୍ନ ବିଭାଗରେ ସଂସ୍କାର ଅଣାଯାଉଛି। ଏହି ପଦକ୍ଷେପରୁ ରାଜ୍ୟର ପ୍ରତିବର୍ଷ ସୁଧଦେୟର ଭାର ହ୍ରାସ ପାଉଛି। ଏହାସହିତ ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ତଥା ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମ ଅନୁଯାୟୀ ରାଜ୍ୟର ଋଣଭାର ରାଜ୍ୟ ଜିଏସ୍‌ଡିପିର ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ଆବଶ୍ୟକ। ଏହା ବ୍ୟତୀତ ସୁଧ ଦେୟ ଓ ମୋଟ ରାଜସ୍ୱର ଅନୁପାତ ୧୫ ପ୍ରତିଶତ ମଧ୍ୟରେ ସୀମିତ ରଖାଯିବା ଦରକାର। ତେବେ ରାଜ୍ୟର ଋଣଭାର ଓ ରାଜ୍ୟ ଜିଏସ୍‌ଡିପି ଅନୁପାତ ବର୍ଷ ୨୦୨୪-୨୫ ଶେଷରେ ୧୨.୭୨ ପ୍ରତିଶତ ଏବଂ ସୁଧ ଦେୟ ଓ ରାଜ୍ୟର ମୋଟ ରାଜସ୍ୱର ଅନୁପାତ ଏହି ବର୍ଷରେ ୨.୮୭ ପ୍ରତିଶତ ଅଟେ। ଏହିସବୁ ଅନୁପାତ ଧାର୍ଯ୍ୟ ସୀମାଠାରୁ ଯଥେଷ୍ଟ କମ୍ ଅଟେ। ୨୦୨୪-୨୫ ଆର୍ଥିକବର୍ଷ ଶେଷସୁଦ୍ଧା ରାଜ୍ୟର ମୁଣ୍ଡପିଛା ଋଣ ୨୫,୯୮୯.୩୬ ଟଙ୍କା ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି।




# କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ

## ପଥର ଖସି ରାସ୍ତାରେ ଖାଲ, ମରାମତି କାର୍ଯ୍ୟ ବନ୍ଦ

ଫୁଲବାଣୀ/ଜି.ଉଦୟଗିରି/ଭଞ୍ଜନଗର,୨୨।୯(ରାକେଶ କୁମାର ରାଉତ/ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ/ବାବୁଲା ପ୍ରଧାନ)

ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ସୋମବାର ପୁଣି ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ଯୋଗୁ ୧୫୭ ନଂ. ଜାତୀୟ ରାଜପଥରେ ପୁଣି ଥରେ ପଥର ଖସି ୪୦/୫୦ ଫୁଟର ଖାଲ ସୃଷ୍ଟି ହୋଇଛି। ଗତ ୧୬ ତାରିଖରେ ଉକ୍ତ ଘାଟି ରାସ୍ତାରେ ଭୂସ୍ଖଳନ ହୋଇଥିଲା। ପ୍ରାୟ ୧୦୦ ଫୁଟ ଉଚ୍ଚ ପାହାଡ଼ରୁ ୫୦ ଫୁଟ ଓସାରରେ ମାଟି ଧସିଥିଲା। ବଡ଼ ବଡ଼ ପଥର ଖସି ଜାତୀୟ ରାଜପଥ ଧୋଇ ହୋଇଯାଇଥିଲା। ସେବେଠାରୁ କନ୍ଧମାଳରୁ ଗଞ୍ଜାମ ଜିଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି କିଭଳି ଏହି ରାସ୍ତା କମ୍ ସମୟ ଭିତରେ ସ୍ୱାଭାବିକ ହୋଇପାରିବ ତା'ର ବ୍ୟବସ୍ଥା କରି ମରାମତି କାର୍ଯ୍ୟଚଳାଇ ଥିବା ବେଳେ ଏବେ ପୁଣି ଥରେ ପଥର ଖସିଛି। ମରାମତି କାମ ଚାଲୁଥିବା ସ୍ଥାନରେ ପୁଣି ଭୂସ୍ଖଳନ ଘଟିଥିବା ବେଳେ ପ୍ରବଳ ବର୍ଷା ଓ ପାଣି ସ୍ରୋତରେ ରାସ୍ତା ନିର୍ମାଣ ପାଇଁ ଥିବା ସମସ୍ତ ସାମଗ୍ରୀ ଧୋଇଯାଇଛି। ପଥର ଖସିବା ଯୋଗୁ ଶ୍ରମିକମାନେ କାମ ବନ୍ଦ ରଖିଛନ୍ତି। ପଥର ଖସି ରାସ୍ତାକୁ ଅବରୋଧ କରିଥିବାରୁ ନିର୍ମାଣାଧୀନ କାମରେ ବାଧା ସୃଷ୍ଟି ହେଉଛି। ପାହାଡ଼ ଉପରେ ଅନ୍ୟ ବଡ଼ ପଥର ମଧ୍ୟ ଅଧାରେ ଅଟକି ରହିଛି। ଏହି ସମୟରେ ଜାତୀୟ ରାଜପଥ ସମ୍ବଲପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଶାନ୍ତନୁ ସାହୁ ଓ ଚିଫ୍ କଣ୍ଟ୍ରୋଲିଂ ଇଞ୍ଜିନିୟର ବିକ୍ରମ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ସମୀକ୍ଷା କରିଛନ୍ତି। ପୁଣିଥରେ ଭୂସ୍ଖଳନ ଘଟିବାରୁ ମରାମତି କାମ କେବେ ସମାପ୍ତ ହେବ ସେଥି ନେଇ ଅନିଶ୍ଚିତତା ଦେଖାଦେଇଛି।

ଏ ସମ୍ପର୍କରେ କାମ କରୁଥିବା ସଂସ୍ଥାର ପରିଚାଳକ ଗଜରାଜ ସିଂ କହିଛନ୍ତି ସୋମବାର ଅପରାହ୍ନ ୧ଟାରୁ ୨ଟା ମଧ୍ୟରେ ପ୍ରବଳ ବର୍ଷା ହୋଇଥିଲା। ପାହାଡ଼ରୁ ବଡ ବଡ ପଥର ଖସିବାରୁ ଆମେ ଯେଉଁ କାମ କରିଥିଲୁ, ତାହା ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ପୁଣି କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ସମ୍ବଲପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଶାନ୍ତନୁ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘାଟି ରାସ୍ତା ମରାମତି କାମ ଚାଲିଥିଲା। ଏକ୍ସପର୍ଟ ଟିମ ଆସି ନାହାନ୍ତି। ବର୍ଷା ଯୋଗୁ କାମ ଯାହା ହୋଇଥିଲା ତାହା ଧୋଇଯାଇଛି। ବର୍ଷା କମିଲେ କାମ ଆରମ୍ଭ ହେବ ବୋଲି କହିଛନ୍ତି।





# ୧୫ ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟଙ୍କ ନୋଟିସ

## ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଥିବା ନେଇ ମାମଲା

କଟକ,୨୨।୯(କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ଅଧିନସ୍ଥ ୧୫ଟି ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ଏହି ପଦବୀଗୁଡ଼ିକ ପୂରଣ ପାଇଁ ରୁଜୁ ଏକ ଜନସ୍ୱାର୍ଥ ମାମଲାର ସୋମବାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୫ଟି ବିଶ୍ୱବିଦ୍ୟାଳୟର କୁଳସଚିବମାନଙ୍କୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନଭେମ୍ବର ୧୦ ତାରିଖ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୨ ମସିହାରୁ ନିଯୁକ୍ତି ପ୍ରକ୍ରିୟା ବନ୍ଦ ହୋଇଯାଇଥିବାରୁ ଓଡ଼ିଶାର ୧୫ଟି ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ୨୦୨୫ ମାର୍ଚ୍ଚ ୨୧ ତାରିଖ ସୁଦ୍ଧା ୨୮୫ଟି ଅନୁମୋଦିତ ପ୍ରଫେସର ପଦବୀ ଥିବାବେଳେ ୨୪୨ ପଦବୀ ଖାଲିପଡ଼ିଛି। ସେହିପରି ଅନୁମୋଦିତ ଆସୋସିଏଟ୍ ପ୍ରଫେସର ପଦବୀ ୫୭୮ ମଧ୍ୟରୁ ୪୩୬ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରେ ଅନୁମୋଦିତ ୧୧୪୩ରୁ ୬୫୪ଟି ଖାଲି ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୧୬୧, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୫୮, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୯୫, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୮, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୭୬, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୪୯, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟରେ ୨୦, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭୮, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦୬, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୫, ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟରେ ୯୬ ଅଧ୍ୟାପକ ପଦବୀ ଖାଲିପଡ଼ିଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଜାତୀୟ ଆୟୁର୍ବେଦ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ୩୦।
- କଣ୍ଟ୍ରାକ୍ଟର ଆସୋସିଏଶନ୍ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଫିସ୍ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର୍ ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଶାନ୍ତି କମିଟିର ବୈଠକ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ରାଷ୍ଟ୍ରୀୟ ଅଭିଲେଖାଗାର ଓଡ଼ିଶା ପକ୍ଷରୁ ୧୮ତମ ମାସିକ ଆଲୋଚନାଚକ୍ର, ସ୍ଥାନ: ରାଷ୍ଟ୍ରୀୟ ଅଭିଲେଖାଗାର, ଏମ୍,୭୯, ମଧୁସୂଦନ ନଗର, ସମୟ: ଅପରାହ୍ନ ୫ଟା।
- ସ୍ୱରାଞ୍ଜଳୀ ପକ୍ଷରୁ 'ଲତା ନାଇଟ୍' ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଜନକଲ୍ୟାଣ କ୍ଲବ୍‌ର ୫୭ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କ୍ଲବ୍ ପରିସର, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଫେସର ଡ. ଜଗନ୍ନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ୨୩ତମ ସ୍ମୃତି ସମାରୋହ, ସ୍ଥାନ: ଇନ୍‌ଷ୍ଟିଚ୍ୟୁସନ ଅଫ୍ ଇଞ୍ଜିନିୟର୍ସ ଅଡ଼ିଟୋରିୟମ୍, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ଗବେଷଣା ଓ ପ୍ରକାଶନ ନୀତି-୨୦୨୫ ସମ୍ପର୍କିତ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ମିଶନ ଶକ୍ତି ଗୋଷ୍ଠୀ ସହାୟକ କର୍ମଚାରୀଙ୍କ ଗଣଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ବାସୁଦେବପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ପିଲା ଗଣେଶ ଭସାଣି, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଞ୍ଚାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଡାକବଙ୍ଗଳା ପରିସର, ଆଗରପଡ଼ା, ସମୟ: ଅପରାହ୍ନ ୪ଟା।
- ବିଶିଷ୍ଟ ଐତିହାସିକ ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମୃତି ସନ୍ଧ୍ୟା, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦୁଝର**
- ମା' ଗଡ଼ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା ।

**ମୟୂରଭଞ୍ଜ**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଓଡ଼ିଶା ପ୍ରାଦେଶିକ ଆୟୁର୍ବେଦ ସମ୍ମିଳନୀ, ସ୍ଥାନ: ୟୁନିୟନ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ୬୮ତମ ଆନ୍ତର୍ଜାତିକ ବଧିର ସପ୍ତାହ ପାଳନ, ସ୍ଥାନ: ଢେଙ୍କାନାଳ ଜିଲା ଲେଖକ ସଂସଦ, ସମୟ:ସକାଳ ୯ଟା।

**ଜଗତ୍‌ସିଂହପୁର**
- ମିଶନ ବାତ୍ସଲ୍ୟ ଅନ୍ତର୍ଗତ ଏସ୍‌ଏଫ୍‌ସିଏସି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ଟିବି ଫୋରମ ବୈଠକ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜଗତ୍‌ସିଂହପୁର ପୁସ୍ତକ ମେଳା କମିଟି କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ମାଇଁ ଏନ୍‌ସିସି ଆଲୁମ୍ନି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ:ସକାଳ ୮ଟା।

**ଯାଜପୁର**
- ମା' ବିରଜା ଦେବୀଙ୍କ ଶାରଦୀୟ ଦୁର୍ଗୋତ୍ସବ ଅବସରରେ ରଥୋପରି ଷୋଡ଼ଶ ଉପଚାର ପୂଜା ଓ ରଥ ଚାଳନା, ସ୍ଥାନ : ମା ବିରଜା ମନ୍ଦିର ପରିସର, ସମୟ: ଅପରାହ୍ନ ସାଢ଼େ ୩ଟା।

**ନୟାଗଡ଼**
- ବିମଳାଙ୍କ ଷୋଡଶ ପୂଜାର ଦଶମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।
- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ରଣପୁର ବ୍ଲକ ଦେଉଳି ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ସାଢ଼େ ୯ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ଦଶମ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ଷୋଡଶ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ଷୋଡଶ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ସପ୍ତମ ଦିବସ, ସ୍ଥାନ:ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- ମହାବୀରଙ୍କ ଦଶମ ବାର୍ଷିକ ନାମଯଜ୍ଞର ଅଧିବାସ ଦିବସରେ ପାହାଡ ଶିଖରରେ ଭକ୍ତମାନଙ୍କ ସମାଗମ, ସ୍ଥାନ:ନୟାଗଡ ବ୍ଲକ ରାଜଗିରି ପାହାଡ, ସମୟ:ସକାଳ ୮ ଟା ।

**ରାୟଗଡ଼ା**
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା, ସ୍ଥାନ: ମୁନିଗୁଡ଼ା କମ୍ୟୁନିଟି ହଲ୍ ପରିସର, ସମୟ: ସକାଳ ୯ ଟା ।

**ନବରଙ୍ଗପୁର**
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ରାଇଘର ରାଇଘର ବ୍ଲକ ଗୁରୁଡ଼ିହି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପ ସମୀକ୍ଷା, ସ୍ଥାନ: ରାୟଗଡ଼ା ଜିଲାପାଳ କାର୍ଯ୍ୟାଳୟ,
- ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ସ୍ୱୋସାଲିଷ୍ଟ ସ୍ୱାସ୍ଥ୍ୟମେଳା, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାବଣାଗୁଡା, ଜୟପୁର, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲମତାପୁଟ, ସମୟ: ସକାଳ ୯ଟା।
- ଜଙ୍ଗଲ ଅଧିକାର ଆଇନ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ କୋରାପୁଟ ବ୍ଲକ ଗସ୍ତ, ସ୍ଥାନ: କୋରାପୁଟ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ପାଳନ ନେଇ ନନ୍ଦପୁର ପୋଲିସ,ପ୍ରଶାସନର ପ୍ରସ୍ତୁତି ବୈଠକ, ସ୍ଥାନ: ନନ୍ଦପୁର ଥାନା ପରିସର, ସମୟ: ଅପରାହ୍ନ ୪ଟା।
- ନୀତିଆୟୋଗର ପ୍ରଥମ ହଜାର ଦିନ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ଅନେଶ୍ୱା ହଷ୍ଟେଲର ବିଭିନ୍ନ ସାମଗ୍ରୀ କିଣା ନେଇ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

**ମାଲକାନଗିରି**
- ଜଳ ଓ ପରିମଳ ସ୍ୱଚ୍ଛତା ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: ମାଲକାନଗିରି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଦଶହରା ମାନସିକ ଦୀପ ପ୍ରଜ୍ୱଳନ, ସ୍ଥାନ : ସମଲେଇ ମନ୍ଦିର ପରିସରସ୍ଥ ଦୀପ ଘର, ସମୟ : ସକାଳ ୬ଟା।
- ରଣେଶ୍ୱର ରାମଚଣ୍ଡି ପୀଠରେ ନବରାତ୍ର କାର୍ଯ୍ୟକ୍ରମ, ସ୍ଥାନ : ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ : ସକାଳ ୮ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ମା' ସମଲେଇଙ୍କ ଧବଳମୁଖି ବେଶ ଦର୍ଶନ ନିତି, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସମୟ : ପ୍ରାତଃ ୫ଟା ପୂର୍ବାହ୍ନ ୧୧ଟା ୪୫।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଶ୍ରୀରାମ ଲିଳା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

**ବରଗଡ଼**
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

**କଳାହାଣ୍ଡି**
- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଦରମା ପ୍ରଦାନ ଦାବିରେ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ରଙ୍କ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମୁଖ,ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରବାସୀ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାବା ଖଣ୍ଡୁଆଳ ଖେଳ ପଡିଆ, ଥୁଆମୂଳ ରାମପୁର, ସମୟ: ଅପରାହ୍ନ ୪ ଟା।

**ବୌଦ୍ଧ**
- ମନମୁଣ୍ଡାକୁ ଏନ୍‌ଏସି ଘୋଷଣା ଦାବିରେ ୧୨ ଘଣ୍ଟିଆ ମନମୁଣ୍ଡା ବନ୍ଦ, ସ୍ଥାନ: ମନମୁଣ୍ଡା, ସମୟ ସକାଳ ୬ଟା।
- ବନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଗଜାନନ ନର୍ସରୀ, ବାମଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ନବରାତ୍ର ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପ୍ରନ୍ଥା ପାଇଁ ଆଲୋଚନା, ସ୍ଥାନ: ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ନବାହ୍ନ ପାରାୟଣର ଷଷ୍ଠ ଦିବସ,ସ୍ଥାନ: କର୍ଡ଼ାପାଲ,ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ରର ଦ୍ୱିତୀୟ ଦିବସ ପୂଜାର୍ଚ୍ଚନା, ସ୍ଥାନ: ଅମରପାଲି ଦୁର୍ଗାମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।

**ନୂଆପଡ଼ା**
- ଶ୍ରୀଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ନବରାତ୍ର ପୂଜା, ମା' ଶୈଳପୁତ୍ରୀ,ବ୍ରହ୍ମଚାରିଣୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡିଆ ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରେସନ ଭବନ, ଖଡ଼ିଆଳ, ସମୟ: ସକାଳ ୯ ଟା।
- ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତିଙ୍କ ଯୋଗଦାନ, ସ୍ଥାନ: ଅଗ୍ରେସନ ଭବନ ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ସପ୍ତମ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡା, ସମୟ: ପୂର୍ବାହ୍ନ ୧୧ ଟା
- ନାଗବାଚା ଗାଦି ଯାତ୍ରା ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁଳିଗୁଣ୍ଡି ଗାଁ, ସମୟ: ଅପରାହ୍ନ ୫ ଟା ୩୦।

## ସାହସ ଥିଲେ ୭ ଦିନରେ ଛାତ୍ର ସଂସଦ ନିର୍ବାଚନର ବିଜ୍ଞପ୍ତି କାଢ଼ନ୍ତୁ: ଛାତ୍ର ବିଜେଡି

**ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)**

ଭାଜପା ସରକାରକୁ ଆସିବାର ୧୫ ମାସ ବିତିଯାଇଥିଲେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ନ କରିବା ଯୋଗୁ ଛାତ୍ରୀଛାତ୍ରଙ୍କ ମନରେ ଆକ୍ରୋଶ ସୃଷ୍ଟି ହୋଇଛି। ଏବିଭିପି ଓ ଭାଜପା ଯୁବମୋର୍ଚ୍ଚା ମଧ୍ୟରେ ଥିବା ଆନ୍ତଃକନ୍ଦଳ ଲାଗି କଲେଜ କ୍ୟାମ୍ପସ ଅଶାନ୍ତ ହୋଇଛି ବୋଲି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍‌ସୀତା ସାହୁ କହିଛନ୍ତି, ଚଳିତ ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୧୯ ଜଣ ଛାତ୍ରୀ ଯୌନ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାର ସକାରାତ୍ମକ ଥିବା କଥା ଉଚ୍ଚଶିକ୍ଷା ମନ୍ତ୍ରୀ ବାରମ୍ବାର ଗଣମାଧ୍ୟମରେ କହୁଛନ୍ତି କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାର ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ଯଦି ସାହସ ଅଛି ସରକାର ଆଗାମୀ ସପ୍ତାହକ ମଧ୍ୟରେ ଛାତ୍ର ସଂସଦ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ଇପ୍‌ସୀତା କହିଛନ୍ତି।

## ଜିଏସ୍‌ଟିରେ ସୁଧାର ସାଧାରଣ ଜନତାଙ୍କ ଲାଗି ଐତିହାସିକ ପଦକ୍ଷେପ: ମନମୋହନ

**ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)**

ଓଡ଼ିଶା ତଥା ସମଗ୍ର ଦେଶରେ ସୋମବାରଠାରୁ ନୂତନ ଜିଏସ୍‌ଟି ସୁଧାର ଲାଗୁ ହୋଇଛି। ଏହାଦ୍ୱାରା କେବଳ ଜିଏସ୍‌ଟି ହାର ବା ଟିକସରେ କମ୍ ହେବ ନାହିଁ ବରଂ ଏହା ସାଧାରଣ ଜନତାଙ୍କ ଜୀବନଯାପନରେ ଏକ ବ୍ୟାପକ ପରିବର୍ତ୍ତନକାରୀ ଐତିହାସିକ ପଦକ୍ଷେପ। ରାଜ୍ୟବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ତଥା ଧନ୍ୟବାଦ ଜ୍ଞାପନ କରୁଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଦିନ ଲାଲକିଲ୍ଲାର ପ୍ରାଚୀରରୁ ପ୍ରଧାନମନ୍ତ୍ରୀ ମୋଦି ଦଶହରା, ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜିଏସ୍‌ଟି ଉପହାର ଦେବାକୁ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ୩ ତାରିଖରେ ୫୬ ତମ ଜିଏସ୍‌ଟି ପରିଷଦ ବୈଠକରେ ସମସ୍ତ ରାଜ୍ୟର ସହମତିରେ 'ଆଗାମୀ ପିଢ଼ିର ଜିଏସ୍‌ଟି ସୁଧାର'କୁ ଗୃହୀତ କରାଯାଇଛି। ବିକଶିତ ଭାରତର ଗଠନ ପାଇଁ ଗରିବ, ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ ବର୍ଗକୁ ପ୍ରାଧାନ୍ୟ ଦେଇ ବିରାଟ ଆର୍ଥିକ ସଂସ୍କାର କରାଯାଇଛି। ଏହା କେବଳ ଦୀପାବଳି ଉପହାର ନୁହେଁ ବରଂ ନୂଆ ପିଢ଼ି ପାଇଁ ଏବଂ ବିକଶିତ ଭାରତର ସ୍ରଷ୍ଟାଙ୍କ ପାଇଁ ଉପହାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୧ବର୍ଷ ଶାସନକାଳ ମଧ୍ୟରେ ଆର୍ଥିକ ଶୃଙ୍ଖଳା ଓ ଦୂରଦର୍ଶୀ ନୀତି ପାଇଁ ଭାରତ ବିଶ୍ୱର ସବୁଠାରୁ ଦୃଢ଼ ଓ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତି ହୋଇପାରିଛି। ନୂତନ ପିଢ଼ିର ଜିଏସ୍‌ଟି ସୁଧାର ଦ୍ୱାରା ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଦେଶବାସୀଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିବ ଓ ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜଭୁତ ଶକ୍ତି ଓ ଗତି ପ୍ରଦାନ କରିବ ବୋଲି ମନମୋହନ କହିଛନ୍ତି। ଆଗାମୀ ପିଢ଼ିର ଜିଏସଟି ସୁଧାର କାରଣରୁ ଓଡ଼ିଶାର କୋଟି କୋଟି କୃଷକଙ୍କ ଆୟରେ ଆଖି ଦୃଶିଆ ଅଭିବୃଦ୍ଧି ହେବ। ୧୫ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ଓ ତାଙ୍କ ପରିବାର ବର୍ଗ ଆର୍ଥିକ ଦୃଷ୍ଟିରୁ ଆହୁରି ସଶକ୍ତ ହେବେ। କୋଇଲାରେ ସେସ୍ ହଟାଇ ଦିଆଯିବା ଓ ଜିଏସ୍‌ଟି ହାରରେ ପରିବର୍ତ୍ତନ ଯୋଗୁ ଓଡ଼ିଶାର ରାଜସ୍ୱରେ ଅଭିବୃଦ୍ଧି ହେବ ବୋଲି ସେ କହିଛନ୍ତି।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହା ନ ଖାଇବେ ଝିଅ**
**ତାକୁ ଜୋଇଁଙ୍କ ପତରେ ଦିଅ।**

ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଖୁବ୍ ଚର୍ଚ୍ଚା କରାଯାଇଥାଏ। ତାଙ୍କ ଖାଇବା ପିଇବାରେ ଯେମିତି କିଛି ଊଣା ରହି ନ ଯାଏ ସେନେଇ ବିଶେଷ ଦୃଷ୍ଟି ଦିଆଯାଇଥାଏ। ପରନ୍ତୁ ଝିଅକୁ ଯାହି ତାହି କରି ଖାଇବାକୁ ଦେଲେ ବି ଚଳିଯାଏ। ଯେହେତୁ ଘର କଥା, ଝିଅ ଚଳେଇ ଦେଇଥାଏ। ଅନ୍ୟ ଅର୍ଥରେ ଯେଉଁ ଖାଦ୍ୟ ଜିନିଷ ଖରାପ ଲାଗୁଥିବା କାରଣରୁ ଝିଅକୁ ଦେବାକୁ ଇଚ୍ଛା ହେଉ ନ ଥାଏ ତାକୁ ଜ୍ୱାଇଁଙ୍କୁ ଦେବା ଲାଗି କଥା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହା ମନ ଯହିଁକି ଯାଏ**
**ପଲାଉ ଫିଙ୍ଗି ପଖାଳ ଖାଏ।**

ପ୍ରତ୍ୟେକ ବ୍ୟକ୍ତି ନିଜସ୍ୱ ରୁଚି ବା ପସନ୍ଦ ଅନୁସାରେ ଖାଦ୍ୟ ଚୟନ କରିଥାନ୍ତି। ମନୁଷ୍ୟର ରୁଚି, ଶ୍ରଦ୍ଧା ଅଶ୍ରଦ୍ଧା ତାହାର ମନ ଉପରେ ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ପ୍ରଥମ ପୃଷ୍ଠାରୁ...

### ଚୌଦ୍ୱାର ଥାନାରେ...

ତଥ୍ୟ ଜଣାପଡ଼ିବ ବୋଲି ସାଧାରଣରେ ଦାବି ହେଉଛି। ମୃତକଙ୍କ ସାନ ଭାଇଙ୍କ ଅଭିଯୋଗ ଅନୁସାରେ ଏକ ଗାଡ଼ି ଚୋରି ମାମଲାରେ ଚୌଦ୍ୱାର ପୋଲିସ ଶନିବାର ରାତିରେ ରସାନନ୍ଦଙ୍କୁ ଘରୁ ଉଠାଇ ଆଣିଥିଲା। ଥାନାର ମୁଖ୍ୟ କୋଠରି ମରାମତି କାର୍ଯ୍ୟ ଚାଲୁଥିବାରୁ ଥାନାଠାରୁ ପ୍ରାୟ ୨୦୦ମିଟର ଦୂରରେ ଥିବା ପୋଲିସ ବାରାକ୍ ପରିସରରେ ରସାନନ୍ଦକୁ ରଖିଥିଲେ । ସେଠାରେ ରସାନନ୍ଦଙ୍କୁ ଥାର୍ଡ ଡିଗ୍ରୀ କରିବା ସହ ମାଡ଼ ମାରିଥିଲେ। ପରେ ରାତିରେ ରସାନନ୍ଦଙ୍କ ସୂଚନା ଆଧାରରେ ୨ଟି ବାଇକ୍ ଏବଂ ଗୋଟିଏ ମୋବାଇଲ୍ ପୋଲିସ ଜବତ କରିଥିଲା। ଏପରି କି ରସାନନ୍ଦଙ୍କ ସାନ ଭାଇଙ୍କୁ ମଧ୍ୟ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ଅଧିକ ପଚରାଉଚରା ସମୟରେ ୩ ଜଣ ପୋଲିସ ରସାନନ୍ଦଙ୍କ ଅଣ୍ଟା, ପିଠା, ଗୋଡ଼କୁ ନିସ୍ତୁକ ମାଡ ମାରିବା ସହ ମିଛ ଗଞ୍ଜେଇ କେସ୍‌ରେ ତାଙ୍କ ସ୍ତ୍ରୀକୁ ଫସେଇ ଦେବୁ ବୋଲି ପୋଲିସ ଧମକ୍ ମଧ୍ୟ ଦେଇଥିଲା। ରସାନନ୍ଦ ପୋଲିସର ମାଡ଼ ସହ୍ୟ କରି ନ ପାରି ଏଥିରୁ ବର୍ତ୍ତିବା ପାଇଁ ପରିସ୍ରା ବାହାନା ଦେଖାଇ ବାରାକ୍‌ର ପାଇଖାନାକୁ ଯାଇଥିଲେ। ପାଇଖାନାରୁ ଅଧିକ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପୋଲିସର ସନ୍ଦେହ ହୋଇଥିଲା। ପରେ ଯାଇ ଦେଖିଲା ବେଳକୁ ରସାନନ୍ଦ ବେକରେ ପୋଲିସର ହୁଇସିଲ୍ ଫିତା ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ପୋଲିସ ଲୁଚାଇବାକୁ ଭରପୁର ଚେଷ୍ଟା କରିଥିଲା। ଏପରି କି ରସାନନ୍ଦଙ୍କ ମୃତଦେହକୁ ପିସିଆର ଭ୍ୟାନ୍‌ରେ କଟକ ବଡ଼ ମେଡିକାଲ ନେଇ ଯାଇଥିଲା। ରସାନନ୍ଦଙ୍କୁ ଯେଉଁ ୩ ପୋଲିସ କର୍ମଚାରୀ ମାଡ଼ ମାରିଛନ୍ତି ଏବଂ ଆତ୍ମହତ୍ୟା ପାଇଁ ଦାୟୀ ରହିଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତକଙ୍କ ସ୍ତ୍ରୀ ଦାବି କରିଛନ୍ତି।

### ଅଗ୍ରାହ୍ୟ ହେଲା...

ସ୍ଥିତିରେ ନାହିଁ, ଯେଉଁଥିଲାଗି ଏହି ନୋଟିସ୍ ଆଲୋଚନାକୁ ଆଣିପାରୁ ନ ଥିବା କହିଥିଲେ। ଗୃହ କାର୍ଯ୍ୟ ସ୍ୱାଭାବିକ ହେଲେ ଏହା ଆଲୋଚନା ପାଇଁ ଅଣାଯିବ ବୋଲି କହିଥିଲେ। ହେଲେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରିଲା ନାହିଁ। ଅନାସ୍ଥା ନୋଟିସ୍ ଆସିବାର ଦିନକ ପରେ ତାହା ଗୃହକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିୟମାନୁଯାୟୀ ଅନାସ୍ଥା ନୋଟିସ୍ ଆସିବାର ଦିନକ ପରେ ଏହା ଗୃହରେ ଆଲୋଚନା ପାଇଁ ଅଣାଯିବା କଥା। ହେଲେ ସେହି ସମୟରେ ଗୃହ ସ୍ୱାଭାବିକ ରହିଲା ନାହିଁ। ଯେଉଁଥିଲାଗି ଏହାର ସମୟ ଅବଧି ଚାଲିଯାଇଛି। ସେଥିପାଇଁ ଅନାସ୍ଥା ନୋଟିସ୍ ଅଗ୍ରାହ୍ୟ ହୋଇଛି ବୋଲି ବାଚସ୍ପତି କହିଥିଲେ। ବାଚସ୍ପତିଙ୍କ ଏହି ସ୍ପଷ୍ଟୋକ୍ତି ପରେ ଗୃହ ଭିତରେ କଂଗ୍ରେସ ସଦସ୍ୟମାନେ ନିଜ ଆସନରେ ଠିଆ ହୋଇ ପ୍ରତିବାଦ କରିଥିଲେ। ଏହାପରେ ସେମାନେ ବାଚସ୍ପତିଙ୍କ ପୋଡିୟମ ତଳକୁ ଯାଇ ସରକାର ବିରୋଧୀ ନାରା ଦେଇଥିଲେ। କିଛି ସମୟ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା କହିଥିଲେ, ତାଙ୍କ ଦଳର ସଂଖ୍ୟା ଗୃହରେ କମ୍ ଥିବା ଯୋଗୁ ତାଙ୍କ କଥାକୁ ଅଣଦେଖା କରାଯାଉଛି। ଯେଉଁଥିପାଇଁ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରି ଗାନ୍ଧୀ ମୂର୍ତ୍ତି ତଳେ ଯାଇ ଧାରଣାରେ ବସିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାମଚନ୍ଦ୍ର କାଡାମ କହିଛନ୍ତି, ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ଭାଜପା ଏବଂ ବିଜେଡି ମିଶିକି ଗୃହକୁ ଜାଣିଶୁଣି ଅଚଳ ରଖୁଛନ୍ତି। କିଛି ସମୟ ପରେ ବାଚସ୍ପତି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କୁ ଦାୟିତ୍ୱ ଦେଇଥିଲେ କଂଗ୍ରେସ ସଦସ୍ୟମାନଙ୍କୁ ଗୃହକୁ ଆସିବା ଲାଗି ଯାଇ ବୁଝାନ୍ତୁ। କିଛି ସମୟ ପରେ ସରକାରୀ ଦଳ ମୁଖ୍ୟ ସଚେତକ ଫେରି ଗୃହରେ ବାଚସ୍ପତିଙ୍କୁ ଜଣାଇଥିଲେ, କଂଗ୍ରେସ ସଦସ୍ୟମାନେ ଗୃହକୁ ଫେରିବାକୁ ରାଜି ହୋଇଛନ୍ତି। ହେଲେ ସେମାନେ ଆଲୋଚନା କରିବା ପରେ ଜଣାଇବେ ବୋଲି କହିଛନ୍ତି।

ସେହିପରି ସୋମବାର ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସଦସ୍ୟମାନେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ପୋଡିୟମ ତଳକୁ ଯାଇ ପ୍ରବଳ ହଟ୍ଟଗୋଳ କରିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟମାନେ ନିଜ ଆସନରେ ଠିଆ ହୋଇ ପ୍ରତିବାଦ କରିଥିଲେ। ଅନାସ୍ଥା ନ ଆଣିବାକୁ ଫନ୍ଦି କରାଯାଇଛି ବୋଲି ଅଭିଯୋଗ କରିବା ସହିତ 'ବିଜେଡି-ଭାଜପା ଭାଇ ଭାଇ ଅନାସ୍ଥା ପ୍ରସ୍ତାବ ଆଣନ୍ତି ନାହିଁ' ଲେଖାଥିବା ପୋଷ୍ଟର, ପ୍ଲାକାର୍ଡ ଦେଖାଇ ହୋହଲ୍ଲା କରିଥିଲେ। ଏଭଳି ସ୍ଥିତି ପରେ ୭ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିଲା। ବାଚସ୍ପତି ୭ ମିନିଟ୍ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଗୃହରେ ଆସିଲେ ବିଚାର କରାଯିବ ବୋଲି ପୂର୍ବରୁ କହିଥିବା ବିଜେଡି ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଥିଲା। ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟ ଚାଲିବା ପାଇଁ ବିଜେଡି ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଫଳରେ ଗତ ୧୮ ତାରିଖରୁ ଚାଲିପାରୁ ନ ଥିବା ବିଧାନସଭା ସ୍ୱାଭାବିକ ସ୍ଥିତିକୁ ଫେରିଥିବାର ଦେଖିବାକୁ ମିଳିଥିଲା। ହେଲେ କଂଗ୍ରେସର ଅନାସ୍ଥା ପ୍ରସ୍ତାବ ଅଗ୍ରାହ୍ୟ ହେବାପରେ ମଧ୍ୟ ବିରୋଧୀ ଦଳର କୌଣସି ସଦସ୍ୟ ପଦୁଟିଏ କହି ନ ଥିଲେ।

### ବଲଙ୍ଗା ପୀଡ଼ିତା ନିଜେ...

ବଲଙ୍ଗା ଥାନାରେ ଅଭିଯୋଗ କରିଥିଲେ, କେଜେଣ ଅଜଣା ବ୍ୟକ୍ତି ତାଙ୍କ ଝିଅକୁ ବଳପୂର୍ବକ ନଦୀକୂଳକୁ ନେଇ କିରୋସିନ ଏବଂ ପେଟ୍ରୋଲ ଢାଳି ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଏହିଆଧାରରେ ବଲଙ୍ଗା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସ୍ଥାନୀୟ ଗ୍ରାମବାସୀ ପୀଡ଼ିତା ଝିଅକୁ ପୋଡ଼ିଯାଇଥିବା ଅବସ୍ଥାରେ ପିପିଲି ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ଓ ସେହିଦିନ ପୀଡ଼ିତାଙ୍କୁ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୨୦ରେ ପୀଡ଼ିତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ସରକାରଙ୍କ ତରଫରୁ ବିମାନ ଯୋଗେ ଦିଲ୍ଲୀର ଏମ୍ସକୁ ପଠାଯାଇଥିଲା। ଦିଲ୍ଲୀ ଏମ୍ସରେ ପ୍ରାୟ ୧୪ ଦିନ ଚିକିତ୍ସା ଚାଲିଥିବାବେଳେ ଅଗଷ୍ଟ ୨ରେ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିଲା। ଏମ୍ସରେ ଚିକିତ୍ସା କରୁଥିବା ଡାକ୍ତର ପୀଡ଼ିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଲିପିବଦ୍ଧ କରିଥିଲେ। ଉଭୟ ଜମାନବନ୍ଦୀରେ ପୀଡ଼ିତା କହିଥିଲେ, ସେ ନିଜେ ନିଜ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦୀର୍ଘଦିନାନ୍ତେ କର୍ମକ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟିହେବ। ସଭାସମିତିରେ ଉନ୍ନତ ଆଲୋଚନା ସାଙ୍ଗକୁ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ସହକର୍ମୀଙ୍କ ସହଯୋଗରେ ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତାକୁ ଦୂରେଇବାରେ ନୂତନ କୌଶଳ ଅବଲମ୍ବନ କରିବେ।

**ବୃଷ**
ପରିବାରର ବାରଣ ନ ମାନି ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର ତିଆରି, ଯାନବାହନ ମରାମତି ଏବଂ ଦୋକାନର ଉନ୍ନତି କାରଣରୁ ଉପକୃତ ହେବେ। ଆନୁଷ୍ଠାନିକ କାମରେ ଟେନ୍‌ସନ ଲାଗିରହିବା ସୂଚନା ରହିଛି। ବିଗତ ଦିନରେ ଘଟିଯାଇଥିବା ଘଟଣାର ମୋଡ଼ ବଦଳିଯାଇପାରେ।

**ମିଥୁନ**
ଆଜି ଆନୁଷ୍ଠାନିକ କାମରେ ନିୟୋଜିତ ହେବେ। ଜମିଜମା,ପୁରୁଣା ଗାଡ଼ି କିମ୍ବା ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇପାରନ୍ତି। ଗୃହସୀମାକୁ କେନ୍ଦ୍ରକରି ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟିହେବ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କର୍କଟ**
ଆପଣଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପଛରେ ବହୁ ସମାଲୋଚନା ଶୁଣିବାକୁ ପଡ଼ିବ। ଆଜି ଟଙ୍କା ପଇସା ଦିଆନିଆରେ ସତର୍କ ରହିବା ଭଲ ହେବ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ ଯାହାକି ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧିପାଇବ।

**ସିଂହ**
କର୍ମକ୍ଷେତ୍ରରେ ଅଳସୁଆମି, ଅବହେଳା ଏବଂ ଅବିଚାର ଯୋଗୁ କାମଟି ବିଗିଡ଼ିଯାଇପାରେ। ପୁତ୍ରକନ୍ୟାହେତୁକ ସମସ୍ୟା ଦୁଶ୍ଚିନ୍ତା ସୃଷ୍ଟିକରିବ। ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମର ସାମ୍ନା କରିବାକୁ ପଡ଼ିବ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସାଂସ୍କୃତିକ କାର୍ଯ୍ୟରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
ଆଜି ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମ ଠିକ୍ ଭାବେ ସମ୍ପନ୍ନହେବା କଷ୍ଟକରହେବ। ସାମ୍ନାରେ ମିଠାକଥା କହି ପରୋକ୍ଷରେ ଶତ୍ରୁତା କରୁଥିବା ଲୋକଙ୍କ ପ୍ରତି ସତର୍କ ରହିବା ଭଲ। ନିର୍ମାଣାଧୀନ କାମକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆପଣଙ୍କ ସେବା ଓ ପରୋପକାର ପ୍ରବୃତ୍ତିରୁ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧିପାଇବ।

**ତୁଳା**
କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବେ। ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**
ସମସ୍ୟା ଲାଗି ରହିଥିଲେ ମଧ୍ୟ ଆଜି କୌଣସି କାମ ଅଟକି ରହିବନାହିଁ। ପ୍ରକୃତ ସତ୍ୟ ଉପଲବ୍ଧି ନ କରି ଘଟଣାକୁ ନେଇ ଅତିରିକ୍ତ ଭାବରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ। ପ୍ରଶାସନିକ କ୍ଷେତ୍ରର ଆଲୋଚନା ପରିସରରେ ସାମୟିକ ଯୁକ୍ତିତର୍କର ସମ୍ଭାବନା ରହିଛି।

**ଧନୁ**
ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କର୍ମାରମ୍ଭ କରି ଆତ୍ମସନ୍ତୋଷ ଲାଭକରିବେ। ବନ୍ଧୁମିଳନ ଅବସରରେ ପରିଜନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇଦେଇପାରନ୍ତି। କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଆନନ୍ଦିତ ହୋଇପାରନ୍ତି।

**ମକର**
ମନକଥାକୁ ମନରେ ରଖି ମୁହଁରେ ହସ ଫୁଟାଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। ଆଜି ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କିମ୍ବା ବାଣିଜ୍ୟାରମ୍ଭ ପାଇଁ ମନ ବଳାଇପାରନ୍ତି। କିଛିଟା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ।

**କୁମ୍ଭ**
ପଡ଼ୋଶୀଙ୍କ ସହ ସୁସମ୍ପର୍କ ଅଭାବରୁ ବିବାଦଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶକୁ ଶ୍ରେୟ ମନେ କରିପାରନ୍ତି। ନୀଚ ସଂସର୍ଗରୁ ଦୂରେଇରହନ୍ତୁ ନଚେତ୍ ସମାଲୋଚିତ ହେବାକୁ ପଡ଼ିପାରେ। ଚେଷ୍ଟା କରୁଥିବା କାମରେ ଆନୁଷଙ୍ଗିକ ସାହାଯ୍ୟ ନିଶ୍ଚିତ ଲାଭ କରିବେ।

**ମୀନ**
ମାନସିକ ଅସ୍ଥିରତା କାରଣରୁ ଆଜି କାମ ଉତ୍ସାହପ୍ରଦ ହେବନାହିଁ। ପରିବାରର ଖର୍ଚ୍ଚ ଭାର କ୍ରମଶଃ ବଢ଼ି ବଢ଼ି ଯିବା କାରଣରୁ ମନରେ ସରସତା ରହି ନ ପାରେ। କର୍ମକ୍ଷେତ୍ରରେ, ସଭାସମିତିରେ,ରାଜନୈତିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ସେପ୍ଟେମ୍ବର ୨୩ ତାରିଖ ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର-ଦିବା ଘ.୦୧।୪୦ ପର୍ଯ୍ୟନ୍ତ ହସ୍ତା/କନ୍ୟା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫।୩୯ ଗତେ, ଘ.୦୬।୨୭ ମଧ୍ୟେ, ଘ.୦୮।୩୯ ଗତେ, ଘ.୧୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୮ ଗତେ, ଘ.୦୪।୦୮ ମଧ୍ୟେ ରାହୁକାଳ।

# ଧରିତ୍ରୀର ବରିଷ୍ଠ ସହସମ୍ପାଦକଙ୍କ ମାତୃ ବିୟୋଗ

ମଙ୍ଗୁଳି–ଜଗତପୁର,୨୨।୯
(ମାନସ କୁମାର ସାମଲ)


କୁନ୍ତଳା ଷଡ଼ଙ୍ଗୀ

କଟକ ଜିଲା ଟାଙ୍ଗୀ ବ୍ଲକ ନିମାଇସାପୁର ଗାଁର ବୟୋଜ୍ୟେଷ୍ଠ ତଥା ଧର୍ମପରାୟଣ ମହିଳା କୁନ୍ତଳା ଷଡ଼ଙ୍ଗୀଙ୍କ ରବିବାର ଅପରାହ୍ନରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ଅପରାହ୍ନ ପ୍ରାୟ ୨ଟାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି ନାତୁଣୀ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ପୁଅ ତଥା ଧରିତ୍ରୀର ବରିଷ୍ଠ ସହସମ୍ପାଦକ ମାନସ ରଞ୍ଜନ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ସରପଞ୍ଚ ଭରତ ବେହେରା, ଟାଙ୍ଗୀ ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଜେଠୀ, ବରିଷ୍ଠ ନେତା ପରମାନନ୍ଦ ନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, କିଛିବର୍ଷ ପୂର୍ବେ କୁନ୍ତଳାଙ୍କ ସ୍ୱାମୀ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବ୍ରହ୍ମାନନ୍ଦ ଷଡ଼ଙ୍ଗୀଙ୍କର ଦେହାନ୍ତ ହୋଇଯାଇଥିଲା। ମହାଳୟା ତିଥିରେ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ଅସ୍ଥି ବିସର୍ଜନ କରାଯାଇଥିବାବେଳେ ସେହିଦିନ ହିଁ କୁନ୍ତଳାଙ୍କର ମୃତ୍ୟୁ ଘଟିଲା।

# ପ୍ରଧାନମନ୍ତ୍ରୀ କହିଥିଲେ, ଯାଞ୍ଚ କରାନ୍ତୁ ମୁଖ୍ୟମନ୍ତ୍ରୀ

- ଯଦି କାହାକୁ ଦୁଃଖିତ କରିଛି ମୋ କଥା ଫେରାଇ ନେଉଛି: ବିଭୂତି
- ଚିହିଁକି ଉଠିଲା ବିଜେଡି, କହିଲା ବିବରଣୀରୁ ବାଦ୍ ଦିଅ
- ସିଏ କାହାକୁ ଦୁଃଖ ଦେଲାଭଳି କହିନାହାନ୍ତି, ଭାବବିହ୍ୱଳ ହୋଇ କହିଲେ: ବାଚସ୍ପତି

ଭୁବନେଶ୍ୱର,୨୨।୯(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା କିଛିଦିନ ତଳେ ଖରାପ ଥିଲା। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ଦେଖିବା ପାଇଁ ସବୁ ଦଳର ନେତା, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ସମସ୍ତେ ଯାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଟେଲିଫୋନ ଯୋଗେ କଥା ହୋଇଥିଲେ। ନବୀନବାବୁଙ୍କୁ ସମସ୍ତେ ଭଲ ପାଆନ୍ତି। ସେବେଠାରୁ ସେହି ବିଷୟକୁ ନେଇ ସାମାଜିକ ଗଣମାଧ୍ୟମରେ କିଛି କଥା ବାରମ୍ବାର ନଜରକୁ ଆସୁଛି। ନିକଟରେ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦେଖିବାକୁ ମିଳିଥିଲା, ଯେତେବେଳେ ନବୀନ ଅସୁସ୍ଥ ସେତେବେଳେ ତାମିଲବାବୁ ସକ୍ରିୟ। ଯେତେବେଳେ ନବୀନ ସୁସ୍ଥ, ସେତେବେଳେ ତାମିଲବାବୁ ସନ୍ନ୍ୟାସ। ଭାଜପା ସରକାରକୁ ଆସିବା ପୂର୍ବରୁ ଏକ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ଗସ୍ତରେ ଆସିଥିଲେ। ଏକ ସଭାକୁ ସମ୍ବୋଧିତ କରିବା ବେଳେ ପ୍ରଧାନମନ୍ତ୍ରୀ କହିଥିଲେ, ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। ତାଙ୍କର କ'ଣ ହୋଇଛି ଜଣାପଡୁନି। ତେଣୁ ରାଜ୍ୟରେ ଭାଜପା ସରକାର ଆସିଲେ ଏକ କମିଟି କରି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଯାଞ୍ଚ କରି ତାଙ୍କ ଦେହ ଖରାପ ହେବା ପଛରେ କିଏ, ଦୋଷୀକୁ ଧରାଯିବ ବୋଲି କହିଥିଲେ। ଏବେ ରାଜ୍ୟରେ ଭାଜପା ସରକାର ଆସିଛି। ମୁଖ୍ୟମନ୍ତ୍ରୀ ଏକ କମିଟି ଗଠନ କରି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଯାଞ୍ଚ କରନ୍ତୁ ବୋଲି ଭାଜପା ସଦସ୍ୟ ବିଭୂତି ଭୂଷଣ ପ୍ରଧାନ ବିଧାନସଭାରେ ପଏଣ୍ଟ ଅଫ ଅର୍ଡର ଆଣି କହିଥିଲେ। ବିଭୂତିଙ୍କ ଏଭଳି କଥା ପରେ ସଙ୍ଗେସଙ୍ଗେ ବିଜେଡି ସଦସ୍ୟମାନେ ଗୃହରେ ଚିହିଁକି ଉଠିଥିଲେ। ପ୍ରଥମେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିଭୂତିଙ୍କ କଥାକୁ ବିରୋଧ କରିବା ସହ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସେ କିଛି କାମରେ ନୂଆଦିଲ୍ଲୀ ଗସ୍ତରେ ଥିବା କହିଥିଲେ। ଏହାସହ ବିଭୂତିଙ୍କ କଥାକୁ ବିଧାନସଭା ବିବରଣୀରୁ ବାଦ୍ ଦେବା ପାଇଁ ଦାବି କରିଥିଲେ। ଏହାପରେ ସଙ୍ଗେସଙ୍ଗେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ମଧ୍ୟ ଏହାକୁ ବିରୋଧ କରିବା ସହ ଭାଜପା ନେତାମାନେ ପ୍ରତି ୮ ଦିନରେ କାହିଁକି ଦିଲ୍ଲୀ ଯାଉଛନ୍ତି ସେକଥା ବିଜେଡି ପଚାରୁଛି କି ବୋଲି କହିଥିଲେ। ଏହାପରେ ବିଜେଡିର ସମସ୍ତ ସଦସ୍ୟ ନିଜ ଆସନରେ ଠିଆ ହୋଇ ବିଭୂତି ଗୃହରେ ଦେଇଥିବା କଥା ବିଧାନସଭା ବିବରଣୀରୁ ବାଦ୍ ଦିଆଯାଉ ବୋଲି ଦାବି କରିଥିଲେ। ହେଲେ ବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ ନିଜ ଆସନରେ ବସିବା ପାଇଁ କହିଥିଲେ। ସରକାରୀ ଦଳର ସଦସ୍ୟ ଯାହା କହିଛନ୍ତି ତାହା ସଂସଦୀୟ ବ୍ୟାପାର ବାହାରର ଶବ୍ଦ ନୁହେଁ। ତାଙ୍କ ବିବୃତି ମୁତାବକ କିଛି ଯାଞ୍ଚ କରାଯିବ ନାହିଁ। ତାଙ୍କ କଥା ଉପରେ ତର୍ଜମା କରିବାର ଆବଶ୍ୟକତା ନାହିଁ ବୋଲି କହିବା ସହ ସମସ୍ତଙ୍କୁ ବସିବା ପାଇଁ ଅନୁରୋଧ କରିଥିଲେ। ଏହାସହ ବିଭୂତି କାହାକୁ ଆଘାତ ଦେବା ଭଳି କଥା କହି ନାହାନ୍ତି ବରଂ ସେ ଭାବବିହ୍ୱଳ ହୋଇ ଏହା କହିଥିଲେ ଏବଂ ଗୃହକୁ ସୂଚିତ କରିଥିଲେ। ହେଲେ ବିଜେଡି ସଦସ୍ୟମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। କିଛି ସମୟ ପରେ ବିଭୂତି ପ୍ରଧାନ ପୁଣିଥରେ ଠିଆ ହୋଇ ଯଦି ତାଙ୍କ କଥା ବିବରଣୀରୁ ବାଦ୍ ଦିଆ ନ ଯାଏ ତେବେ ଗୃହ ଛାଡ଼ିବାକୁ ଚେତାବନୀ ଦେଇଥିଲେ। କିଛି ସମୟ ପରେ ବିଭୂତି ତାଙ୍କ ସ୍ଥାନରେ ଠିଆ ହୋଇ ଆଉଥରେ କହିଥିଲେ। କାହାକୁ ଆଘାତ ଦେବା ତାଙ୍କ ଉଦ୍ଦେଶ୍ୟ ନ ଥିଲା। ଯଦି ତାଙ୍କ କଥା କାହାକୁ ଦୁଃଖ ଦେଇଛି ତେବେ ସେ ତାଙ୍କ କଥାକୁ ପ୍ରତ୍ୟାହାର କରି ନେଉଛନ୍ତି ବୋଲି କହିଥିଲେ। ଏହାପରେ ଗୃହ କାର୍ଯ୍ୟ ସ୍ୱାଭାବିକ ସ୍ଥିତିକୁ ଫେରିଥିଲା। ଅନ୍ୟପକ୍ଷରେ ବିଭୂତିଙ୍କ ଏଭଳି କଥା କାହାକୁ ମୁଖ୍ୟତଃ ଲକ୍ଷ୍ୟ କରି କୁହାଯାଇଥିଲା ବୋଲି ବିଧାନସଭାର ବିଭିନ୍ନ ସ୍ଥାନରେ ଚର୍ଚ୍ଚା ଏବଂ ଆଲୋଚନା ଆରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ କହିଥିବା କଥା ପାଳନ କରାଯିବା ଦରକାର କହି ପରୋକ୍ଷରେ ସେ କେଉଁ ବାର୍ତ୍ତା ଦେବାକୁ ଚାହିଁଛନ୍ତି ବୋଲି ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଦମ୍ପତି ମୃତ, ନାବାଳିକା ଝିଅ ଗୁରୁତର

## ଶୋଇଥିବା ବେଳେ ଭୁଶୁଡ଼ିଲା କାନ୍ଥ

ବସ୍ତା,୨୨।୯
(ହରିଶଙ୍କର ପାଢୀ)


ଭୁଶୁଡ଼ି ପଡ଼ିଥିବା କାନ୍ଥ।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ମହାଦେବସରାଇ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ପରିବାରରେ ମା', ବାପା ଓ ନାବାଳିକା ଝିଅ ରାତିରେ ଶୋଇଥିବା ବେଳେ ହଠାତ୍ କାନ୍ଥ ଭୁଶୁଡି ପଡିବାରୁ ୩ଜଣ ଯାକ କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ପୂର୍ବରୁ ଦମ୍ପତିଙ୍କର ମୃତ୍ୟୁ ହୋଇଯାଇଥିଲା। ଗାଁ ଲୋକେ ସେମାନଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଦମ୍ପତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ନାବାଳିକା ଝିଅ ଚିକିତ୍ସାଧୀନ ଅଛନ୍ତି।

ରବିବାର ରାତିରେ ଖାଇସାରିବା ପରେ ଗ୍ରାମର ପୀଠ ମୁର୍ମୁ, ସ୍ତ୍ରୀ ମୀନତି ଓ ୧୨ ବର୍ଷୀୟା ନାବାଳିକା ଝିଅ ଲକ୍ଷ୍ମୀ ଶୋଇଥିଲେ। ରାତି ପ୍ରାୟ ୧ଟା ବେଳେ କାନ୍ଥ ଭୁଶୁଡ଼ି ପଡିବାରୁ ପୀଠ, ମୀନତି ଓ ଝିଅ ଲକ୍ଷ୍ମୀ କାନ୍ଥ ତଳେ ଚାପି ହୋଇ ରହିଥିଲେ। ଗାଁ ଲୋକେ ଚିତ୍କାର ଶୁଣି ଦୌଡି ଆସି ସେମାନଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବସ୍ତା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ପୃଥକ୍ ଭାବେ ୨ଟି ଅପମୃତ୍ୟୁ ମାମଲା (ନଂ. ୨୭/୨୫ ଓ ୨୮/୨୫) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ଦମ୍ପତିଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

## ଓଡ଼ିଶା ସାହିତ୍ୟ ଏକାଡେମୀକୁ ନେଇ ଜନସ୍ୱାର୍ଥ ମାମଲା

କଟକ,୨୨।୯(କାର୍ତ୍ତିକ ସାହୁ)

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପସଭାପତି ନିଯୁକ୍ତି ସହ ସାଧାରଣ ପରିଷଦ ଗଠନ ପାଇଁ ପଦକ୍ଷେପ ନେବାକୁ ନିବେଦନ କରି ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ହାଇକୋର୍ଟରେ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ମାମଲାର ପ୍ରାଥମିକ ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ଅକ୍ଟୋବର ୨୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ୧୯୫୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ହୋଇଥିଲା। ଏକାଡେମୀର ସମ୍ବିଧାନ ଅନୁସାରେ ରାଜ୍ୟ ସରକାର ସଭାପତି ଓ ଉପସଭାପତିଙ୍କୁ ନିଯୁକ୍ତ କରନ୍ତି। ଏଥିସହ ଏକାଡେମୀର ସାଧାରଣ ପରିଷଦ ଗଠନରେ ମଧ୍ୟ ସରକାରଙ୍କର ପ୍ରମୁଖ ଭୂମିକା ରହିଛି। କିନ୍ତୁ ୨୦୨୪ ମେ ୨୦ରେ ପୂର୍ବତନ ସଭାପତି ଓ ଉପସଭାପତି ତାଙ୍କର କାର୍ଯ୍ୟକାଳ ପୂରା କରି ଅବ୍ୟାହତି ନେଇଥିଲେ ମଧ୍ୟ ପଦବୀ ଦୁଇଟି ଫାଙ୍କା ପଡ଼ିଛି। ରାଜ୍ୟ ସରକାର ଏଯାଏ ସେହି ପଦବୀରେ କାହାରିକୁ ନିଯୁକ୍ତ କରିନାହାନ୍ତି। ସେହିପରି ୨୦୨୩ ଜୁଲାଇ ୨୦ରେ ପୁରୁଣା ସାଧାରଣ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ନୂତନ ସାଧାରଣ ପରିଷଦ ଗଠନ ହୋଇନାହିଁ। ଯଦ୍ୱାରା, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରୁନାହିଁ କିମ୍ବା ଏହାର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ଓଡ଼ିଶା ସାହିତ୍ୟ ଏକାଡେମୀ ଓଡ଼ିଆ ଅସ୍ମିତାର ପ୍ରତୀକ ହୋଇଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସଭାପତି ଓ ଉପସଭାପତି ପଦବୀରେ ତୁରନ୍ତ ନିଯୁକ୍ତି ଏବଂ ସାଧାରଣ ପରିଷଦ ଗଠନ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଆଇନଜୀବୀ ପ୍ରବୀର କୁମାର ଦାସ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି।




# ତଦନ୍ତ ରିପୋର୍ଟର ଆଂଶିକ ପ୍ରକାଶନକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ


ନୂଆଦିଲ୍ଲୀ,୨୨।୯(ପି.ଟି.)

ଅହମଦାବାଦରେ ଗତ ଜୁନ୍ ୧୨ ତାରିଖରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟର ନିର୍ଦ୍ଦିଷ୍ଟ ଅଂଶକୁ ପ୍ରକାଶ କରାଯାଇଥିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ଦାୟିତ୍ୱହୀନ କାର୍ଯ୍ୟ ବୋଲି ସୋମବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରକାଶିତ ରିପୋର୍ଟରେ ପାଇଲଟ୍‌ଙ୍କ ତ୍ରୁଟିଯୋଗୁ ବିମାନ ଦୁର୍ଘଟଣାଗ୍ରସ୍ତ ହେଲା ବୋଲି ପ୍ରକାଶ କରି ଗଣମାଧ୍ୟମକୁ ଏହା ଉପରେ ଚର୍ଚ୍ଚା କରିବା ପାଇଁ ବାଟ ଖୋଲିଦିଆଯାଇଥିଲା ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି। ଦୁର୍ଘଟଣାର ଏକ ନିରପେକ୍ଷ, ସ୍ୱଚ୍ଛ ଓ ତ୍ୱରିତ୍ ତଦନ୍ତ ପାଇଁ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଡିଜିସିଏ)କୁ ନୋଟିସ୍ ଜାରି କରିଛନ୍ତି। ମୃତକଙ୍କ ପରିବାରର ପ୍ରିଭେସି ଏବଂ ମର୍ଯ୍ୟାଦା ମଧ୍ୟ ଏଥିରେ ଜଡ଼ିତ ବୋଲି ଅଦାଲତ କହିଛନ୍ତି।

**ଏୟାରଇଣ୍ଡିଆ ବିମାନ ଦୁର୍ଘଟଣା**



ବିମାନ ଦୁର୍ଘଟଣା ଉପରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଜୁଲାଇ ୧୨ରେ ପ୍ରାଥମିକ ରିପୋର୍ଟ ଜାରି କରିଥିଲା। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଏଭଳି ରିପୋର୍ଟ ସମ୍ପୂର୍ଣ୍ଣ ଗୋପନୀୟତାର ସହ ରଖାଯିବା ଆବଶ୍ୟକ। କାରଣ ଏହା ସହ ମୃତକଙ୍କ ପରିବାରର ପ୍ରିଭେସି ଓ ମର୍ଯ୍ୟାଦା ଜଡ଼ିତ। ସେଥିପାଇଁ ଆମକୁ ବୃତ୍ତାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେଶନ ନାମକ ଏନ୍‌ଜିଓ ତରଫରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉପସ୍ଥିତ ରହି କହିଥିଲେ, ପ୍ରାରମ୍ଭିକ ରିପୋର୍ଟରେ ଗୋଟିଏ ଧାଡ଼ି ଦୁର୍ଘଟଣା ପାଇଁ ପାଇଲଟଙ୍କୁ ଦାୟୀ କରିଥିଲା, ଯାହା ସାରା ବିଶ୍ୱର ଗଣମାଧ୍ୟମକୁ ଚର୍ଚ୍ଚା ପାଇଁ ସୁଯୋଗ ଦେଲା। ଦୁର୍ଘଟଣାକୁ ୧୦୦ ଦିନରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ଏପର୍ଯ୍ୟନ୍ତ ଏହାର କାରଣ ଆମେ ଜାଣିପାରି ନାହୁଁ। ଲୋକେ ଦୁର୍ଘଟଣାର କାରଣ ନ ଜାଣିଲେ, ବିପଦରେ ରହିବେ ଏବଂ ପ୍ରତିକାରମୂଳକ ପଦକ୍ଷେପ ନେଇପାରିବେ ନାହିଁ ବୋଲି ଭୂଷଣ କହିଥିଲେ। ତଦନ୍ତ ପାଇଁ ଗଢ଼ାଯାଇଥିବା କମିଟିର ୫ ସଦସ୍ୟଙ୍କ ମଧ୍ୟରୁ ୩ ଜଣ ଡିଜିସିଏରୁ ହୋଇଥିବାରୁ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ଥାଇପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ।



> ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା

# ପାକିସ୍ତାନ ସହ ସାଉଦି ଆରବ

ହମାସକୁ ମୂଳପୋଛ କରିବା ଲକ୍ଷ୍ୟରେ ଦୀର୍ଘ ୨୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଗାଜା ଉପରେ ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଏପରିକି ଏହାର ନେତାମାନେ ଯେଉଁ ସବୁ ଦେଶରେ ରହୁଥିବା ଇସ୍ରାଏଲ ଖବର ପାଉଛି ସେହିସବୁ ରାଷ୍ଟ୍ର ଭିତରେ ପଶି ସେମାନଙ୍କୁ ହତ୍ୟା କରୁଥିବା ଦେଖାଯାଉଛି। ସଦ୍ୟ ଘଟଣାକୁ ଦେଖିଲେ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ କାତାର ରାଜଧାନୀ ଦୋହାରେ ଗାଜାରେ ଯୁଦ୍ଧବିରତି ପାଇଁ ଆମେରିକାର ପ୍ରସ୍ତାବ କ୍ରମେ ଆଲୋଚନା ଚାଲିଥିବାବେଳେ ଇସ୍ରାଏଲ ଅଚାନକ ଆକ୍ରମଣ କରି ୬ ଜଣଙ୍କୁ ହତ୍ୟା କରିଥିଲା। ଗାଜା ଅକ୍ତିଆର ଅଭିଯାନର ଅଂଶସ୍ୱରୂପ ସେପ୍ଟେମ୍ବର ୮ରୁ ୧୦ ମଧ୍ୟରେ ଅର୍ଥାତ୍ ୭୨ ଘଣ୍ଟା ଭିତରେ କାତାର ସମେତ ପାଲେଷ୍ଟାଇନ, ଲେବାନନ, ୟେମେନ, ଟ୍ୟୁନିସିଆ, ସିରିଆ ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା। ମଧ୍ୟପ୍ରାଚ୍ୟରେ ଏପରି ଭିନ୍ନଧରଣର ରଣନୀତିକ ପରିବର୍ତ୍ତନ ଦେଖି ପାକିସ୍ତାନ ସହ ସାଉଦି ଆରବ ଏବେ ସାମରିକ ସହଯୋଗ ଆଗକୁ ବଢ଼ାଇଛି। ସେପ୍ଟେମ୍ବର ୧୭ରେ ସାଉଦି ଆରବ ରାଜଧାନୀ ରିଆଦର ଅଲ-ୟାମାହା ପ୍ୟାଲେସରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଓ ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ମଧ୍ୟରେ ଷ୍ଟ୍ରାଟେଜିକ ମ୍ୟୁଚୁଆଲ ଡିଫେନ୍ସ ଏଗ୍ରିମେଣ୍ଟ ବା ରଣନୀତିକ ପାରସ୍ପରିକ ସୁରକ୍ଷା ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏଥିରେ ଦର୍ଶାଯାଇଛି ଯେ, ଜଣଙ୍କ ଉପରେ ଆକ୍ରମଣ ହେଲେ ତାହାକୁ ଦୁଇ ଦେଶ ଉପରେ ଆକ୍ରମଣ ବୋଲି ଧରାଯିବ।

ମଧ୍ୟପ୍ରାଚ୍ୟର ବିପୁଳ ଅର୍ଥରେ ନିଜର ସେନାକୁ ପୁଷ୍ଟ କରିବାରେ ପାକିସ୍ତାନ ସଫଳ ହେବା ସେହିକାର୍ଯ୍ୟ ଆରମ୍ଭ ମାତ୍ର ହୋଇଛି। ବିଗତ ଦଶନ୍ଧିରେ ଭାରତର ବ୍ୟବହାରକୁ ଦେଖି ଏହା ପାକିସ୍ତାନର ପାଲଟା ଜବାବ ଭାବେ କାର୍ଯ୍ୟ କରିବ। ଏକ ସଶକ୍ତ ଓ ଦୃଢ଼ ପାକିସ୍ତାନକୁ ସୃଷ୍ଟି କରିବାରେ ଭାରତର ଏବକାର ନେତୃତ୍ୱ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି ବୋଲି ଏବେ କହିହେବ। ଏହିଭଳି ଘଟଣା ଭବିଷ୍ୟତରେ ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ସ୍ପଷ୍ଟ ଭାବେ କୁହାଯାଇପାରେ।

ସମସ୍ତେ ଜାଣନ୍ତି ଯେ, ଇସ୍‌ଲାମ ଧର୍ମର ଦୁଇ ପ୍ରମୁଖ ତୀର୍ଥସ୍ଥଳ ମକ୍କା ଓ ମଦିନା ସାଉଦ ଆରବରେ ଥିବା ବେଳେ ଇସ୍‌ଲାମୀୟ ବିଶ୍ୱର ୫୭ ଦେଶ ମଧ୍ୟରୁ ପାକିସ୍ତାନ ହେଉଛି ଏକମାତ୍ର ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର। ସାଉଦି ଆରବର ସେନାକୁ ପାକିସ୍ତାନ ଦଶନ୍ଧିବ୍ୟାପୀ ପ୍ରଶିକ୍ଷଣ ଦେଇଆସୁଛି। ଏମିତି ଦେଖିଲେ ପାକିସ୍ତାନକୁ ବିଭିନ୍ନ କ୍ଷେତ୍ରରେ ଏପରିକି ଆଣବିକ କାର୍ଯ୍ୟକ୍ରମ ପାଇଁ ସାଉଦି ଆରବ ଆର୍ଥିକ ସହାୟତା ଦେଇଆସିଛି। ଏବେ ଯେତେବେଳେ ଇସ୍ରାଏଲ ତା'ର ସୁରକ୍ଷା ପାଇଁ ବିଭିନ୍ନ ଇସ୍‌ଲାମିକ ଦେଶଗୁଡ଼ିକ ଉପରେ ଆକ୍ରମଣ କରୁଛି, ଭୟରେ ସାଉଦି ଆରବ ତା'ର ପୁରୁଣା ରଣନୀତିକ ସମ୍ପର୍କକୁ ମଜଭୁତ କରିବାକୁ ଯାଇ ପାକିସ୍ତାନ ସହିତ ଉପରୋକ୍ତ ଚୁକ୍ତି କରିଛି। ଏବକାର ସାଉଦି ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଜାତୀୟ ନିରାପତ୍ତା ପାଇଁ ଆମେରିକା ଉପରେ ସବୁକିଛି ନିର୍ଭର। ଏହା ମଧ୍ୟ ଆଶଙ୍କା କରାଗଲାଣି ଯେ ଇସ୍‌ଲାମୀୟ ବିଶ୍ୱ ନିଜର ନିରାପତ୍ତା ପାଇଁ ଭବିଷ୍ୟତରେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଶୈଳୀରେ ସାମରିକ ମେଣ୍ଟ ପାଇଁ ଅଣ୍ଟା ଭିଡ଼ିବେ, ଯେଉଁଥିରେ ପାକିସ୍ତାନ ହେବ ମୂଳମନ୍ତ୍ର। ତାହାର ସ୍ଥଳସେନା, ନୌସେନା ଓ ବାୟୁ ସେନା ଏବେ ସମ୍ପୂର୍ଣ୍ଣ ଭାବେ ଚାଇନା ଦ୍ୱାରା ପରିଚାଳିତ। ମଧ୍ୟପ୍ରାଚ୍ୟର ଶେଖ୍ ରାଜତ୍ୱ ଥିବା ଦେଶଗୁଡ଼ିକ ପକିସ୍ତାନ ସହ ଚୁକ୍ତି କଲାବେଳକୁ ଅପ୍ରତ୍ୟକ୍ଷ ଭାବେ ସେହି ରାଷ୍ଟ୍ରଗୁଡ଼ିକ ଚାଇନାର ଜ୍ଞାନକୌଶଳ ଓ ଯୁଦ୍ଧ କରିବାର ଶକ୍ତିକୁ ନିଜ ସପକ୍ଷରେ ଆଣିପାରିବେ ବୋଲି ଚିନ୍ତା କରାଯାଇପାରେ। ଏହିସବୁ ଦେଶଗୁଡ଼ିକରେ ପେଟ୍ରୋଲିୟମ ଠୁଳ ଥିବାରୁ ସେଠାକାର ନାଗରିକ ପ୍ରାୟ ସମସ୍ତେ ଅତ୍ୟଧିକ ମାତ୍ରାରେ ଧନୀ। ତେଣୁ ସେମାନଙ୍କୁ ସବୁବେଳେ ବାହାରୁ ଚାକର ଆଣି କାମ କରିବାକୁ ପଡ଼ିଥାଏ। ପାକିସ୍ତାନ ସହିତ ଚୁକ୍ତି ମଧ୍ୟ ସେହିଭଳି ଆଭିମୁଖ୍ୟ ରଖି କରାଯାଉଛି ବୋଲି କୁହାଯାଇପାରେ। ପାକିସ୍ତାନ ପାଖରେ ନିଜସ୍ୱ କୌଣସି ପ୍ରାକୃତିକ ସମ୍ପଦ କିମ୍ବା ଶିଳ୍ପ ନ ଥିବା ହେତୁ ସେହି ଦେଶର ଅର୍ଥନୀତି ଅତ୍ୟନ୍ତ ଦୁର୍ବଳ। ଅନ୍ୟପଟେ ଜନସଂଖ୍ୟାରେ ପାକିସ୍ତାନକୁ ଟପିଲା ଭଳି ମଧ୍ୟପ୍ରାଚ୍ୟରେ କୌଣସି ଦେଶ ନାହିଁ। ତେଣୁ ପାକିସ୍ତାନ ସେନାକୁ ବ୍ୟବହାର କରି ସୁରକ୍ଷା ବ୍ୟବସ୍ଥାକୁ ପରିଚାଳନା କରିବା ଏହି ଦେଶଗୁଡ଼ିକ ପାଇଁ, ଆମେରିକା ତୁଳନାରେ, ସହଜ ଏବଂ ସ୍ୱଳ୍ପ ଖର୍ଚ୍ଚରେ ହୋଇପାରିବ। ଅନ୍ୟପଟେ ପାକିସ୍ତାନ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ତାହାର ଦୁର୍ବଳ ଅର୍ଥନୀତିକୁ ଟେକି ଧରିବା ପାଇଁ ଏହିଭଳି ସାମରିକ ବ୍ୟବସ୍ଥା ବେଶ୍ ସୁହାଇବ। ମଧ୍ୟପ୍ରାଚ୍ୟର ବିପୁଳ ଅର୍ଥରେ ନିଜର ସେନାକୁ ପୁଷ୍ଟ କରିବାରେ ପାକିସ୍ତାନ ସଫଳ ହେବ। ସେହିକାର୍ଯ୍ୟ ଆରମ୍ଭ ମାତ୍ର ହୋଇଛି। ବିଗତ ଦଶନ୍ଧିରେ ଭାରତର ବ୍ୟବହାରକୁ ଦେଖି ଏହା ପାକିସ୍ତାନର ପାଲଟା ଜବାବ ଭାବେ କାର୍ଯ୍ୟ କରିବ। ଏକ ସଶକ୍ତ ଓ ଦୃଢ଼ ପାକିସ୍ତାନକୁ ସୃଷ୍ଟି କରିବାରେ ଭାରତର ଏବକାର ନେତୃତ୍ୱ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି ବୋଲି ଏବେ କହିହେବ। ଏହିଭଳି ଘଟଣା ଭବିଷ୍ୟତରେ ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ସ୍ପଷ୍ଟ ଭାବେ କୁହାଯାଇପାରେ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | 6 | 1 | |
| | 3 | 1 | | 9 | | | 2 | |
| | | | | | | 4 | | |
| 4 | | | | | 2 | | | 8 |
| | 8 | | | | | 3 | 9 | |
| | 7 | | | | 8 | | | |
| | 9 | | 3 | | | | | 5 |
| | | 7 | | | | | 3 | |
| | | | 6 | 2 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 3 | 5 | 4 | 9 | 6 | 8 |
| 4 | 8 | 5 | 6 | 7 | 9 | 2 | 3 | 1 |
| 6 | 9 | 3 | 2 | 1 | 8 | 7 | 4 | 5 |
| 9 | 6 | 1 | 4 | 2 | 7 | 5 | 8 | 3 |
| 5 | 7 | 8 | 9 | 3 | 6 | 4 | 1 | 2 |
| 2 | 3 | 4 | 1 | 8 | 5 | 6 | 7 | 9 |
| 8 | 2 | 6 | 7 | 9 | 1 | 3 | 5 | 4 |
| 1 | 4 | 9 | 5 | 6 | 3 | 8 | 2 | 7 |
| 3 | 5 | 7 | 8 | 4 | 2 | 1 | 9 | 6 |

ଗତକାଲିର ଉତ୍ତର

# ଦୁର୍ଜନକୁ ଦର୍ପଣ ଡର



ଡ. ବିମଳ ଷଡ଼ଙ୍ଗୀ

ସାମାଜିକ କର୍ମୀ, ଓକିଲ ତଥା କନ୍ନଡ଼ ଲେଖିକା ବାନୁ ମୁସ୍ତାକ୍‌ଙ୍କ 'ହାର୍ଟ ଲ୍ୟାମ୍ପ' ମୁସ୍‌ଲିମ ଏବଂ ଦଳିତ ମହିଳାଙ୍କ ବାସ୍ତବିକ ଜୀବନକୁ ଆଲୋକପାତ କରୁଥିବା ଏକ ଆଇନା ବା ଦର୍ପଣ, ଯାହା ଧାର୍ମିକ ଅତ୍ୟାଚାର ଏବଂ ସାମାଜିକ ଅସମାନତା ଭଳି ବିଷୟବସ୍ତୁରେ ପରିପୂର୍ଣ୍ଣ କାହାଣୀ। ୨୦୨୫ ମସିହାରେ ସେହି ଉପନ୍ୟାସ ପାଇଁ ତାଙ୍କୁ ଅନ୍ତର୍ଜାତୀୟ ବୁକର ପୁରସ୍କାର ମିଳିଥିଲା।

ସର୍ବଜନବିଦିତ ଯେ, ହିନ୍ଦୁ ପରମ୍ପରା ଅନୁସାରେ ଦଶହରା ଦିନ ନାପିତ ଭାଇମାନେ ଘରକୁ ଘର ବୁଲି ଯେତେବେଳେ ସେମାନଙ୍କ ଆଇନା ବା ଦର୍ପଣଟିକୁ ଦେଖାନ୍ତି, ସେତେବେଳେ ତା'ର ଗଭୀର ତତ୍ତ୍ୱକୁ କେହି ନ ବୁଝି କେବଳ ଖୁସିରେ କିଛି ଟଙ୍କା ବକ୍ସିସ ଭାବରେ ସେମାନଙ୍କୁ ଦିଅନ୍ତି, ଯାହା ଲୌକିକ ଭାବରେ ଏକ ଦାନ ରୂପେ ଦେଖାଯାଏ। ମାତ୍ର ଆମକୁ ବୁଝିବାକୁ ପଡ଼ିବ ଯେ, ଦର୍ପଣ କେବଳ ଆମ ମୁହଁକୁ ଦେଖାଏ ନାହିଁ ବରଂ ଆମର ଆତ୍ମ-ପ୍ରତିଫଳନ ଯାହା ଆମକୁ ଆମ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଭାବକୁ ପରଖିବାକୁ ଚେତନା ଜାଗ୍ରତ କରିବା ସହିତ ମିଥ୍ୟା ଉପରେ ସତ୍ୟର ବିଜୟକୁ ଦର୍ଶାଏ। ଆମ ଭିତରର ଦୋଷଗୁଡ଼ିକୁ ସଚ୍ଚୋଟ ଭାବରେ ସାମ୍ନା କରିବାର ଆହ୍ୱାନ ସହିତ କ୍ରୋଧ, ଲୋଭ, ଅହଂକାର, ଈର୍ଷାମୁକ୍ତ ମନକୁ ପରିଷ୍କାର ରଖିବାକୁ ପ୍ରେରଣାଦିଏ। ଦର୍ପଣ ସୂଚାଇଦିଏ ଯେ, ପ୍ରକୃତ ସୌନ୍ଦର୍ଯ୍ୟ କେବଳ ବାହ୍ୟ ଦୃଶ୍ୟ ନୁହେଁ; ବରଂ ଆଭ୍ୟନ୍ତରୀଣ ପବିତ୍ରତାରେ ଭରିରହିଥାଏ।

ଜଣେ ବିଚାରବନ୍ତ ବ୍ୟକ୍ତି ବା ସୁଲେଖକ ହାତରେ ଥିବା ଦର୍ପଣ ବିଶ୍ୱସ୍ତ ଭାବରେ ବ୍ୟକ୍ତି, ପରିସ୍ଥିତି କିମ୍ବା ସମାଜ ବିଷୟରେ ନିରାଟ ସତ୍ୟକୁ ପ୍ରତିଫଳିତ କରେ ବା ପ୍ରତିନିଧିତ୍ୱ କରେ କିମ୍ବା ପ୍ରକାଶ କରେ। କୌଣସି ସମୟରେ ଦର୍ପଣ କଦର୍ଯ୍ୟତା ସୃଷ୍ଟି କରେ ନାହିଁ, ବରଂ ପୂର୍ବରୁ ଯାହା ଅଛି ତାହା ପ୍ରତିଫଳିତ କରେ। ଲେଖକ ନିଜର ଶାଣିତ ଉପସ୍ଥାପନାରେ ସମାଜରେ ସଂଗଠିତ ପ୍ରତ୍ୟେକ ସୁକର୍ମ ଓ କୁକର୍ମକୁ ପ୍ରକାଶ କରେ। ସମାଜରେ କିଛି ଅସଦ୍ ବ୍ୟକ୍ତିଙ୍କ ଚଞ୍ଚକତାକୁ ପ୍ରକାଶ କରି ଏକ ଦର୍ପଣ ପରି ତାର ଦୋଷତ୍ରୁଟି ଦେଖାଏ। ସତ୍ୟ ପ୍ରକାଶିତ ହେଲେ ଖଳପ୍ରକୃତିର ଲୋକ ଅସହଜ ଅନୁଭବ କରନ୍ତି। ତେଣୁ ସେମାନେ ସମସ୍ୟାକୁ ସଂଶୋଧନ କରିବା ପରିବର୍ତ୍ତେ ଲେଖକଙ୍କ ବିରୋଧରେ କୁତ୍ସା ରଟନା କରି ଅସାଧୁ ମେଳି କରନ୍ତି, ମାତ୍ର ସତ୍ୟ ବା ମିଥ୍ୟାକୁ ଲୁଚାଇ ରଖିବାକୁ ଲେଖକ କେବେବି ଡରେନାହିଁ। ଖଳ ପ୍ରକୃତିର ଲୋକଙ୍କ କର୍ମରେ ସୁଧାର ପାଇଁ ଲେଖକ ସେମାନଙ୍କୁ ସୁଯୋଗ ଦିଅନ୍ତି ଓ ଯେଉଁ ଖଳ ବ୍ୟକ୍ତି ସୁଧୁରି ଯାଆନ୍ତି, ସେମାନେ ପରବର୍ତ୍ତୀ ସମୟରେ ଦସ୍ୟୁ ରତ୍ନାକରରୁ ବାଲ୍ମୀକି ହୋଇ ଜଣେ ଭଲ ମଣିଷ ହୁଅନ୍ତି ଆଉ କିଛି ଅମରୀ ଗଛ ପରି



'ଭଜ୍ୟତେ ନ ଚ ନମ୍ୟତେ' ଅର୍ଥାତ୍ 'ଭାଙ୍ଗିଯିବେ କିନ୍ତୁ ପରିବର୍ତ୍ତନ ହେବେ ନାହିଁ' ନ୍ୟାୟରେ ମୃତ୍ୟୁ ପର୍ଯ୍ୟନ୍ତ ସେମାନଙ୍କ ପଶୁ ପ୍ରବୃତ୍ତିର ପରିବର୍ତ୍ତନ କରନ୍ତି ନାହିଁ। ବେଳେବେଳେ ଲୋକଙ୍କ ପାଖରେ ନିଜର ଦୋଷ ଲୁଚାଇବାକୁ ଯାଇ ବାହାଦୁରି ପାଇଁ ଲେଖକଙ୍କୁ ସମାଲୋଚନା କରିବାକୁ ପଛାଇନଥା'ନ୍ତି। ଲେଖକ, ଚଳଚ୍ଚିତ୍ର ନିର୍ମାତା, ଖବରଦାତା ଏବଂ କଳାକାର ପ୍ରମୁଖଙ୍କୁ ପ୍ରାୟତଃ 'ସମାଜର ଦର୍ପଣ' କୁହାଯାଏ; କାରଣ ସେମାନଙ୍କ କାର୍ଯ୍ୟ ଲୋକଙ୍କ ସତ୍ୟ, ସଂଘର୍ଷ ଏବଂ ଆକାଂକ୍ଷାକୁ ଚିତ୍ରଣ କରିଥାଏ। ଇତିହାସ ଏପରି ଅନେକ ଲେଖକଙ୍କ ଉଦାହରଣ ପ୍ରଦାନ କରେ। ବ୍ୟାସକବି ଫକୀରମୋହନଙ୍କ 'ରେବତୀ', 'ଛ' ମାଣ ଆଠଗୁଣ୍ଠ' ଆଦି ଉପନ୍ୟାସ ଆଜି ମଧ୍ୟ ସମାଜର ଜୀବିତ ଦର୍ପଣ। କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଓ ଗୋପୀନାଥ ମହାନ୍ତିଙ୍କ 'ପରଜା' ପ୍ରତ୍ୟେକ ତତ୍କାଳୀନ ସମାଜର ଗୋଟିଏ ଗୋଟିଏ ଦର୍ପଣ। ମୁନ୍‌ସି ପ୍ରେମଚାନ୍ଦ ତତ୍କାଳୀନ ସମାଜର କୃଷକଙ୍କ ଦୁଃଖ, ମହିଳାଙ୍କ ଶୋଷଣ ଏବଂ ଜାତିଭେଦର ନିଷ୍ଠୁରତା ବିଷୟରେ ଉପନ୍ୟାସଗୁଡ଼ିକ ଦ୍ୱାରା ସମାଜର ଦର୍ପଣ ପରି ଲୋକଲୋଚନାକୁ ଆଣିଥିଲେ, ଯେଉଁଥିପାଇଁ ତାଙ୍କ ଉପନ୍ୟାସଗୁଡ଼ିକୁ କେତେକ ଅତ୍ୟଧିକ କଠୋର ବୋଲି ସମାଲୋଚନା କରିଥିଲେ। କିନ୍ତୁ ପ୍ରେମଚାନ୍ଦ ସମାଜର ଲୁକ୍କାୟିତ ସତ୍ୟକୁ ଉଜାଗର କରିଥିଲେ। ସେହିପରି ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ପ୍ରାୟତଃ ଅନ୍ଧ ଜାତୀୟତାବାଦ ବିଷୟରେ ଚେତାବନୀ ଦେଇଥିଲେ, ଯାହା ଅନେକଙ୍କୁ କ୍ରୋଧିତ କରିଥିଲା। ୧୯୦୩ ମସିହାରେ ଜନ୍ମଗ୍ରହଣ କରିଥିବା ସମାଜବାଦୀ ଚିନ୍ତାଧାରର ଲେଖକ ଜର୍ଜ ଅର୍‌ୱେଲ ତାଙ୍କ ଉପନ୍ୟାସ 'ଆନିମଲ ଫାର୍ମ' ପାଇଁ ସେ ସମୟର ବାସ୍ତବତାକୁ ଉପସ୍ଥାପନ କରି ବିଂଶ ଶତାବ୍ଦୀର ସବୁଠାରୁ ପ୍ରଭାବଶାଳୀ ଲେଖକମାନଙ୍କ ମଧ୍ୟରୁ ଜଣେ ହୋଇପାରିଥିଲେ। ଗୋଟିଏ ଚାଟୁକାର ଦ୍ୱାରା ମୁଦ୍ରିତ ପୁସ୍ତକ କ୍ଷଣିକ ଗର୍ବ ଦେଇପାରେ, କିନ୍ତୁ ଏହା ସମାଜକୁ ଜାଗରଣ ବା ପରିବର୍ତ୍ତନ କରେ ନାହିଁ। ଜଣେ ପ୍ରକୃତ ଲେଖକର କର୍ତ୍ତବ୍ୟ ହେଉଛି ବିବେକ ରକ୍ଷାକାରୀ ଭାବରେ କାର୍ଯ୍ୟ କରିବା, କେବଳ ସୁନ୍ଦର ଦିଗ ନୁହେଁ ବରଂ ସୁସ୍ଥ ହେବାକୁ ଥିବା କ୍ଷତ ମଧ୍ୟ ଦେଖାଇବା। ଯଦି ଦର୍ପଣ ଏକ ମଇଳା ମୁହଁ ଦେଖାଏ, ତେବେ ଦୋଷ ଦର୍ପଣର ନୁହେଁ ବରଂ ସେହି ବ୍ୟକ୍ତିଙ୍କର; ଯିଏ ମଳିନ ମୁଖକୁ ସଫା କରିବାକୁ କୁଣ୍ଠା ବୋଧକରେ। ତେଣୁ ସମାଜର ଅହିତ ସୃଷ୍ଟିକାରୀ ବ୍ୟବସ୍ଥାକୁ ଦର୍ଶାଉଥିବା ଲେଖକଙ୍କ କଲମ ଜାଗରଣର ଏକ ଉପକରଣ ହୋଇଯାଏ ଏବଂ ଆମକୁ ମନେପକାଇଦିଏ ଯେ ସମାଜ କେବଳ ସେତେବେଳେ ଉନ୍ନତି କରିପାରିବ, ଯେତେବେଳେ ଏହା ସତ୍ୟର ଦର୍ପଣରେ ଦେଖିବାକୁ ସାହସ କରିବ; ଯାହାକୁ ପାଥେୟ କରି ୨୦୨୪ ମସିହାରେ ଜାରା ଚୌଧୁରୀ ନିଜର ଆଲେଖ୍ୟ 'ଭାଗ୍ୟବାନ୍' ମାଧ୍ୟମରେ ୨୦୦୨ ଗୁଜରାଟ ଦଙ୍ଗା ସମୟରେ ତାଙ୍କର ସ୍ମୃତିକଥାର ଅଭିଜ୍ଞତାକୁ ପ୍ରକଟିତ କରିଥିଲେ, ଯାହା ତାଙ୍କୁ ୨୦୨୫ ମସିହାର ଶକ୍ତି ଭଟ୍ଟ ପୁରସ୍କାର ଦେଇଥିଲା। ଝା ଜାସିଣ୍ଟା କେରକେଟା ଜଣେ ହିନ୍ଦୀ ଭାଷାର ସାମ୍ବାଦିକା ଏବଂ କବି, ଯାହାଙ୍କ କାର୍ଯ୍ୟ ଆଦିବାସୀ ଯୁବତୀ ଯୁବକଙ୍କ ସଂଘର୍ଷ, ଲିଙ୍ଗ-ଭିତ୍ତିକ ହିଂସା, ବିସ୍ଥାପନ ଏବଂ ରାଜ୍ୟ ଉଦାସୀନତାକୁ ମୁକ୍ତ ଭାବରେ ପ୍ରକାଶ କରେ।

ମାତ୍ର ଦର୍ପଣଟି ଯେତେବେଳେ ଦୁର୍ଜନ ବ୍ୟକ୍ତି ହାତରେ ପଡ଼େ, ସେତେବେଳେ ସେ ତାହାର ମୂଲ୍ୟକୁ ନ ବୁଝି ଭୁଲ୍ ଉପସ୍ଥାପନ କରି ସମାଜର କ୍ଷତି ଘଟାଏ, ଠିକ୍ ଯେପରି କାମୁଡ଼ା କୁକୁରଟିଏ ଦର୍ପଣ ଦେଖିଲେ ରାଗରେ ଦର୍ପଣରେ ପ୍ରତିଫଳିତ ତା' ନିଜ ମୁହଁକୁ କାମୁଡ଼ି ଗୋଡ଼ାଏ ବା କୁକୁଡ଼ାଟିଏ ନିଜର ପ୍ରତିବିମ୍ବକୁ ଖୁମ୍ପିବା ଆରମ୍ଭ କରେ, କାରଣ ସେ ଦର୍ପଣକୁ ବ୍ୟବହାର କରି ଶିଖି ନ ଥାଏ ବା ଦର୍ପଣ କ'ଣ କହୁଛି ତାହା ଜାଣିବାକୁ ତା'ର 'ଜ୍ଞ' ନଥାଏ। ଆଜିକାଲି କିଛି ନୀଚ ପ୍ରକୃତିର ବ୍ୟକ୍ତି ନିଜର କୁ ବୁଦ୍ଧି ଦ୍ୱାରା ଏବଂ କୃତ୍ରିମ ବୁଦ୍ଧିମତ୍ତାର ସହାୟତାରେ ସୋସିଆଲ ମିଡିଆକୁ ଏକ ଡିଜିଟାଲ ଦର୍ପଣ ଭାବରେ ବ୍ୟବହାର କରି ନିଜର ବଡ଼ିମା, ଶଠତାପୂର୍ଣ୍ଣ ଉଚ୍ଚାରଣ, ଆଚରଣ ଇତ୍ୟାଦିକୁ ପ୍ରଚାର ଓ ପ୍ରସାର କରି ଜନସାଧାରଣଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସେବା ନାମରେ ମିଥ୍ୟା ବିଜ୍ଞାପନ ଦ୍ୱାରା ସାଧାରଣ ଜନତାଙ୍କୁ ଶୋଷଣ କରୁଛନ୍ତି, ଯେଉଁଥିପାଇଁ ସ୍ୱାଧୀନତାର ଅଠସ୍ତରି ବର୍ଷ ପରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାସଗୃହ, ବିଜୁଳି, ପିଇବା ପାଣି, ପୋଷଣଯୁକ୍ତ ଖାଦ୍ୟ, ଯୁବକଙ୍କ ପାଇଁ କର୍ମ ଯୋଗାଣ ଇତ୍ୟାଦି ଆଜି ସ୍ୱପ୍ନ। ଠିକ୍ ଯେପରି ୧୮୬୬ ମସିହାର ନ' ଅଙ୍କ ଦୁର୍ଭିକ୍ଷରେ ଇଂରେଜ ଶାସକ ଓଡ଼ିଶାର ଖାଦ୍ୟ ମହଜୁଦର ଭୁଲ୍ ତଥ୍ୟ ଦେଇ ଲକ୍ଷ ଲକ୍ଷ ସାଧାରଣ ଜନତାଙ୍କ ଜୀବନ ନେଇଥିଲା। ତେଣୁ ମୁଖାପିନ୍ଧା ଦୁର୍ଜନଙ୍କୁ ପ୍ରକୃତ ଦର୍ପଣ ଦେଖାଇ ଦଣ୍ଡ ଦେବାକୁ ପଡ଼ିବ। କାରଣ ଦୁର୍ଜନର ସର୍ବଦା ଦର୍ପଣକୁ ଡରଥାଏ, ଆଉ ସେ ଭଲ ଭାବରେ ଜାଣେ ଦର୍ପଣ ସବୁବେଳେ ସତ କୁହେ।

**ସଂସାଧନ ବ୍ୟକ୍ତି, ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର, ଭାରତ ସରକାର**
**ମୋ: ୯୪୩୭୧୨୩୮୯୨**

# ସବୁଥାଇ ପଛୁଆ



ଡ. ମୌସୁମୀ ପରିଡ଼ା

ଆମ ରାଜ୍ୟରେ ଭିତ୍ତିଭୂମିର ଅଭାବ ରହିଛି କିମ୍ବା ପରିବେଶ ଓ ପରିସ୍ଥିତି ପ୍ରଭାବରେ ଉତ୍ପାଦନ କ୍ଷମତା ହ୍ରାସ ପାଉଛି, ସେସବୁର ନିଷ୍କର୍ଷ ବାହାର କରିବାକୁ ହେଲେ ଅନ୍ୟ ରାଜ୍ୟର ପାରିପାର୍ଶ୍ୱିକ ସ୍ଥିତି ସହିତ ଆମକୁ ତୁଳନାତ୍ମକ ବିଚାର କରିବାକୁ ପଡ଼ିବ। ଆମର କେଉଁ ଜିନିଷ ବିଶ୍ୱସ୍ତରୀୟ ଅଥଚ ଭିତ୍ତିଭୂମିର ବିକାଶ ହୋଇପାରିନଥିବାରୁ ତାହା ଲୋକଲୋଚନର ଆଢୁଆଳରେ ରହିଯାଇଛି ସେସବୁକୁ ବୁଝିବାକୁ ହେବ। ଏମିତିରେ ଆଜିକାଲି ଜମିବାଡ଼ି ପଡ଼ିଆ, ଗୋରୁଙ୍କ ଚରାଭୂଇଁ ପାଲଟିଛି। ଅନେକ ସମୟରେ ଅଦିନିଆ ଝଡ଼ବର୍ଷା ଚାଷୀମାନଙ୍କ ଅଣ୍ଟା ଭାଙ୍ଗି ଦେଉଛି।

ଅତୀତକୁ ଗଲେ ଜଣାପଡ଼ିବ ଆଗକାଳେ ପ୍ରତି ଘରେ ଋତୁ ଅନୁଯାୟୀ ଜହ୍ନି, ଛଚିନ୍ଦ୍ରା, କାକୁଡ଼ି, କଖାରୁ, ପୋଇ ଆଦି ପନିପରିବା ଭାଡିରେ ମାଡୁଥିଲା। ବାରିଘରେ ଅମୃତଭଣ୍ଡା, ବିଲାତି ସହିତ ବିଭିନ୍ନ ପ୍ରକାରର ଶାଗ ମିଳୁଥିବାରୁ ବଜାରରୁ ବିଶେଷ ପନିପରିବା ଘରକୁ ଆଣିବାକୁ ପଡୁନଥିଲା। ପ୍ରତି ଘର ଆଗରେ ପ୍ରାୟ ଗୋଟେ ଦୁଇଟା ସଜନା ଗଛ ଥିଲା। ଏବେ ଏସବୁ ଘରମାନଙ୍କରେ ଉପଲବ୍ଧ ହେବା ସ୍ୱପ୍ନ। ଏଠି ଇଣ୍ଡଷ୍ଟ୍ରି ନାହିଁ, ନିଯୁକ୍ତିର ସୁଯୋଗ ନାହିଁ। ରାଜ୍ୟ ବେକାରି ସମସ୍ୟା ପରି ଅସରନ୍ତି ସମସ୍ୟାରେ ଭାରାକ୍ରାନ୍ତ। ସେଥିରେ ପୁଣି ସମୟେ ସମୟେ ବାତ୍ୟା, ଲଘୁଚାପଜନିତ ବର୍ଷାରେ ଚାଷୀକୁଳର କ୍ଷତି ହୋଇଚାଲିଛି। ପ୍ରତିକୂଳ ପରିବେଶରେ ଶୀତଳ ଭଣ୍ଡାରର ଅଭାବରୁ ଚାଷୀମାନେ ଚାଷକାମରୁ ମୁହଁ ଫେରାଇ ନେଉଛନ୍ତି। କ୍ୱଚିତ୍ ଲୋକ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସେଥିପାଇଁ ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହନ୍ତି।

ବିଲରେ ଖଟିବାକୁ ଏଠାକାର ଲୋକେ ରାଜି ହେଉ ନ ଥିବାରୁ ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ କିମ୍ବା ତେଲଙ୍ଗାନାରୁ ଲୋକଙ୍କୁ ଅଣାଯାଉଛି । ଫଳତଃ ସେମାନେ ଏଠିକାର ସ୍ଥାୟୀ ବାସିନ୍ଦା ପାଲଟିଯାଉଛନ୍ତି! ଆଉ କିଛି କାମ ଆଳରେ ଆମ ରାଜ୍ୟକୁ ଆସି ବର୍ଷ ବର୍ଷ ଧରି ରହିଯାଇ ଜମିବାଡି ପଟ୍ଟା ପାଇବାକୁ ଆବେଦନ କଲେଣି! ଏସବୁ ପାଇଁ କେଉଁଠି ନା କେଉଁଠି ଲୋକଙ୍କର ଅଳସୁଆମି, ବୀତସ୍ପୃହତା ଓ ପ୍ରଶାସନିକ ବ୍ୟବସ୍ଥା ଦାୟୀ। ଫଳରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଅନ୍ୟ ରାଜ୍ୟ ତୁଳନାରେ ପଛୁଆ। ବହୁ ସମୟରେ ବିଭିନ୍ନ ରାଜ୍ୟରୁ ପନିପରିବା ପରି ଅନେକ ଜିନିଷ ଆମଦାନୀ କରିବାକୁ ହେଉଛି। ଅବଶ୍ୟ ଓଡ଼ିଶା କନ୍ଦମୂଳ ଓ ପାଳଛତୁ ଉତ୍ପାଦନରେ ଭାରତରେ ପ୍ରଥମ। ବାଇଗଣ, କୋବି ଉତ୍ପାଦନରେ ଦ୍ୱିତୀୟ ଓ କାଜୁ ଉତ୍ପାଦନରେ ତୃତୀୟ ସ୍ଥାନ ଅଧିକାର କରିଛି। ତେବେ ବି ଭିତ୍ତିଭୂମିର ବିକାଶ ହୋଇପାରି ନ ଥିବାରୁ ଚାଷ ବିଶେଷ ଭାବେ ପ୍ରଭାବିତ ହେଉଛି। ବିଭିନ୍ନ ଫଳ, ପିଆଜ, ରସୁଣ ଓ ଅନ୍ୟାନ୍ୟ ପନିପରିବା ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ନୁହେଁ। ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଆମ ରାଜ୍ୟ ସହିତ ଆନ୍ଧ୍ର, ତାମିଲନାଡୁ, ପଶ୍ଚିମବଙ୍ଗ



ପରି ତଟବର୍ତ୍ତୀ ରାଜ୍ୟଗୁଡିକରେ ପାଖାପାଖି ସମାନ କ୍ଷୟକ୍ଷତି କରୁଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ ଏହାର ଯଥାସମ୍ଭବ ମୁକାବିଲା କରିପାରୁଛନ୍ତି। କିନ୍ତୁ ଆମ ରାଜ୍ୟ ସେସବୁର ମୁକାବିଲା କରିବାରେ ସେତେ ପରିପକ୍ୱ ନୁହେଁ। କାରଣ ସେମାନେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଆମଠାରୁ ଆଗୁଆ।

ଋତୁଭିତ୍ତିକ ଚାଷକାର୍ଯ୍ୟ ସହିତ ବୈଷୟିକ କଳାକୁଶଳତା ସେମାନଙ୍କ କୃଷିକୁ ଅଧିକ ମଜଭୁତ କରିପାରିଛି, ଯାହା ଓଡ଼ିଶାରେ ଏଯାଏ ସମ୍ଭବ ହୋଇପାରୁନାହିଁ। ତଥାକଥିତ ପୁରୁଣା ପ୍ରଣାଳୀ ଦ୍ୱାରା କାମ ହେଉଥିବାରୁ ଅଭିବୃଦ୍ଧି ହାର ଅନ୍ୟ ରାଜ୍ୟଗୁଡିକଠାରୁ ପଛରେ। ଆଉ ଏକ କାରଣ ହେଲା -ସେମାନେ ନିଜ ପ୍ରାକୃତିକ ସମ୍ବଳର ଉପଯୁକ୍ତ ବିନିଯୋଗ କରୁଛନ୍ତି। ପଶ୍ଚିମବଙ୍ଗରୁ ଆଳୁ, ଚାଉଳ ପରି ଅନେକ ଜିନିଷ ଓଡ଼ିଶାକୁ ରପ୍ତାନି ହେଉଛି। ଝୋଟ ଉତ୍ପାଦନ ପାଇଁ ପଶ୍ଚିମବଙ୍ଗ ଉପରେ ଅନ୍ୟ ରାଜ୍ୟଗୁଡିକ ନିର୍ଭରଶୀଳ। ଓଡ଼ିଶାରେ ପ୍ରଚୁର ଖଣିଜ ପଦାର୍ଥ ରହିଛି ସତ କିନ୍ତୁ କୃଷି ପ୍ରଣାଳୀ ଅନ୍ୟମାନଙ୍କ ତୁଳନାରେ ସମୃଦ୍ଧ ନୁହେଁ। ଅତୀତରେ ଝୋଟ ଉତ୍ପାଦନରେ ଆଗୁଆ ଥିଲା ଆମ ରାଜ୍ୟ। ଏବେ ତଳକୁ ଖସିଛି।

ଆନ୍ଧ୍ରପ୍ରଦେଶ ହେଉଛି ଭାରତର ଭାତହାଣ୍ଡି। ବିଭିନ୍ନ ଖଣିଜପଦାର୍ଥରେ ଭରପୂର ଥିବା ଏହି ରାଜ୍ୟ କଦଳୀ, ଆମ୍ବ ଚାଷ ପାଇଁ ପ୍ରସିଦ୍ଧ। ସାମୁଦ୍ରିକ ଜୀବ ରପ୍ତାନିରେ ଆନ୍ଧ୍ରପ୍ରଦେଶର ପ୍ରମୁଖ ଭୂମିକା ରହିଛି। କେରଳର କିଛି ଅଂଶକୁ ପୂର୍ବତଟବର୍ତ୍ତୀ ଅଞ୍ଚଳରେ ସାମିଲ୍ କରାଗଲେ ଜଣାଯିବ ଯେ ଏହା ଛୋଟ ହେଲେ ମଧ୍ୟ ବିଭିନ୍ନ ମସଲାମସଲି, ରବର, କଫି, ଚା, ନଡ଼ିଆ, ଗୋଲମରିଚ, କଦଳୀ ଉତ୍ପାଦନରେ ବେଶ୍ ସକ୍ରିୟ। ତାମିଲନାଡୁ କଫି, ଲଙ୍କା, ରବର, ଗୋଲମରିଚ, କଦଳୀ ଚାଷରେ ଆଗୁଆ। ଦକ୍ଷିଣ ଭାରତର କଫି, ଆଖୁ, ରବର ବିଭିନ୍ନ ଚାରାଗଛ ଓଡ଼ିଶାକୁ ଆସେ। ଦକ୍ଷିଣ ଭାରତରେ ପ୍ରଚୁର ଫୁଲ ଚାଷ ହୁଏ। ସେମାନେ ବାହାରକୁ ରପ୍ତାନି କରି ବି ନିଜର ଚାହିଦା ପୂରଣ କରିଥାନ୍ତି। ବଡ଼କଥା ହେଲା ସେମାନେ ପରିଶ୍ରମୀ। ବିଭିନ୍ନ କାମରେ ବ୍ୟସ୍ତ ରହିବାକୁ ପସନ୍ଦ କରନ୍ତି। ଦକ୍ଷିଣ ଭାରତର ରାସ୍ତା ଓ ପର୍ଯ୍ୟଟନ ଶିଳ୍ପ ମଧ୍ୟ ବେଶ୍ ସୁଦୃଢ଼। ସେମାନଙ୍କ ଘରର ମହିଳାମାନେ ଘରକାମ ସହିତ ବାହାର କାମ ତୁଲାନ୍ତି। ସେ ଅନୁସାରେ ଆମ ରାଜ୍ୟରେ ପ୍ରାକୃତିକ ସମ୍ବଳ କମ୍ ନାହିଁ। କିନ୍ତୁ ସେସବୁର ଠିକ୍ ବିନିଯୋଗ ହୋଇପାରେ ନାହିଁ। ସେଥିପାଇଁ ମାନସିକତାର ଅଭାବ ପରିଲକ୍ଷିତ ହୁଏ।

ଦେଶବିଦେଶରେ ଆମ ରାଜ୍ୟର ହସ୍ତତନ୍ତର ଖୁବ୍ ଚାହିଦା। କୁଟୀରଶିଳ୍ପକୁ ମଧ୍ୟ ଏଥିରେ ସାମିଲ୍ କରାଯାଇପାରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବା ଛାଠିଏ ପଉଟିରୁ ଜଣାପଡ଼େ କେତେ ପ୍ରକାରର ଖାଦ୍ୟ ଓଡ଼ିଶା ସଂସ୍କୃତିରେ ଭରିରହିଛି। ସେ ଅନୁସାରେ ଆମ ପାରମ୍ପରିକ ଖାଦ୍ୟ ବିଶ୍ୱସ୍ତରୀୟ ହେବା କଥା କିନ୍ତୁ ସଚେତନତାର ଅଭାବ ହେତୁ ପ୍ରଚାର ପ୍ରସାର ହୋଇପାରୁନାହିଁ। ଜଗତସିଂହପୁର।

**ମୋ: ୯୪୩୭୩୧୭୦୨୬**

## ଏଇ ଭାରତରେ

ମାତ୍ର ୮୦ ବର୍ଗଫୁଟର ଘରେ ମାଇକ୍ରୋଗ୍ରୀନ ଚାଷ କରି ମାସକୁ ୫ ଲକ୍ଷ ଟଙ୍କାର ବ୍ୟବସାୟ କରୁଛନ୍ତି ପୂର୍ବତନ ବ୍ୟାଙ୍କ କର୍ମଚାରୀ ଅଜୟ ଗୋପୀନାଥ। ମାଇକ୍ରୋଗ୍ରୀନ୍ (ବିଭିନ୍ନ ଶସ୍ୟର ମଞ୍ଜିରୁ ଗଜା ହେବା ପରେ କଅଁଳ ଅବସ୍ଥାର ଛୋଟ ଗଛ)କୁ ବିଶେଷ କରି ସାଲାଡ, ଶୁପ, ସାଣ୍ଡୱିଚ ଇତ୍ୟାଦିରେ ପୌଷ୍ଟିକ ଗୁଣ, ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରାଯାଏ। ଏଣୁ ଏହାର ଚାହିଦା ଅଧିକ । ଏ ଦୃଷ୍ଟିରୁ ଅଜୟ କମ୍ ଜାଗାରେ ବୈଜ୍ଞାନିକ ପଦ୍ଧତିରେ ଘର ଭିତରେ ବିନା ମାଟି ଓ ସୂର୍ଯ୍ୟାଲୋକରେ ଚାଷ କରି ଅଧିକ ଲାଭ ପାଇପାରୁଛନ୍ତି । ସେ 'ଗୋ ଗ୍ରୀନ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହାର ବ୍ୟବସାୟ କରୁଛନ୍ତି। ଘର ଭିତର ତାପମାତ୍ରା ୨୫ ଡିଗ୍ରୀ ସେଲସିୟସ ତଳେ ରହୁଛି ଏବଂ ଆର୍ଦ୍ରତା ୪୦ରୁ ୬୦ ପ୍ରତିଶତ ମଧ୍ୟରେ ରଖାଯାଇ ଚାଷ କରାଯାଉଛି। ଅଜୟ ସିଟିଗ୍ରୁପର କର୍ମଚାରୀ ଥିଲେ ଏବଂ ତାହାକୁ ଛାଡ଼ି ୨୦୧୭ରେ ମାଇକ୍ରୋଗ୍ରୀନ ଚାଷ ପରୀକ୍ଷା ଭିତ୍ତିରେ ଆରମ୍ଭ କରିଥିଲେ। ପରେ ଭାରତ ଏବଂ ଇଂଲଣ୍ଡର ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଚାଷକୁ ଆଗକୁ ବଢ଼ାଇ ସଫଳତା ପାଇପାରିଛନ୍ତି। ଏବେ ୧୫ ପ୍ରକାର ମାଇକ୍ରୋଗ୍ରୀନ୍ ଚାଷ କରି ୫ ଲକ୍ଷ ଟଙ୍କାର ବ୍ୟବସାୟ କରି ଯଥେଷ୍ଟ ଲାଭ ପାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୩ ସେପ୍ଟେମ୍ବର ୧୯୭୬

- ସମ୍ପ୍ରତି ଉତ୍ତର ପ୍ରଦେଶରେ ଦେଖା ଦେଇଥିବା ପ୍ରଳୟଙ୍କରୀ ବନ୍ୟାରେ ସଂଗୃହିତ ପ୍ରାଥମିକ ବିବରଣୀ ଅନୁଯାୟୀ ୧୮୯ ଜଣଙ୍କ ମୃତ୍ୟୁ।
- ଭାରତ ଓ ବାଂଲାଦେଶର ସର୍ଭେ ଅଫିସରମାନେ ଦୁଇ ଦେଶର ସୀମାନ୍ତ ଚିହ୍ନିତ ହୋଇଥିବା ପ୍ରାୟ ୬୦ଟି ମାନଚିତ୍ରରେ ଦସ୍ତଖତ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେଣ୍ଡ ନା ଟ୍ରାପ୍

ମହାଶୟ,

ଏବେ ସୋସିଆଲ ମିଡିଆରେ ଚାଲିଛି ଗୁଗଲ ଜେମିନି ଟ୍ରେଣ୍ଡ । ୟୁଜର ପୁରୁଣା ସ୍ମୃତିକୁ ଗୁଗଲ ଜେମିନି ଟଚ୍ ଦେଇ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରୁଛନ୍ତି । ଏଆଇ ସହାୟତାରେ ଏହି ନୂଆ ଟ୍ରେଣ୍ଡ ନିଜ ଯାଦୁ ମାଧ୍ୟମରେ ଦୁନିଆର ଲୋକଙ୍କୁ ବଶୀଭୂତ କରିନେଇଛି । କୌଣସି ଠାକୁରଙ୍କ ଫଟୋକୁ ନେଇ ଗୁଗଲ ଜେମିନି ଷ୍ଟାଇଲରେ ଫଟୋ କରାଯାଉଛି । ଏହି ଫଟୋ ଏବେ ଲୋକମାନଙ୍କୁ ପାଗଳ କରିଦେଇଛି । ଆପଣ ନିଜର ବ୍ୟକ୍ତିଗତ ଫଟୋ ଅପ୍‌ଲୋଡ୍ କରୁଛନ୍ତି, ସେଗୁଡ଼ିକ ଏଆଇ କମ୍ପାନୀ ଦ୍ୱାରା ସଂଗ୍ରହ କରାଯାଇ ତାଲିମ ପାଇଁ ବ୍ୟବହାର ହୋଇପାରେ। ଏହା ଆପଣଙ୍କ ଅନୁମତି ବିନା ଘଟିପାରେ। ଅପ୍‌ଲୋଡ୍ କରାଯାଇଥିବା ଫଟୋ ଯେପରି ସ୍ଥାନ କିମ୍ବା ସମୟରେ ବାହାର କରାଯାଇ ଆପଣଙ୍କ ଗୋପନୀୟତାକୁ ବିପଦରେ ପକାଇପାରେ। ଟ୍ରେଣ୍ଡ ଯୋଗୁ ଅନେକ ୟୁଜର୍ସ ନିଜର ପ୍ରାଇଭେଟ୍ ଫଟୋ ସହ ୟୁନିକ୍ ଫେସିଆଲ ଡାଟା ମଧ୍ୟ ଶେୟାର କରୁଛନ୍ତି। ଏହା ଆଗାମୀ ପରିସ୍ଥିତିରେ ବିପଦ ହୋଇପାରେ। ତେବେ ଚିନ୍ତା କରିବାର ସମୟ ଆସିଯାଇଛି ଯେ କିଛି କ୍ଷଣର ମଜା ପାଇଁ ଆପଣ ଗୁଗଲ ଜେମିନି ଫଟୋ ତିଆରି କରିବେ ନା ନିଜ ବ୍ୟକ୍ତିଗତ ଫଟୋକୁ ଏଆଇ କବଳରୁ ସୁରକ୍ଷିତ ରଖିବେ । ନ ହେଲେ ନେଡ଼ିଗୁଡ଼ କହୁଣିରେ ପହଞ୍ଚିପାରେ। ଆପଣଙ୍କ ତଥ୍ୟ ଅନ୍ୟର ବ୍ୟବସାୟ ହୋଇପାରେ ।

**– ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

## ଚିରନ୍ତନୀ

ଗାଏ ତା'ର ଯଶ କବି,
ସେ ଯେ ନିତ୍ୟ ମୁକ୍ତିର ବନ୍ଧନ
ଏକ ସଙ୍ଗେ ଅପରର ମୁକ୍ତି
ତହିଁ ପରମ ସାଧନ ।
ଏହି ଚକ୍ରବାକର ଦମ୍ପତି-
ନାହିଁ ତହିଁ ସ୍ୱାର୍ଥ ଆଶା ଦୁଇ ଲୋଡ଼େ
ଦୁଇର ମୁକତି ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ ମୃତ୍ୟୁ ଘଟଣା

# ଠକେଇ ଶିକାର ପୀଡ଼ିତ ହେଲେ ଅଭିଯୁକ୍ତ



ଗିରଫ ୪ ଅଭିଯୁକ୍ତ।

- ଗଜପତିରୁ ୪ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ
- ଠକେଇ ମାଷ୍ଟରମାଇଣ୍ଡ୍ ଜ୍ୟୋତ୍ସ୍ନାଙ୍କ ପତ୍ତା ମିଳୁନି



ଜବତ ମୋବାଇଲ ଓ ସାର୍ଟିଫିକେଟ୍।

**ଭୁବନେଶ୍ୱର,୨୨।୯(ସତ୍ୟଜିତ୍ ରାଉତ)**

ଅପହୃତ ଟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତ୍ୟୁ ଘଟଣାରେ କମିଶନରେଟ୍ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଚାକିରି ପାଇବାକୁ ଟଙ୍କା ଦେଇ ଠକେଇର ଶିକାର ହୋଇଥିବା ପୀଡ଼ିତମାନେ ଏବେ ଅଭିଯୁକ୍ତ ପାଲଟିଛନ୍ତି। ଯାଜପୁର ରୋଡ୍‌ରେ ଅପହର୍ତ୍ତାଙ୍କ ହେପାଜତରେ ବିଦ୍ୟାଧର ଆତ୍ମହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଭୁବନେଶ୍ୱର ଆଣି ଫିଙ୍ଗିଦିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଏନ୍. ଦିଲୀପ କୁମାର (୩୭), ରମେଶ ଚନ୍ଦ୍ର ବେହେରା (୫୬), ଗୁରାଣ୍ଡି ଅଞ୍ଚଳର ଦୀପକ କୁମାର ସାହୁକାର (୩୦) ଓ ରବୀନ୍ଦ୍ର ବେହେରା (୫୦)ଙ୍କୁ ପୋଲିସ ଗିରଫ କରିଛି। ସୋମବାର ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀ କରି ଠକେଇ ଓ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାର ପୂରା ରହସ୍ୟ ବଖାଣିଛନ୍ତି। ତେବେ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ୪ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଠକେଇର ମାଷ୍ଟରମାଇଣ୍ଡ୍ ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆଙ୍କ ପତ୍ତା ପାଇପାରି ନାହିଁ। ମାତ୍ର ଆଗକୁ ଗିରଫଦାରି ସଂଖ୍ୟା ବଢ଼ିବ ବୋଲି କମିଶନର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ବଡ଼ଗଡ଼ ଥାନା ପକ୍ଷରୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିଦ୍ୟାଧରଙ୍କ ବ୍ୟାଗ୍‌ରୁ ମିଳିଥିବା ବହୁ ରବର ଷ୍ଟାମ୍ପ, ଷ୍ଟାମ୍ପ୍ ପ୍ୟାଡ୍ ଓ ସାର୍ଟିଫିକେଟ୍ ଆଦି ଜବତ କରି ପୋଲିସ ତଦନ୍ତ କରୁଛି। ଅପହରଣ, ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା, ପ୍ରମାଣ ନଷ୍ଟ ଆଦି ଦଫାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି।

## ଅପହରଣରୁ ଆତ୍ମହତ୍ୟା

ଅପହରଣରୁ ଆତ୍ମହତ୍ୟା ଓ ପରେ ମୃତଦେହ ଫିଙ୍ଗିବା ପର୍ଯ୍ୟନ୍ତ ୬ଦିନର ଘଟଣାବଳୀକୁ ନେଇ ହୋଇଥିବା ତଦନ୍ତରୁ ପୋଲିସ ବହୁ ତଥ୍ୟ ପାଇଛି। ବିଦ୍ୟାଧରଙ୍କୁ ଟଙ୍କା ଦେଇଥିବା ଗଜପତି ଜିଲାର ଅଭିଯୁକ୍ତମାନଙ୍କ ସମେତ ଅନ୍ୟ କେତେଜଣ ସେପ୍ଟେମ୍ବର ୧୫ ସୋମବାର ଭୁବନେଶ୍ୱର ଆସିଥିଲେ। ବାଲେଶ୍ୱର ଓ ଯାଜପୁର ଅଞ୍ଚଳରୁ ମଧ୍ୟ କେତେଜଣ ପହଞ୍ଚିଥିଲେ। ଆଶାୟୀମାନେ ଭଞ୍ଜକଳା ମଣ୍ଡପ ନିକଟ ରାସ୍ତାରେ ବିଦ୍ୟାଧରଙ୍କୁ ଭେଟି ୧.୫ କୋଟି ଟଙ୍କା ଓ ସାର୍ଟିଫିକେଟ୍ ଫେରାଇବାକୁ କହିଥିଲେ। ଏହାପରେ ବିଦ୍ୟାଧର ତାଙ୍କ ମ୍ୟାଡାମ୍ ଜ୍ୟୋତ୍ସ୍ନାଙ୍କୁ କଲ୍ କରିଥିଲେ। ହେଲେ ସେ ଚାକିରି ଆଶାୟୀମାନଙ୍କୁ ଗାଳିଗୁଲଜ କରିଥିଲେ। ପରେ ଆଶାୟୀମାନେ ବିଦ୍ୟାଧରଙ୍କୁ ଧରି ଜ୍ୟୋତ୍ସ୍ନାଙ୍କୁ ଖୋଜାଖୋଜି କରିଥିଲେ। ଜ୍ୟୋତ୍ସ୍ନାଙ୍କୁ ନ ପାଇବାରୁ ରାତିରେ ବିଦ୍ୟାଧରଙ୍କୁ ଅପହରଣ କରି ଠକେଇର ଶିକାର ଅନ୍ୟତମ ଚାକିରି ଆଶାୟୀ ତପନଙ୍କ ଯାଜପୁର ରୋଡସ୍ଥିତ ଭଡ଼ାଘରକୁ ନେଇଯାଇଥିଲେ। ମଙ୍ଗଳବାର ଭୋର ୪ଟାରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ବିଦ୍ୟାଧରଙ୍କୁ ବନ୍ଦୀ କରି ରଖିଥିଲେ। ବୁଧବାର ସେମାନେ ବିଦ୍ୟାଧରଙ୍କ ସ୍ତ୍ରୀ ମାମିନାଙ୍କୁ କଲ୍ କରି ସ୍ୱାମୀଙ୍କ କାରନାମା ବିଷୟରେ କହିବା ସହ ସାର୍ଟିଫିକେଟ୍ ଓ ଟଙ୍କା ଫେରାଇଦେବାକୁ କହିଥିଲେ। ସେହିଦିନ ତପନ ଓ ମୋହନ ନାମକ ଯୁବକ ବିଦ୍ୟାଧରଙ୍କ ଘରକୁ ଆସି ତାଙ୍କ ସ୍ତ୍ରୀଙ୍କଠାରୁ ସାର୍ଟିଫିକେଟ୍ ଭର୍ତ୍ତି ବ୍ୟାଗ୍ ନେଇଥିଲେ। ହେଲେ ସେଥିରେ ଅନ୍ୟ ଆଶାୟୀଙ୍କ ଦସ୍ତାବିଜ ଥିବାରୁ ଅଭିଯୁକ୍ତମାନେ ବୁଧବାରଠାରୁ ଗୁରୁବାର ନିୟମିତ ମାମିନାଙ୍କୁ କଲ୍ କରି ଟଙ୍କା ଓ ସାର୍ଟିଫିକେଟ୍ ଫେରାଇବାକୁ କହିଥିଲେ। ଏହା ଭିତରେ ବିଦ୍ୟାଧର ଅପହର୍ତ୍ତାଙ୍କ ଚାପରେ ପଡ଼ି ମାନସିକ ଭାରସାମ୍ୟ ହରାଇ ବସିଥିଲେ। ୧୯ ତାରିଖ ଶୁକ୍ରବାର ସକାଳ ୭ଟାରେ ସେ ଶୌଚ ହେବାକୁ କହି ଟଏଲେଟ୍ ପାଖ ରୁମ୍‌କୁ ଯାଇ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଦେଇଥିଲେ। ଏହାପରେ ଟଙ୍କା ପାଇବାକୁ ଆଶା ରଖିଥିବା ଅଭିଯୁକ୍ତମାନେ ଭୟଭୀତ ହୋଇପଡ଼ିଥିଲେ। ବିଳମ୍ବିତ ରାତିରେ ବିଦ୍ୟାଧରଙ୍କ ମୃତଦେହକୁ କାର୍‌ରେ ଭୁବନେଶ୍ୱର ଆଣି ବାରଙ୍ଗ-ପିତାପଲ୍ଲୀ ରୋଡର ଏକ ଗଛରେ ଝୁଲାଇ ଆତ୍ମହତ୍ୟାର ରୂପ ଦେବାକୁ ଚାହିଁଥିଲେ। ସେପଟେ ମାମିନା ବଡ଼ଗଡ଼ ଥାନାରେ ସ୍ୱାମୀଙ୍କ ନିଖୋଜ ଏତଲା ଦେଇ ଅପହର୍ତ୍ତାଙ୍କ ନମ୍ବର ଦେଇଥିଲେ। ପୋଲିସ ଉକ୍ତ ନମ୍ବରକୁ କଲ୍ କରିବା ପରେ ଅଭିଯୁକ୍ତମାନେ ମୃତଦେହ ଛାଡ଼ି ପଳାଇଥିଲେ। ୨୦ ତାରିଖରେ ବିଦ୍ୟାଧରଙ୍କ ମୃତଦେହ ପାଇବା ପରେ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା।

# ୩୦୫ଗ୍ରାମ୍ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ



ଜବତ ବାଇକ୍ ଓ ବ୍ରାଉନସୁଗାର ସହ ଗିରଫ ଅଭିଯୁକ୍ତ।

**ବାଲେଶ୍ୱର, ୨୨।୯(ବାଞ୍ଛାନିଧି ଦେ)**

ବାଲେଶ୍ୱର ସହଦେବଖୁଣ୍ଟା ଆଦର୍ଶ ଥାନା ଅଧୀନ ଅରଡ଼ବଜାର ପାଲଟିଛି ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ। ପୋଲିସ କି ଅବକାରୀ ବିଭାଗ ପକ୍ଷରୁ ଯେତେ ଚଢାଉ କରାଯାଉଥିଲେ ବି ଏହାକୁ ରୋକାଯାଇପାରୁନାହିଁ। ବିଶେଷକରି ପୋଲିସ୍‌କୁ ଚକ୍‌ମା ଦେବା ପାଇଁ ମହିଳାଙ୍କୁ କାରବାରରେ ସାମିଲ କରାଯାଉଛି। ଆସନ୍ତା ପାର୍ବଣ ଋତୁକୁ ଲକ୍ଷ୍ୟ କରି ନିଶା ବେପାରୀମାନେ ସକ୍ରିୟ ହୋଇଉଠିଛନ୍ତି। ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଉକ୍ତ ଅଞ୍ଚଳରେ ଚଢାଉ କରାଯାଇ ରିଣ୍ଟୁ ତରେଇଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୩୦୫ ଗ୍ରାମ୍ ବ୍ରାଉନସୁଗାର ଓ ଏକ ବୁଲେଟ୍ (ନଂ. ଓଡ଼ି୦୧ବିସି-୩୫୫୩) ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ. ୨୪୭/୨୫-୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଭ୍ରାମ୍ୟମାଣ ୟୁନିଟ୍ ଆଇଆଇସି ହରିହର ସିଂ, ଏସ୍ଆଇ ଭବେଶ ଦାସ ଓ ଭକ୍ତଚରଣ ସ୍ୱାଇଁ, କନଷ୍ଟେବଲ ସୁନାରାମ ସରେନ, ପଙ୍କଜ ମହାନ୍ତି, ମୀନତି ପରିଡ଼ା ପ୍ରମୁଖ ଏପିଆର୍ ଫୋର୍ସ ସହ ଏହି ଚଢାଉରେ ସାମିଲ ଥିଲେ।

ଉଲ୍ଲେଖଯୋଗ୍ୟ, ଗତ ୧୩ ତାରିଖରେ ମସଜିଦ୍ ଗଳି ସମ୍ମୁଖରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତ ମହିଳା ରେଜିୟା ବିବିଙ୍କୁ ଗିରଫ କରାଯିବା ସହ ତାଙ୍କ ଠାରୁ ୮୦ ଗ୍ରାମ୍ ବ୍ରାଉନସୁଗର ଜବତ ହୋଇଥିଲା।

# ୫ ହଜାର ଟଙ୍କା ଲାଞ୍ଚ ନେଇ ଡାଟା ଏଣ୍ଟ୍ରି ଅପରେଟର ଗିରଫ

**ସିମୁଳିଆ, ୨୨।୯ (ସନ୍ତୋଷ ନାୟକ)**

ଭିନ୍ନ ଜାତିରେ ବିବାହ ପ୍ରମାଣପତ୍ର କରାଇଦେବା ଲାଗି ସୋମବାର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ଡାଟା ଏଣ୍ଟ୍ରି ଅପରେଟର ବିଶ୍ୱରଞ୍ଜନ ପ୍ରଧାନ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ଟିମ୍ ତାଙ୍କୁ ପଚରାଉଚରା କରିବା ପରେ କୋର୍ଟଚାଲାଣ କରିଛି।

ଭଦ୍ରକ ଜିଲା ତିହିଡି ଥାନା ନୂଆନନ୍ଦ ଅଞ୍ଚଳର ନରେଶ ଚନ୍ଦ୍ର ମୁଦୁଲି ସିମୁଳିଆ ବ୍ଲକ ଅଣ୍ଡରାଇ ଅଞ୍ଚଳର ସଙ୍ଗୀତା ଜେନା ନାମ୍ନୀ ଜଣେ ଅନୁସୂଚିତ ଜାତିର ଯୁବତୀଙ୍କୁ ଗତ ଅଗଷ୍ଟ ୩୦ରେ ବିବାହ କରିଥିଲେ। ସରକାରଙ୍କ ନିୟମ ଅନୁସାରେ ଜଣେ ସାଧାରଣ ବର୍ଗର ଯୁବକ ସ୍ୱଇଚ୍ଛାରେ ଅନ୍ୟ ଜାତିରେ ବିବାହ କଲେ ସରକାରୀ ପ୍ରୋତ୍ସାହନ ରାଶି ପାଇବା କଥା। ତେବେ ଏହି ପ୍ରୋତ୍ସାହନ ରାଶି ପାଇବା ପାଇଁ ସେ ଆବେଦନ କରିଥିଲେ। ଡାଟା ଏଣ୍ଟ୍ରି ଅପରେଟର ତାଙ୍କୁ ଲାଞ୍ଚ ମାଗିବା ସହିତ ଆଜି କାଲି କହି ସମୟ ଗଡ଼ାଇ ଚାଲିଥିଲେ। ତେବେ ଏ ସମ୍ପର୍କରେ ନରେଶ ଭିଜିଲାନ୍ସ ବିଭାଗରେ ଦୃଷ୍ଟି ଆକର୍ଷଣ କରିଥିଲେ। ଯୋଜନା ମୁତାବକ ନରେଶ ୫ହଜାର ଟଙ୍କା ନେଇ ଡାଟା ଏଣ୍ଟ୍ରି ଅପରେଟର ପ୍ରଧାନଙ୍କୁ ବ୍ଲକ ପରିସରରେ ଦେବାବେଳେ ଭିଜିଲାନ୍ସ ଇନ୍ସପେକ୍ଟର ଜସ୍ମିତା ପୋଇଙ୍କ ସମେତ ୧୧ଜଣିଆ ଟିମ୍ ହାତରେ ଧରାପଡିଥିଲେ।



ଗିରଫ ଡାଟାଏଣ୍ଟ୍ରି ଅପରେଟର ବିଶ୍ୱରଞ୍ଜନ ପ୍ରଧାନ।

# ଛୁରିରେ ଆକ୍ରମଣ, ମହିଳା ମୃତ

କାନ ଫୁଲ ଓ ନାକର ନେଇ ଚମ୍ପଟ

**ପୋଲସରା,୨୨।୯ (ସୁବ୍ରତ ବେହେରା)**

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମର ଜଣେ ମହିଳାଙ୍କୁ ଏକ ଛୁରିରେ କେହି ଦୁର୍ବୃତ୍ତ ଆକ୍ରମଣ କରିଛି। ଫଳରେ ସମ୍ପୃକ୍ତା ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବିଳମ୍ବର ସେଠୀଙ୍କ ସ୍ତ୍ରୀ ଶୈଳ (୫୫)। ପରେ ଦୁର୍ବୃତ୍ତ ଜଣକ ଶୈଳ ପିନ୍ଧିଥିବା କାନ ଓ ନାକର ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିବା ଜଣାପଡିଛି। ସୋମବାର ସକାଳୁ ଘର କାମ ସାରି ଶୈଳ ବାଘୁଆ କେନାଲକୁ ଗାଧୋଇବାକୁ ଯାଇ ଫେରୁଥିବା ବେଳେ ଏହି ଘଟଣା ଘଟିଛି। ଖବରପାଇ ପୋଲସରା ଥାନା ଅଧିକାରୀ କୌଶିକ ମାଝୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।


**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** / बैंक ऑफ महाराष्ट्र / Bank of Maharashtra / भारत सरकार का उद्यम / एक परिवार एक बैंक

ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍** [ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **କଟକ ଶାଖା /** **ଋଣଗ୍ରହୀତା: କ୍ରୀଷ୍ଣା ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୌଶିକ କୁମାର ବେହେରା,** ପିତା: ଗଙ୍ଗାଧର ବେହେରା, ସା: ଜଗତ୍‌ପୁର, କଟକ, ଓଡ଼ିଶା-୭୫୪୦୨୧ | ଶ୍ରୀ କୌଶିକ କୁମାର ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଟାଙ୍ଗି, ତହସିଲ: ଟାଙ୍ଗି-ଚୌଦ୍ୱାର, କଟକ, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସିଟିଏସ୍/ସର୍ଭେ/ଖାତା ନଂ.: ୭୭୨/୪୩୭୨, ପ୍ଲଟ୍ ନଂ.: ୬୨୭/୮୫୪୭, ପରିମିତ କ୍ଷେତ୍ର: ୨୧୨୫.୭୩ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୬୨୦ ଏବଂ ୬୧୯, ପଶ୍ଚିମ: ଏହି ପ୍ଲଟ୍‌ର ବଳକା ଅଂଶ, ଉତ୍ତର: ରାସ୍ତା ଏବଂ ପ୍ଲଟ୍‌ର ବଳକା ଅଂଶ, ଦକ୍ଷିଣ: ପ୍ଲଟ୍ ନଂ.: ୬୧୮ ସହିତ ଜମିର ସମସ୍ତ ଅଂଶରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୨୧୨୫.୭୩ ବର୍ଗଫୁଟ (ବିଲ୍ଟ ଅପ୍ ଏରିଆ) ଏବଂ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର | ତା.୦୯.୦୭.୨୦୨୫ରିଖ ସୁଦ୍ଧା ଟ.୩୭,୫୩,୫୧୧/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୯.୦୭.୨୦୨୫ / ୧୮.୦୯.୨୦୨୫ (ସାଙ୍କେତିକ) |
| **ବ୍ରହ୍ମପୁର ଶାଖା /** **ଋଣଗ୍ରହୀତା: ଶ୍ରୀ ଉମେଶ ଚନ୍ଦ୍ର ମାଧୀ,** ପିତା: ଶ୍ରୀ ସତ୍ୟବାଜୀ ମାଧୀ, **ଠିକଣା-୧:** ମୌଜା: ଆମ୍ବଗଡ଼, ଦ୍ୱାରିକା ନଗର, କେନାଲ ନିକଟ, ମେନ୍ ରୋଡ୍ ଠାରୁ ୯୦୦ ମିଟର, ରାଜାରାଣୀ ଡ୍ରିମ୍ ହୋମ୍ ଆପାର୍ଟମେଣ୍ଟ ଠାରୁ ୯୦୦ ମିଟର, ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧, **ଠିକଣା-୨:** ମାର୍ଫତ୍: ଶ୍ରୀ ସତ୍ୟବାଜୀ ମାଧୀ, ଜୟମଙ୍ଗଳା ନଗର, ଗେଟ୍ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୦୧ / **କୋ-ଆପ୍ଲିକାଣ୍ଟ: ଶ୍ରୀମତୀ ନମିତା କୁମାରୀ ବେହେରା,** ସ୍ୱାମୀ: ଶ୍ରୀ ଉମେଶ ଚନ୍ଦ୍ର ମାଧୀ, **ଠିକଣା:** ମୌଜା: ଆମ୍ବଗଡ଼, ଦ୍ୱାରିକା ନଗର, କେନାଲ ନିକଟ, ମେନ୍ ରୋଡ୍ ଠାରୁ ୯୦୦ ମିଟର, ରାଜାରାଣୀ ଡ୍ରିମ୍ ହୋମ୍ ଆପାର୍ଟମେଣ୍ଟ ଠାରୁ ୯୦୦ ମିଟର, ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ | ଶ୍ରୀମତୀ ନମିତା କୁମାରୀ ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଆମ୍ବଗଡ଼, ଗ୍ରାମ: ଦ୍ୱାରିକା ନଗର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଗଞ୍ଜାମ, ସବ୍-ଡିଷ୍ଟ୍ରିକ୍ଟ: ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ ଏବଂ ସିଟିଏସ୍/ସର୍ଭେ ନଂ./ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିଜୟଲକ୍ଷ୍ମୀ ବେହେରାଙ୍କ ସମ୍ପତ୍ତି, ପଶ୍ଚିମ: ସୁବାଷ ସେଠୀ / ବିକ୍ରେତାମାନଙ୍କ ସମ୍ପତ୍ତି, ଉତ୍ତର: ରାସ୍ତା, ଦକ୍ଷିଣ: ସୁବାଷ ସେଠୀ / ବିକ୍ରେତାମାନଙ୍କ ସମ୍ପତ୍ତି | ତା.୦୪.୦୫.୨୦୨୪ରିଖ ସୁଦ୍ଧା ଟ.୨୧,୯୦,୨୮୬/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୪.୦୫.୨୦୨୪ / ୧୯.୦୯.୨୦୨୫ (ଭୌତିକ) |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୩.୦୯.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**



**Government of Odisha**
**Office of the Chief Construction Engineer, Rural Works Circle, Sambalpur**
E-mail Id : serwcirclesbp@yahoo.com
**Bid Identification No. Building tender Online RWCSBP-16/2025-26 No. : 3435 Dated : 16.09.2025**

**No.O-807** : The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 06 (Six) nos of Building Works for the year 2025-26.

1 Name of work : Building works for the year 2025-26
2 No. of work : 06 (Six) nos of Building works Details as per DTCN.
3 Estimated cost : Approximately varies from Rs.104.66 lakhs to Rs.284.52 lakhs
4 Class of Contractor : 'B' & 'A' Class
5 Cost of tender paper and mode of deposit : Rs.10,000/- per set. (to be deposited on-line) in favour concerned Superintending Engineer/Executive Engineer
6 Mode of submission of tender : Tender should be submitted only Online in website **www.tendersorissa.gov.in**. (https//tendersodisha.gov.in)
7 EMD and mode of deposit : **1% of estimated cost** of the work to be remitted online as mentioned in DTCN

8. Summary of Key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-16/2025-26 | **24.09.2025 at 11.00 A.M.** | **08.10.2025 Up to 05.00 P.M.** | **06.10.2025 Up to 5.00 P.M.** | **09.10.2025 at 11.00 A.M.** | To be intimated later |

- Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
- Subsequent modification/corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

**Sd./- Chief Construction Engineer, Rural Works Circle, Sambalpur**
**OIPR-25091/11/0082/2526**



**ଦ.ପୂ. ରେଳପଥ – ଇ-ଟେଣ୍ଡର**
**"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**
**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୫, ତାରିଖ: ୧୯।୦୯।୨୦୨୫**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର **୧୪.୦୦** ଘଣ୍ଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (ଟଙ୍କାରେ) |
|---|---|---|---|---|---|
| ୧. | ୪୬୨୫୩୧୬୦ | ୧୬।୧୦।୨୦୨୫ | ଡିସ୍‌କନେକ୍ଟିଂ ଓ ଆର୍ଥିଂ ଡିଭାଇସ୍, ୮ ପୋଲ୍, ୨ ୱେ, ବିନା ଅଫ୍, ଅନ୍ ଲୋଡ୍ ୧୨୫ ଏ ଆଟ୍ ୧୦୦୦ ଭି ଏସି, ୨ ଏନ୍‌ଓ+୨ଏନ୍‌ସି ଏବଂ ପ୍ୟାଡ୍ ଲକିଂ ବ୍ୟବସ୍ଥା ସହ ଅଫ୍ ପୋଜିସନରେ, ଆଇଇସି ୬୦୯୪୭ ଅନୁରୂପ ଏସି୨୩ ଡ୍ୟୁଟି ପାଇଁ ଉପଯୁକ୍ତ ଷ୍ଟେନଲେସ୍ ଷ୍ଟିଲ୍ ଏନ୍‌କ୍ଲୋଜରରେ ମାଉଣ୍ଟେଡ୍ ଇତ୍ୟାଦି | ୩୩୧ ଗୋଟି | ୩,୬୮,୮୩୦.୦୦ |
| ୨. | ୨୯୨୫୧୦୦୨ | ୨୩।୧୦।୨୦୨୫ | ଟାବ୍‌ଲେଟ୍ ପିସି ଟାଇପ୍ ଫଗ୍ ପାଇଲଟ୍ ଆସିଷ୍ଟାନ୍ସ ସିଷ୍ଟମ୍ ଡିଭାଇସ୍ | ୧୦୯୧ ଗୋଟି | ୧୧,୬୮,୯୪୦.୦୦ |
| ୩. | ୨୯୨୫୩୬୯୮ | ୨୪।୧୦।୨୦୨୫ | ଡବ୍ଲ୍ୟୁଏପି-୭ ପାଇଁ ଡାମ୍ପର | ୩୯ ସେଟ୍ | ୨,୮୯,୯୩୦.୦୦ |
| ୪. | ୨୯୨୫୩୧୯୧ | ୦୫।୧୧।୨୦୨୫ | କ୍ୟାବ୍ ଆକ୍ଟିଭେଟିଂ କୀ ସୁଇଚ୍ ଆଦି | ୩୪୩ ଗୋଟି | ୧,୧୩,୩୩୦.୦୦ |
| ୫. | ୨୯୨୫୪୬୫୬ | ୦୬।୧୧।୨୦୨୫ | ମେସର୍ସ କେବିଆଇପିଏଲ୍ ଗଠନ ମ୍ୟାଗ୍ନେଟ୍ ଭାଲ୍‌ଭ ପାଇଁ ଓଭରହଲିଂ କିଟ୍ | ୫୩୦ ସେଟ୍ | ୧,୩୭,୫୯୦.୦୦ |
| ୬. | ୨୯୨୫୩୨୮୨ | ୧୩।୧୧।୨୦୨୫ | ବ୍ରେକ୍ ପାଇଁ ପିନ୍ ଓ ବୁଶ୍‌ଗୁଡ଼ିକର ସେଟ୍ | ୧୧୭ ସେଟ୍ | ୧,୬୫,୪୦୦.୦୦ |
| ୭. | ୫୫୨୫୩୫୬୧ | ୧୮।୧୧।୨୦୨୫ | ଟାପ୍ ଚେଞ୍ଜରର ପିଓଏଚ୍ ରକ୍ଷଣାବେକ୍ଷଣ ଅନୁସୂଚୀ | ୨୫ ସେଟ୍ | ୧,୨୦,୩୨୦.୦୦ |
| ୮. | ୫୫୨୫୩୫୬୮ | ୧୯।୧୧।୨୦୨୫ | ଇଏଲ୍‌ଜିଆଇ ଟିଆର୍‌ସି ୧୦୦୦ଏମ୍‌ଏନ୍ କମ୍ପ୍ରେସରର ଆଇଓଏଚ୍ କିଟ୍ | ୪୬ ସେଟ୍ | ୧,୦୨,୯୩୦.୦୦ |
| ୯. | ୨୯୨୫୩୮୧୪ | ୨୦।୧୧।୨୦୨୫ | ଇଏଲ୍‌ଜିଆଇ ଗଠନର ମାଉଣ୍ଟ ସେଟ୍ | ୧୫୮ ସେଟ୍ | ୧,୪୯,୮୫୦.୦୦ |
| ୧୦. | ୨୯୨୫୩୩୧୭ | ୨୫।୧୧।୨୦୨୫ | ଇମର୍ଜେନ୍ସି ଏକ୍‌ଜଷ୍ଟ ଭାଲ୍‌ଭ ପାଇଁ କିଟ୍‌ର ସେଟ୍ | ୩୧୯ ସେଟ୍ | ୧,୩୯,୩୨୦.୦୦ |
| ୧୧. | ୫୫୨୫୫୧୨୮୫ | ୨୬।୧୧।୨୦୨୫ | ବ୍ରଶ୍ ହୋଲ୍ଡର ଆସେମ୍ବ୍ଲିର ସେଟ୍ | ୨୧୮ ସେଟ୍ | ୧,୧୪,୨୧୦.୦୦ |
| ୧୨. | ୨୯୨୫୩୦୦୮ | ୦୨।୧୨।୨୦୨୫ | ଟ୍ରାକ୍ସନ ବାର୍ ପାଇଁ ହାଉସିଂ | ୨୦୨ ଗୋଟି | ୧,୨୦,୧୩୦.୦୦ |
| ୧୩. | ୨୯୨୫୩୩୧୬ | ୦୮।୧୨।୨୦୨୫ | କିଟ୍ ଡାଇରେକ୍ଟ ବ୍ରେକ୍ ଏକ୍‌ଜଷ୍ଟ ଭାଲ୍‌ଭର ସେଟ୍ | ୧୨୮ ସେଟ୍ | ୧,୩୧,୫୭୦.୦୦ |
| ୧୪. | ୭୭୨୫୩୦୪୭ | ୦୭।୧୧।୨୦୨୫ | ପେଣ୍ଟ ଯୋଗାଣ, ବ୍ଲାକ୍ ଗ୍ରେ ଆର୍‌ଏଏଲ୍-୭୦୨୧, ପିୟୁ ଭିତ୍ତିକ | ୩୬୪୦ ଲିଟର | ୧,୦୭,୦୭୦.୦୦ |
| ୧୫. | ୩୧୨୫୫୦୦୬ | ୧୬।୧୦।୨୦୨୫ | ଇଏମ୍‌ୟୁଡି ଟାଇପ୍ କୋଚ୍‌ଗୁଡ଼ିକରେ ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ସିଷ୍ଟମ୍ (ଭିଏସ୍‌ଏସ୍)ର ଯୋଗାଣ, ସ୍ଥାପନା ଓ କମିଶନିଂ | ୮୦୩ ସେଟ୍ | ୨୦,୦୦,୦୦୦.୦୦ |
| ୧୬. | ୩୩୨୫୩୨୨୦ | ୨୯।୧୦।୨୦୨୫ | ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକ ପାଇଁ ଡୋର୍ ଆରେଞ୍ଜମେଣ୍ଟସ ଆର୍.ଏଚ୍. ଓ ଏଲ୍.ଏଚ୍. | ୧୪୪ ସେଟ୍ | ୧,୭୨,୯୭୦.୦୦ |
| ୧୭. | ୪୫୨୫୩୧୯୩ | ୦୯।୧୨।୨୦୨୫ | ୧୧୦ଭି ଡିସି ଟିଏଲ୍ ସିଷ୍ଟମ୍ ପାଇଁ ଉପଯୁକ୍ତ ବ୍ରଶଲେସ୍ ଅଲ୍ଟର୍ନେଟର ୪.୫ କେଡବ୍ଲ୍ୟୁ କ୍ଷମତାର ଭି-ବେଲ୍ଟ ଚାଳିତ ଆଦି | ୪୪ ଗୋଟି | ୧,୩୦,୮୯୦.୦୦ |
| ୧୮. | ୪୩୨୫୩୦୧୮ | ୦୪।୧୨।୨୦୨୫ | ହଟ୍ ବଫେଟ୍ ଏଲ୍‌ଏଚ୍‌ବି ଟାଇପ୍ କୋଚ୍ ପାଇଁ ଇଲେକ୍ଟ୍ରିକ୍ ୱାଟର ବଏଲର ୩୦ ଲିଟର | ୧୧୪ ଗୋଟି | ୧,୬୪,୧୧୦.୦୦ |
| ୧୯. | ୪୩୨୫୩୦୧୬ | ୧୨।୧୧।୨୦୨୫ | ଭୋଲ୍ଟେଜ୍ ଫେଲ୍ କଣ୍ଟ୍ରୋଲ (ଏମ୍‌ଏମ୍‌ଆର୍ ମେଜରିଂ ଓ ମନିଟରିଂ ରିଲେ) ଏନ୍‌ଇଟି ୧ ଓ ୨ | ୧୪୮୯ ଗୋଟି | ୧,୬୫,୫୧୦.୦୦ |
| ୨୦. | ୪୬୨୫୩୦୯୭ | ୧୭।୧୧।୨୦୨୫ | କମ୍ପ୍ରେସର ୟୁନିଟ୍ ୧.୧.୧.୨.୨.୧ ଏବଂ ୨.୨ ହିଟର୍ ୧୮୨ ପାଇଁ ମୋଟର ପ୍ରୋଟେକ୍ସନ୍ ସର୍କିଟ୍ ବ୍ରେକର୍ (ଏମ୍‌ପିସିବି), ସାମ୍ପ୍ରତିକ ରେଟିଂ ୭-୧୦ ଆମ୍ପ, ଥର୍ମାଲ୍ ରିଲିଜ୍ ରେଞ୍ଜ ୧୦-୧୬ ଆମ୍ପ, ଶ୍ରେଣୀ ୧୦, ବ୍ରେକିଂ କ୍ଷମତା ୧୦ କେଏ, ୩ ପୋଲ୍ ଆଦି | ୩୦୩୧ ଗୋଟି | ୧,୧୭,୧୭୦.୦୦ |
| ୨୧. | ୭୫୨୫୧୭୮୮ | ୧୧।୧୧।୨୦୨୫ | ଭିନାଇଲ୍ କୋଟେଡ୍ ଅପ୍‌ହୋଲଷ୍ଟେରୀ ଫାବ୍ରିକ୍ । ଆକାର: ୧୨୭ ସେମି x ୩୦ ମିଟର । | ୬୩୩୧୭ ମିଟର | ୧,୬୯,୭୪୦.୦୦ |
| ୨୨. | ୩୮୨୫୩୮୮୧ | ୧୪।୧୦।୨୦୨୫ | ୭/୮'' (୨୨.୨୨ ମିମି) ଡାୟା. ଜିଙ୍କ୍ ପ୍ଲେଟେଡ୍/ଗାଲ୍‌ଭାନାଇଜ୍‌ଡ ଲକ୍ ବୋଲ୍ଟ ସହିତ କଲାର୍ ଗ୍ରିପ୍ ନଂ.୧୬ ସହ ଗ୍ରିପ୍ ରେଞ୍ଜ ୨୫.୪୦-୩୧.୭୫ ମିମି । | ୬୮୦୬୮ ଗୋଟି | ୧,୬୭,୬୮୦.୦୦ |
| ୨୩. | ୩୮୨୫୩୩୩୫ | ୦୫।୧୧।୨୦୨୫ | ଅପ୍-ଗ୍ରେଡେଡ୍ ଏଚ୍‌ସିବିସି ନିମନ୍ତେ ୱେର୍ ପ୍ଲେଟ୍ ସହ ଷ୍ଟ୍ରାଇକର୍ କାଷ୍ଟିଂ । ଡ୍ରଇଂ ନଂ.: ଆଇଆର୍‌ଏସ୍ ଏସ୍ ଡ୍ରଇଂ ନଂ. ଡବ୍ଲ୍ୟୁଏ/ବିଡି-୪୪୬୦, ଅଲ୍ଟ. ୯ । | ୮୮୦ ଗୋଟି | ୩,୦୫,୨୯୦.୦୦ |
| ୨୪. | ୩୮୨୫୧୫୩୬ଏ | ୦୭।୧୧।୨୦୨୫ | ଏମ୍‌କେ-୫୦ ହାଇ କାପାସିଟି ଡ୍ରାଫ୍ଟ ଗିୟର ପାଇଁ ୬ଟି ସାମଗ୍ରୀ ସମ୍ବଳିତ ପିଓଏଚ୍ କିଟ୍-୨ । ଡ୍ରଇଂ ନଂ.: କିଟ୍ ବିବରଣୀ ପରିଶିଷ୍ଟ ଅନୁଯାୟୀ | ୧୩୦ ସେଟ୍ | ୨,୪୨,୧୭୦.୦୦ |
| ୨୫. | ୨୫୨୫୩୫୬୬ | ୦୭।୧୦।୨୦୨୫ | ସ୍ମୁଦିଂ ରିଆକ୍ଟର ଟାଇପ୍ ଏସ୍‌ଏଲ୍-୩୦ ଆଦି | ୨୮ ଗୋଟି | ୭,୦୦,୪୫୦.୦୦ |
| ୨୬. | ୨୯୨୫୩୨୫୧ | ୦୯।୧୦।୨୦୨୫ | ପ୍ରାଇମେରୀ ଭୋଲ୍ଟେଜ୍ ଟ୍ରାନ୍ସଫର୍ମର | ୨୨ ଗୋଟି | ୨,୦୫,୦୮୦.୦୦ |
| ୨୭. | ୨୫୨୫୩୬୬୫ | ୨୦।୧୦।୨୦୨୫ | ବେରିଂ ବ୍ରାକେଟ୍ ଆସେମ୍ବ୍ଲି ସେଟ୍ ଆଦି | ୨୬୦ ସେଟ୍ | ୭,୦୭,୫୪୦.୦୦ |
| ୨୮. | ୨୯୨୫୩୬୮୭ | ୨୨।୧୦।୨୦୨୫ | ଏଲ୍‌ଆର୍‌ୟୁ ପାଇଁ ଓଭରହଲିଂ କିଟ୍, କଣ୍ଟ୍ରୋଲ ପୋର୍ସନ୍; ୨୦-ପାଇପ୍ | ୯୭ ସେଟ୍ | ୨,୪୧,୫୧୦.୦୦ |
| ୨୯. | ୨୫୨୫୧୩୦୨ | ୨୨।୧୦।୨୦୨୫ | କମ୍ୟୁଟେଟର ଆସେମ୍ବ୍ଲି ଆଦି | ୩୬ ଗୋଟି | ୨,୮୨,୯୨୦.୦୦ |
| ୩୦. | ୨୯୨୫୫୦୫୯ | ୦୫।୧୧।୨୦୨୫ | ୩ଡି ଆଡଜଷ୍ଟେବଲ୍ ୩୬୦ ଡିଗ୍ରୀ ରୋଟେଶନାଲ ଡ୍ରାଇଭର ସିଟ୍ | ୨୫୦ ଗୋଟି | ୩,୨୧,୫୫୦.୦୦ |
| ୩୧. | ୨୯୨୫୩୨୩୦ | ୩୦।୧୨।୨୦୨୫ | ବୁଲ୍ ଗିୟର (୭୨ ଟିଥ୍) ଆଦି | ୪୭ ଗୋଟି | ୧,୩୩,୦୫୦.୦୦ |
| ୩୨ | ୨୯୨୫୩୨୯୭ | ୩୧।୧୨।୨୦୨୫ | ଏମ୍‌ଭିବି ଭିତ୍ତିକ ଗ୍ରାଫିକାଲ୍ ଡ୍ରାଇଭର ଆଦି | ୪୪ ଗୋଟି | ୧,୭୯,୧୨୦.୦୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତା ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି ।** (PR-647)



**GOVERNMENT OF ODISHA** No.B-527
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
e-mail ID : supenger_rbjyp@yahoo.co.in
**INVITATIONS FOR BIDS (IFB)**
**BID IDENTIFICATION NO. C.C.E.J.C (R&B) - 09/2025-26**
**No. 3719** **Date : 13.09.2025**

1. Nature of the work : **ROAD WORKS**
2. Total No. of Works : 04 (Four) Nos.
3. Tender cost : **Rs.1.79 to 8.32 Crs.**
4. Period of completion : 06 (Six) to 11 (Eleven) Calendar Months
5. Cost of Bid Document : Rs. 10,000/-
6. Bid Security (EMD) : **Rs.1.79 Lacs to 8.32 Lacs** as per column no.06 of IFB
7. Class of Contractor : **"B" & "A" & "Special"** Class as per Cl. No. 05 of TCN & according to Financial Eligibility.
8. Date & time of availability of bid Document in the portal : From 12.00 hours of 24.09.2025 to 17.00 hours of 08.10.2025
9. Last date / Time for receipt of bids in the Portal : 17.00 hours of 08.10.2025
10. Opening date of Bid : 11.00 hours of 09.10.2025
11. Name and address of the Officer Inviting Bid : **Chief Construction Engineer, Jeypore (R&B) Circle, Jeypore**

**Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.**

**Sd./- Chief Construction Engineer Jeypore (R&B) Circle, Jeypore**
**OIPR-34108/11/0035/2526**



**GOVERNMENT OF ODISHA** No.b-17
**OFFICE OF THE EXECUTIVE ENGINEER, NATIONAL HIGHWAY DIVISION, BERHAMPUR**
E-mail Id - eenhbam@gmail.com
**INVITATIONS FOR BIDS (IFB) {e-Procurement}**
**Bid Identification No. EE-NH-BAM/05/2025-26**
**No. 3202** **Dated - 19.09.2025**

1) The **Superintending Engineer, N.H. Division, Berhampur** on behalf of Governor of Odisha invites percentage rate bid in Single cover system in **ONLINE MODE** from eligible contractors for construction of Road work as detailed in the table below.
2) Nature of Work : Road (Drain)
3) No. of Work : 3 Nos.
4) Tender Cost : Rs.6000/- for each
5) Class of Contractor : C&D, B&C Class, B&C Class
6) Availability of Bid document in portal : 11.00 A.M. of 24.09.2025 to 05.30 P.M. of 17.10.2025
7) Date of Opening of Bid : 18.10.2025 at 11 A.M.
8) The bidders have to paticipate in ONLINE bidding only. Further details can be seen from the website https://tenderssorissa.gov.in
9) Any Corrigendum/Addendum/Cancellation of will be displayed in the e-tender website only.

**Sd./- Superintending Engineer, NH Division, Berhampur**
**OIPR-24415/11/0004/2526**



**[GOVERNMENT OF ODISHA]** No.B-533
**OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**
E-mail - eepwdbgh@gmail.com Phone/Fax - 06646-234819
**INVITATIONS FOR BIDS (I.F.B)**
**e-Procurement Notice**
**IDENTIFICATION NO.IFB-SE PWD BGH No.14 OF 2025-26**
**No. 4799, Dated - 13.09.2025**

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the **Building, Road & Electrical works** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Building, Road & Electrical work : **11 Nos.**
3) Cost of Tender Paper : **Rs.4,000/-, Rs.6,000/- & Rs.10,000/-**
4) Class of contractor : **"C", "B" Class "MV" & "HT" Electrical Contractor**
5) Date & Time of available in web site & receipt of Bids : **11:00 Hrs. of 26.09.2025 to 17:00 Hrs. of 08.10.2025**
6) Date of opening of Technical Bid : **09.10.2025 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / addendum will be displayed in the website https://tendersodisha.gov.in only.

**Sd./- Superintending Engineer, Bargarh (R&B) Division**
**OIPR-34039/11/0029/2526**



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.-୪, ଭୁବନେଶ୍ୱର**
**Office of the Superintending Engineer, Bhubaneswar (R&B) Division No.IV, Nirman Soudha, Unit-V, Bhubaneswar**
E-mail ID : eernb4bbsr@gmail.com, Tel - (0674) - 2390245
**INVITATIONS FOR BIDS THROUGH e-Procurement**
**No.8871 Date - 17.09.2025**
**Bid Identification No. - C.C. (R&B) - 04**
**No.B-544** **e-Procurement Notice No. 19 of 2025-26**

| | | |
|---|---|---|
| 1 | Name of the Work | 1 No. (Supplying providing & fixing of lab Furniture etc.) |
| 2 | Total No. of Works | 1 No. |
| 3 | Estimated Cost | Rs.71,06,500.00 |
| 4 | Class of Contractor | Authorised Manufacturer or Supplier |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.24.09.2025 to Dt.08.10.2025 up to 5.30 P.M. |
| 8 | Last Date & Time for Receipt of bids in the Portal | Dt.08.10.2025 up to 5.30 P.M. |
| 9 | Opening of Bid through online | Dt.09.10.2025 at 11.30 A.M. |
| 10 | Name & Adderss of the Officer inviting Bid | Additional Chief Engineer, Bhubaneswar (R&B) Division No.IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
**N.B : Subsequent corrigendum / addendum if required shall be available in the website as indicated above.**

**Sd./- Additional Chief Engineer BBSR (R&B) Division No.IV, BBSR**
**OIPR-34090/11/0024/2526**


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


TVS
TVS
THE ALL-NEW
Jupiter
SCOOTER OF INDIA
CELEBRATING THE
Most Awarded Scooter of India
Jupiter
AUTOCAR
MOTORING AWARDS 2025
SCOOTER OF THE YEAR
TVS JUPITER
TIMES DRIVE
AUTO AWARDS
Scooter of the year
TVS Jupiter 110
abplive.com
EX SHOWROOM PRICE STARTS FROM
OLD ₹83 681
NEW ₹76 900*
NDTV AUTO AWARDS 2025
AUTOCAR
car&bike AWARDS 2025
TIMES DRIVE AUTO AWARDS
TopGear AWARDS
AUTO AWARDS
MOTORING
BIKE INDIA
MOTOR VIKATAN
MOTOR OCTANE
FASTER
Jagran hitech
#TOTM AWARDS 2025
5 YEAR WARRANTY+
TVS CREDIT
L&T Finance
IDFC FIRST Bank ALWAYS YOU FIRST
HDFC BANK
SHRIRAM Finance
ଦୁଇ ଚକିଆ ବାହନ ଚଲାଉଥିବା ବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧନ୍ତୁ।
tvsjupiter | www.tvsmotor.com/tvs-jupiter
Call: 1800 315 7777
* Ex-showroom price of TVS Jupiter 110 BS VI Drum variant in Odisha.
Trophies and award logos are not representative of all 15 accolades.
+ 5 yr. warranty without any additional charges.
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BALASORE: SITA TVS.: 7852935605, BHADRAK: SRIKANT TVS: 9124559654, 9124559653, BARIPADA: ALLIED TVS: 7852935617. JALESWAR: KHAN TVS: 9040853950, BARBIL: ANJALI TVS: 8895458991, KEONJHAR: KUMAR TVS: 9870326414. Authorised Dealers: SORO:9438760320. KHAIRA:9668712109, MATTO:8249123514, MARKONA:9438353035, TIHIDI:9437536881 CHANDBALI:9238514769, BASUDEVPUR:8249905878, UDALA:943723880, BETNOTI:9776142684 KARANJIA:7008814677, JHARPOKHARIA:7008293717, BAHALDA:7978457775, KUAMARA:7008873689 CHANDANESWAR:9040194603, BASTA:7077297097, AMARDA ROAD:6370634231, NILGIRI:9437137899 BALIAPAL:9776777922, JODA:9937178529, DHENKIKOTE:7008898582, HARICHANDANPUR:9437633978 TURMUNGA:9937591829, ANANDPUR:9937367109.
dentsu/dha bal/06/25

ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Tuesday, September 23/2025 | Page 16 | ₹ 7.00 | BALASORE

୫୧ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 299 | ମୂଲ୍ୟ ₹୭/-





ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କ ଅବହେଳା ଓ ଭୁଲ୍ ମେଡିସିନ ପାଇଁ ୧୩ ମାସର ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ ଆଣିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ତ୍ୟକ୍ତ ଲୋକେ ହସ୍ପିଟାଲ ସମ୍ମୁଖ ରାସ୍ତାକୁ ଅବରୋଧ କରିଛନ୍ତି। (ଫଟୋ: ବିକାଶ ନାୟକ)

# ଭୁଲ୍ ମେଡିସିନ ନେଲା ଶିଶୁପୁତ୍ରର ଜୀବନ

**ଭୁବନେଶ୍ୱର, ୨୨।୯ (ବନ୍ଦନା ସେଠୀ)**

ଡାକ୍ତରଙ୍କ ଅବହେଳା ଓ ଭୁଲ୍ ମେଡିସିନ ପାଇଁ ୧୩ ମାସର ଶିଶୁପୁତ୍ରର ଜୀବନ ଚାଲିଯାଇଛି। ରାଜ୍ୟର ପ୍ରମୁଖ ଚିକିତ୍ସାଳୟ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ସୋମବାର ଏହି ସମ୍ବେଦନଶୀଳ ଘଟଣା ଘଟିଛି। ମୃତ ଶିଶୁପୁତ୍ର ହେଲେ ସାଲିଆସାହି ବାସିନ୍ଦା ଆଶିଷ ସାହୁଙ୍କ ପୁଅ ଆୟୁଷ୍ମାନ। ଘଟଣା ଜଣାପଡିବା ପରେ ହସ୍ପିଟାଲରେ ପ୍ରବଳ ଉତ୍ତେଜନା ଦେଖାଦେବା ସହ ଦୀର୍ଘ ସମୟ ଧରି ରୋଗୀସେବା ବାଧାପ୍ରାପ୍ତ

## କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

ହୋଇଥିଲା। ମା' ରଞ୍ଜିତା ସାହୁଙ୍କ ଅଭିଯୋଗ ଅନୁଯାୟୀ, ଶିଶୁପୁତ୍ର ଆୟୁଷ୍ମାନଙ୍କୁ ଥଣ୍ଡା ଜ୍ୱର ହୋଇଥିବାରୁ ତାଙ୍କୁ ସେ ରବିବାର ଅପରାହ୍ନରେ କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। ଶିଶୁ ବିଭାଗରେ ଡାକ୍ତର ତାଙ୍କୁ ଦେଖିବା ସହ ଛାତି ଏକ୍ସରେ କରିବାକୁ କହିଥିଲେ। ପରେ ଡାକ୍ତର ଏକ୍ସରେ ରିପୋର୍ଟ ଦେଖି ମେଡିସିନ୍ ଦେବା ସହିତ ସୋମବାର ଇକୋ କରିବାକୁ କହିଥିଲେ। ମାତ୍ର ରାତିରେ ପୁଅର ବାନ୍ତି ହେବାରୁ ପରିବାରେ ଲୋକେ ତାଙ୍କୁ ପୁଣିଥରେ ହସ୍ପିଟାଲକୁ ଆଣିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ପିଲାର ସ୍ୱାସ୍ଥ୍ୟ ଯାଞ୍ଚ କରି ନିବୁଲାଇଜର ଦେବାକୁ କହି ମେଡିସିନ୍ ଲେଖିଦେଇଥିଲେ। ସେଠାରେ ତାଙ୍କୁ ୩ଥର ନିବୁଲାଇଜର ଦିଆଯିବା ପରେ ପିଲା ଠିକ୍ ଭାବେ ନିଶ୍ୱାସ ନେଇ ନ ପାରିବାରୁ ତାଙ୍କୁ ମେଡିସିନ ଖାଇବାକୁ ଦିଆଯାଇଥିଲା। ଏହାପରେ ଶିଶୁଟିର ହିକା ଉଠିବା ସହ ଦେହ ନୀଳ ପଡିଯାଇଥିଲା। ଉପସ୍ଥିତ ଡାକ୍ତର ଶିଶୁଟିକୁ ଦେଖି ମୃତ୍ୟୁ ହୋଇଯାଇଥିବା କହି ସେଠାରୁ ଚାଲି ଯାଇଥିଲେ। ପରେ ଯେଉଁ ଡାକ୍ତର ଆସିଥିଲେ ସେ ଭୁଲ୍ ମେଡ଼ିସିନରୁ ଶିଶୁର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ କହିଥିଲେ ବୋଲି ମା' ଓ ବାପା ଅଭିଯୋଗ କରିଛନ୍ତି। ତେବେ ପୁଅର ମୃତ୍ୟୁ ହେବା ଜାଣି ମା'ବାପା ଡାକ୍ତରଙ୍କୁ ଦୋଷ ଦେବା ସହ ପାଟିକରିଥିଲେ। ହେଲେ ହସ୍ପିଟାଲ ସିକ୍ୟୁରିଟି ଗାର୍ଡ ଶିଶୁର ମା'କୁ ଦୁର୍ବ୍ୟବହାର କରିବା ସହ ☞ପୃଷ୍ଠା–୩

# ମାନହାନିକୁ ଅପରାଧମୁକ୍ତ କରିବା ସମୟ ଆସିଛି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୯**

ମାନହାନିକୁ ଅପରାଧମୁକ୍ତ କରିବାର ସମୟ ଆସିଥିବା ସୋମବାର ସୁପ୍ରିମକୋର୍ଟ ବିଚାରପତି କହିଛନ୍ତି। ବ୍ୟକ୍ତିବିଶେଷ, ସଂଗଠନ ଓ ରାଜନୈତିକ ଦଳଗୁଡ଼ିକ ଆପରାଧିକ ମାନହାନି ଆଇନର ଅଧିକ ବ୍ୟବହାର କରୁଥିବାରୁ ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦ୍ରେଶ କହିଛନ୍ତି, ମାନହାନିକୁ ଅପରାଧମୁକ୍ତ କରିବା ଲାଗି ସମୟ ଆସିଯାଇଥିବା ସେ ଭାବୁଛନ୍ତି। ସୂଚନାଯୋଗ୍ୟ, ୨୦୧୬ରେ ସର୍ବୋଚ୍ଚ ଅଦାଲତ ଆପରାଧିକ ମାନହାନିର ସାମ୍ବିଧାନିକ ବୈଧତାକୁ କାଏମ ରଖିବା ଅବସରରେ କହିଥିଲେ, ଏହା ବଞ୍ଚିବାର ମୌଳିକ ଅଧିକାରର ଅଂଶବିଶେଷ ମର୍ଯ୍ୟାଦାର ସୁରକ୍ଷା କରୁଛି। ୨୦୧୬ର



ସୁବ୍ରମଣ୍ୟମ ସ୍ୱାମୀ ବନାମ କେନ୍ଦ୍ର ସରକାର ମାମଲାରେ ଅଦାଲତ କହିଥିଲେ, ଆପରାଧିକ ମାନହାନି ଆଇନ ସ୍ୱାଧୀନ ମତବ୍ୟକ୍ତ ଓ ଅଭିବ୍ୟକ୍ତି ଅଧିକାର ପ୍ରତି ଏହା ଏକ ଉଚିତ ପ୍ରତିବନ୍ଧ। ତେବେ ଉକ୍ତ ଆଇନର ଅତ୍ୟଧିକ ବ୍ୟବହାରକୁ ନେଇ ଅଦାଲତଙ୍କ ଚିନ୍ତାକୁ ଜଷ୍ଟିସ୍ ସୁନ୍ଦ୍ରେଶ ପ୍ରକାଶ କରିଛନ୍ତି। କୌଣସି ଜନସ୍ୱାର୍ଥ ନ ଥାଇ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଯେକୌଣସି ବ୍ୟକ୍ତିଙ୍କ ମାନହାନିକୁ ଅପରାଧ ବିବେଚନା କରାଯାଇପାରିବ କି ବୋଲି ସୁବ୍ରମଣ୍ୟମ୍ ସ୍ୱାମୀ ମାମଲାରେ ପ୍ରଶ୍ନ ଉଠିଥିବାବେଳେ ଜଷ୍ଟିସ୍ ସୁନ୍ଦ୍ରେଶଙ୍କ ମନ୍ତବ୍ୟ ଏହାକୁ ପୁଣିଥରେ ଜାଗ୍ରତ କରିଛି। ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅମିତା ସିଂଙ୍କ ଦ୍ୱାରା ଦାଏର ଏକ ମାନହାନି ମାମଲାରେ ତଳ କୋର୍ଟ ଦି ୱେର ନ୍ୟୁଜ୍ ୱେବ୍‌ସାଇଟ୍‌ର ପରିଚାଳନା କରୁଥିବା ଫାଉଣ୍ଡେଶନ ଫର୍ ଇଣ୍ଡିପେଣ୍ଡେଣ୍ଟ ଜର୍ନାଲିଜମ୍ ଏବଂ ଜଣେ ସାମ୍ବାଦିକଙ୍କୁ ସମନ ଜାରି କରିଥିବାବେଳେ ଏହାକୁ ଖାରଜ କରିବା ପାଇଁ ସେମାନେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଉକ୍ତ ପିଟିଶନର ଶୁଣାଣି କରି ଜଷ୍ଟିସ୍ ସୁନ୍ଦ୍ରେଶ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

# ୧୩ ମାସରେ ୩୭, ୬୧୧ ନାରୀ ନିର୍ଯାତନା ମାମଲା

**ଭୁବନେଶ୍ୱର, ୨୨।୯ (ରବିନାରାୟଣ ଜେନା)**

ରାଜ୍ୟରେ ନାରୀ ନିର୍ଯାତନା ମାମଲା ବଢ଼ି ଚାଲିଛି। ୨୦୨୦ରେ ରାଜ୍ୟରେ ୨୭ହଜାର ୮୧୦ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଥିବାବେଳେ ଗତ ୧୩ମାସ ମଧ୍ୟରେ ରାଜ୍ୟରେ ୩୭ ହଜାରରୁ ଅଧିକ ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ନାରୀ ଅପହରଣ, ବଳାତ୍କାର ଓ ଯୌତୁକ ନିର୍ଯାତନା ଭଳି ସଙ୍ଗିନ ମାମଲା ରହିଛି। ଆଗାମୀ ଦିନରେ ନାରୀ ନିର୍ଯାତନା ମାମଲାକୁ କିଭଳି ହ୍ରାସ୍ କରାଯାଇପାରିବ ସେନେଇ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି।

ସୋମବାର ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ☞ପୃଷ୍ଠା–୩




## ବିଦ୍ୟାଳୟରୁ ଚୋରି

ଗୋପବନ୍ଧୁ ନଗର,(ଶାନ୍ତନୁ କୁମାର ମଲ୍ଲୁଆଲ): ଗୋପବନ୍ଧୁ ନଗର ବ୍ଲକ କୁଆମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ଶ୍ରେଣୀ ଗୃହ ମଧ୍ୟରୁ ଗତ ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଘର ଭିତରେ ଥିବା ଦୁଇଟି ସିଲିଂ ଫ୍ୟାନ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରାଇ ନେଇଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଦାସ କୁଆମରା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଜାରି ରଖିଥିବା ଏଏସଆଇ ରସାନନ୍ଦ ମହାନ୍ତି କହିଛନ୍ତି।

**ମୟୂରଭଞ୍ଜ**

# ଉତ୍ତର ମାଗିଲା ବନ ବିଭାଗ

■ବିନା ଅନୁମତିରେ ସଂରକ୍ଷିତ ଜଙ୍ଗଲରେ ବିଦ୍ୟୁତ୍ ସଂଯୋଗ

■ଘରୋଇ ହସ୍ପିଟାଲକୁ ବିଦ୍ୟୁତ୍ ବିଭାଗର ଅହେତୁକ ଅନୁକମ୍ପା

ବାରିପଦା,୨୨।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ବନଖଣ୍ଡ ଅଧୀନ ଭାଗବତଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଟସରଡ଼ା ମୌଜା ସଂରକ୍ଷିତ ଜଙ୍ଗଲ ମଧ୍ୟଦେଇ ଏକ ଘରୋଇ ହସ୍ପିଟାଲକୁ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ସଂଯୋଗ ନେଇ ବନ ବିଭାଗ ପକ୍ଷରୁ ଟିପିଏନ୍ଓଡିଏଲ୍‌କୁ ଚିଠି କରାଯାଇଛି। ଜଙ୍ଗଲ ବିଭାଗର ବିନା ଅନୁମତିରେ କାହିଁକି ୧୧ କେଭି ବିଦ୍ୟୁତ୍ ସଂଯୋଗ କରାଯାଇଛି ସେ ନେଇ ଉତ୍ତର ରଖିବାକୁ ଚିଠିରେ ଉଲ୍ଲେଖ ରହିଛି। ବାରିପଦା ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ବାରିପଦା ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟକୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଅନ୍ୟପକ୍ଷରେ ଘରୋଇ ହସ୍ପିଟାଲକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ ପୂର୍ବକ କାଗଜପତ୍ର ଯାଞ୍ଚ ନ କରି ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଜଣାପଡ଼ିଛି। ବିଦ୍ୟୁତ୍ ବିଭାଗର କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟକଳାପକୁ ନେଇ ମଧ ସନ୍ଦେହ ଉପୁଜିଛି ।

ସୂଚନାଯୋଗ୍ୟ, ଏକ ଘରୋଇ ହସ୍ପିଟାଲକୁ ୪୦ କିଲୋୱାଟ ବିଦ୍ୟୁତ୍ ସଂଯୋଗ ପାଇଁ ୨୦୨୨ରେ ୨୨ଲକ୍ଷ ଟଙ୍କାର ପ୍ରକଳ୍ପ ପ୍ରସ୍ତୁତ ହୋଇଥିଲା । ଏହି ଅର୍ଥରୁ ୬ ପ୍ରତିଶତ ଅର୍ଥ ବିଦ୍ୟୁତ୍ ବିଭାଗ ଅଧୀନକୁ ଆସିଥିବା ବେଳେ ଅବଶିଷ୍ଟ ଅର୍ଥ ହସ୍ପିଟାଲ କର୍ତ୍ତୃପକ୍ଷ ଏକ ଠିକାଦାରୀ ସଂସ୍ଥା ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ ନେଇଥିଲେ। ପରବର୍ତ୍ତୀ ସମୟରେ ଏହାକୁ ୨୭୦ କିଲୋୱାଟକୁ ବଢ଼ାଇବା ପାଇଁ ୨୦୨୪ ଡିସେମ୍ବରରେ ଆବେଦନ କରାଯାଇଥିଲା। ବର୍ଦ୍ଧିତ ବିଦ୍ୟୁତ୍ ସଂଯୋଗ ପାଇଁ ୪୪ ଲକ୍ଷ ଟଙ୍କାର ପ୍ରକଳ୍ପ ପ୍ରସ୍ତୁତ କରାଯାଇ ୬ ପ୍ରତିଶତ ଆଧାରରେ ବିଦ୍ୟୁତ୍ ସଂଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ସଂଯୋଗ ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଙ୍ଗଲ ବିଭାଗର ଅନୁମତି ଓ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ମାତ୍ର ବନ ବିଭାଗର ଅନୁମତି ନ ପାଇ ତରବରିଆ ଭାବେ ବିଦ୍ୟୁତ୍ ବିଭାଗକୁ ଏକ ସତ୍ୟପାଠ ଜରିଆରେ ବିଦ୍ୟୁତ୍ ସଂଯୋଗ କରିବାକୁ ଚାପ ପକାଯାଇଥିଲା । ଏଥିରେ କ୍ଷେତ୍ର ପରିଦର୍ଶନ ପୂର୍ବକ ପ୍ରକଳ୍ପ ପ୍ରସ୍ତୁତିରେ କନିଷ୍ଠ ଯନ୍ତ୍ରୀ ରିପୋର୍ଟ ପ୍ରଦାନ କରିବା ପରେ ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ ଅନୁମୋଦନ କରାଯାଇଛି। ମାତ୍ର ଘଟଣାକୁ ଗୁରୁତର ସହ ନିଆ ନ ଯାଇ ଚଞ୍ଚକତା ପ୍ରଦର୍ଶନ ପୂର୍ବକ ବିନା କାଗଜପତ୍ର ଯାଞ୍ଚରେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଖୁଣ୍ଟ ପୋତାଯାଇ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ତେବେ ମାଟି ତଳେ ବିଦ୍ୟୁତ୍ ନେବାର ନିର୍ଦ୍ଦେଶ ଥିବା ବେଳେ ଏହାକୁ ମାଟି ଉପରେ ନିଆଯାଇଥିବାରୁ ହାତୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ବାରିପଦା ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ଦେବଦତ୍ତ ପଣ୍ଡାଙ୍କୁ ପଚାରିବାରୁ ସଂରକ୍ଷିତ ଜଙ୍ଗଲ ଦେଇ ବିଦ୍ୟୁତ୍ ସଂଯୋଗ ସମ୍ପର୍କରେ କାଗଜପତ୍ରର ତଦନ୍ତ ଚାଲିଛି। ହସ୍ପିଟାଲ କର୍ତ୍ତୃପକ୍ଷ ବନ ବିଭାଗଠାରୁ କୌଣସି ଅନୁମତି ଆଣି ନ ଥିବା ବେଳେ ଏକ ସତ୍ୟପାଠ ଜରିଆରେ ନିଜ ପଟୁ ବିଦ୍ୟୁତ୍ ସଂଯୋଗ କରିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଏବାବଦରେ ନୋଟିସ କରାଯାଇ ସମୟସୀମା ମଧ୍ୟରେ ଆବଶ୍ୟକ ଅନୁମତି ପତ୍ର ପ୍ରଦାନ ନ କଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ। ଏପରି ଘଟଣାରେ ଜଡ଼ିତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ କରିବା ପୂର୍ବରୁ କାଗଜପତ୍ର ଯାଞ୍ଚ ନ କରିବା ଦ୍ୱାରା ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡୁଛନ୍ତି। ବିଭାଗର ଏଭଳି କାର୍ଯ୍ୟକଳାପକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ତେବେ ବେଆଇନ ଭାବେ ରାସ୍ତା ନିର୍ମାଣରେ ଏମ୍‌ଜିଏନ୍‌ଆର୍‌ଇଜିଏ ପ୍ରକଳ୍ପ ମଞ୍ଜୁର କରାଯିବା, ବିନା ଅନୁମତିରେ ହଜାର ହଜାର ଗଛ କାଟି ଜଙ୍ଗଲ ନଷ୍ଟ କରିବା ଓ ବିଦ୍ୟୁତ୍ ସଂଯୋଗ କରିବା ପଛରେ କ'ଣ ରହସ୍ୟ ଲୁଚି ରହିଛି ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ବେଆଇନ ବିଦ୍ୟୁତ୍ ସଂଯୋଗକୁ ବିରୋଧ କରୁଥିବା ଗ୍ରାମବାସୀ।

# ମୟୂରଭଞ୍ଜ ଜିଲାକୁ ଭାଗଭାଗ ନ କରିବାକୁ ଦାବି

**ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**


ଅତିରିକ୍ତ ଜିଲାପାଳ ଇଶ୍ୱର ଚନ୍ଦ୍ର ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା,୨୨।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବିଭାଜନ ନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରସାରଣକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହାକୁ ନେଇ ଉପଖଣ୍ଡସ୍ତରରେ ଥିବା ଜନସାଧାରଣ ନିଜ ଅଞ୍ଚଳକୁ ଜିଲା କରିବାକୁ ଦାବି କରୁଛନ୍ତି। ଯାହାକୁ ନେଇ ଜିଲାର ଅଗ୍ରଣୀ ଭାଷା ଅନୁଷ୍ଠାନ ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମୟୁରଭଞ୍ଜ ଜିଲାକୁ ଭାଗଭାଗ ନ କରି ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳା, ଖରସୁଆଁ ଆଦି ଅଞ୍ଚଳକୁ ଓଡ଼ିଶାରେ ମିଶାଇବାକୁ ଦାବିରେ ଉଲ୍ଲେଖ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ପୀତାମ୍ବର ମଲ୍ଲିକ, ଆଇନଜୀବୀ ଅରବିନ୍ଦ ଦାସ, ସତ୍ୟ ନାରାୟଣ ବେହେରା, ବେଦ ପ୍ରକାଶ ପାରିକ, ଚନ୍ଦ୍ରଭାନୁ ଗିରି, ବାହାଦୁର ମୁର୍ମୁ, ଗୁରା ନାଏକ ପ୍ରମୁଖ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଇଶ୍ୱର ଚନ୍ଦ୍ର ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ୧୦୪ ଅଭିଯୋଗର ଶୁଣାଣି

ଉଦଳା,୨୨।୯(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡ ନିମନ୍ତେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ ଏବଂ ଏସପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୦୪ଟି ଅଭିଯୋଗର ଶୁଣାଣି କରିଛନ୍ତି। ଉପଖଣ୍ଡର ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ଯୋଗଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଅଭିଯୋଗ ମଧ୍ୟରେ ୮୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୮ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୫ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ୫ ହଜାର ଲେଖାଏ ୧୫ ହଜାର, ଜଣଙ୍କୁ ୧୦ ହଜାର ଏବଂ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ମୋଟ ୩୫ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗଗୁଡିକ ମଧ୍ୟରେ କପ୍ତିପଦା ବ୍ଲକ ଶ୍ରୀସାଇ, ମାଙ୍କଡାଶୁଣୀ, ବିରାଟେଶ୍ୱରୀ, ମା ମଙ୍ଗଳା, ମା ବନଦୁର୍ଗା ଆଦି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କମ ପରିମାଣର ସ୍କୁଲ ପୋଷାକ ଯୋଗାଇବା ଦାୟିତ୍ୱ ଦେଇ ଅନ୍ୟ ସଂସ୍ଥାକୁ ଅଧିକ ଯୋଗାଇବା ଦାୟିତ୍ୱ ଦେବା, ଝିଙ୍କପଦା, ବଣିଆଗାଁ, ସୌଭାଗ୍ୟଦେଇପୁର,ମାଛିଆ ଏବଂ ସୁଡୁସୁଡିଆ ରାଜସ୍ୱ ଗ୍ରାମକୁ କପ୍ତିପଦା ଏନଏସି ସ୍କେଚ ମ୍ୟାପରୁ ବାଦ ଦେବା, ତଳିଆ ଗ୍ରାମର କୌଣସି ରାସ୍ତା ତଥା ଜମି ମାପ ନ କରିବା, ଗୋପବନ୍ଧୁନଗର ବ୍ଲକ ତଳକଡଦା ଗ୍ରାମରେ ଏସଟି ପ୍ରାର୍ଥୀନି ନ ଥିବା ହେତୁ ଅଙ୍ଗନୱାଡି କେନ୍ଦ୍ର ପାଇଁ ଏସ୍‌ସି ପ୍ରାର୍ଥୀନୀ ଶିକ୍ଷୟିତ୍ରୀ ଚୟନ ନିମନ୍ତେ ଆଦେଶ ପ୍ରଦାନ, କୁଡ଼ିଆଖୁଣ୍ଟାରୁ ରଣାସାହି ଗ୍ରାମ୍ୟ ରାସ୍ତା ଚିହ୍ନଟ ଭଳି ବିଭିନ୍ନ ଦାବି ସମୂହ ରହିଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି।


ଚିକିତ୍ସା ନିମନ୍ତେ ସହାୟତା ପାଇଥିବା ହିତାଧିକାରୀମାନେ।

# ଯୁବକଙ୍କ ଅକାଳ ବିୟୋଗ

ଗୋପବନ୍ଧୁ ନଗର,୨୨।୯ (ଶାନ୍ତନୁ କୁମାର ମଲ୍ଲୁଆଲ)

ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତ ତରଡାଶୁଳ ଗ୍ରାମର ଜଣେ ଯୁବକଙ୍କ ସୋମବାର ଅକାଳ ବିୟୋଗ ଘଟିଛି। ମୃତକ ହେଲେ ନିରଞ୍ଜନ ବେହେରା (୪୨)। ସକାଳେ ନିରଞ୍ଜନଙ୍କର ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଖୁଣ୍ଟା ଡାକ୍ତରଖାନା ନିଆଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୬/୨୫) ରୁଜୁ ହୋଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଏଏସଆଇ ରସାନନ୍ଦ ମହାନ୍ତି କହିଛନ୍ତ। ନିରଞ୍ଜନଙ୍କର ସ୍ତ୍ରୀ ଓ ଦୁଇ ସନ୍ତାନ ଅଛନ୍ତି।

# ଶିଶୁବାଟିକା ଛାତ୍ରୀଛାତ୍ରଙ୍କ ଦେବାଳୟ ପରିଭ୍ରମଣ

ଝାରପୋଖରିଆ,୨୨।୯(ସୁଧୀର କୁମାର ମହାନ୍ତ)


ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅଧୀନସ୍ଥ ଝାରପୋଖରିଆ ସରସତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପଦ୍ମ ଲୋଚନ ପାତ୍ରଙ୍କ ତତ୍ତ୍ୱାବଧାନରେ ଶିଶୁବାଟିକାର ଛାତ୍ରୀଛାତ୍ରମାନେ ସୋମବାର ସକାଳ ୭ଟା୩୦ ମିନିଟ ସମୟରେ ସ୍ଥାନୀୟ ଶ୍ରୀ ଲୋକନାଥ ଶିବ ମନ୍ଦିର ପରିଭ୍ରମଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଶାନ୍ତିଶୃଙ୍ଖଳାଗତ ଶିକ୍ଷା ଓ ଆଧ୍ୟାତ୍ମିକ ବିକାଶ ଘଟିବାର ମୂଳ ଲକ୍ଷ୍ୟକୁ ନେଇ ଏପରି ପରିଭ୍ରମଣ ବ୍ୟବସ୍ଥା କରାଯାଇଥିବା ପ୍ରଧାନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ବିଦ୍ୟା ମନ୍ଦିର ଶିଶୁବାଟିକା ପ୍ରମୁଖ ଗୁରୁମା ନିରୁପମା ମଲ୍ଲଙ୍କ ସହିତ ଗୁରୁମା ଜାନିତା ବେହେରା, ଶାସ୍ୱତୀ ମହାନ୍ତ, ଦୀପିକା ନାଏକ, ବିଷ୍ଣୁପ୍ରିୟା ମହାନ୍ତ ପ୍ରମୁଖ ପରିଭ୍ରମଣରେ ସହଯୋଗ କରିଥିଲେ।


# ବ୍ଲକ ସମ୍ମୁଖରେ ମହିଳା ସଂଘର ଧାରଣା

ଗୋପବନ୍ଧୁ ନଗର,୨୨।୯(ଶାନ୍ତନୁ କୁମାର ମଲ୍ଲୁଆଲ)– ଗୋପବନ୍ଧୁ ନଗର ବ୍ଲକ କମ୍ୟୁନିଟି କ୍ୟାଡର ସଂଘ ପକ୍ଷରୁ ସଭାନେତ୍ରୀ ଅନୁପମା ବାରିକ, ସମ୍ପାଦକ ରଶ୍ମିତା ବେହେରା, କୋଷାଧ୍ୟକ୍ଷ ପ୍ରତିମା ରଣସିଆଙ୍କ ନେତୃତ୍ୱରେ ସୋମବାର ବ୍ଲକ ସମ୍ମୁଖରେ ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର ପ୍ରଭୃତି କାର୍ଯ୍ୟରତ ମହିଳାମାନେ ଧାରଣାରେ ବସିଥିଲେ। ଏଥିରେ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଇନସେଟିଭ ବେସିକ ଦରମା ପରିବର୍ତ୍ତେ ସ୍ଥାୟୀ ଦରମା ପ୍ରଦାନ, କମ୍ୟୁନିଟି କ୍ୟାଡର ଗାଇଡଲାଇନ୍‌କୁ ସାର୍ବଜନୀକ କରିବା, ସିଏଲ୍‌ଏଫ୍ ପୁନର୍ଗଠନ ସହ ୬ ମାସର ବକେୟା ପାରିଶ୍ରମିକ ଦାବିରେ ଆନ୍ଦୋଳନ ଆରମ୍ଭ ହୋଇଛି। ସରକାର ଉକ୍ତ ଦାବିକୁ ନ ଶୁଣିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ତେବେ ଗତ ଶନିବାର ବିଡିଓଙ୍କୁ ଏ ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ସରକାର ଦାବିକୁ ବିଚାରକୁ ନ ଆଣିବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହି ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।

# ବୃତ୍ତି ପରୀକ୍ଷା ଦେଲେ ୨୩୬ ଛାତ୍ରୀଛାତ୍ର

ଝାରପୋଖରିଆ,୨୨।୯(ସୁଧୀର କୁମାର ମହାନ୍ତ)– ମାଧ୍ୟମିକ ଶିକ୍ଷା ପରିଷଦ କଟକ ଓ ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସାରସକଣା ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗଳ ସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୨୦୨୫ ଶିକ୍ଷା ବର୍ଷ ନିମନ୍ତେ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସାରସକଣା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୨ଟି ପରୀକ୍ଷା କେନ୍ଦ୍ର ସ୍ଥିର ହୋଇଛି। ଏଥିରେ ମୋଟ ୨୩୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ସେଥିମଧ୍ୟରୁ ଗୋଲାପମଣି ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ବ୍ଲକର ୮ଟି କ୍ଲଷ୍ଟରରୁ ମୋଟ ୧୦୧ ଜଣ ପରୀକ୍ଷାର୍ଥୀ ଓ ଝାରପୋଖରିଆସ୍ଥିତ ଝାରପୋଖରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୮ଟି କ୍ଲଷ୍ଟରର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ମୋଟ ୧୩୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଗୋଲାପମଣି ପରୀକ୍ଷା କେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟ ବିନୋଦ କୁମାର ସାହୁ ପରିଚାଳନା କରୁଥିବା ବେଳେ ଅବଜରଭର ଭାବେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସୁମନ୍ତ କୁମାର ନାଏକ ଦାୟିତ୍ୱରେ ରହିଛନ୍ତି। ସେହିପରି ଝାରପୋଖରିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମ୍ଭକାର ସୁପରିଣ୍ଟେଣ୍ଡେଣ୍ଟ ଭାବେ ପରୀକ୍ଷା ପରିଚାଳନା କରୁଥିବା ବେଳେ ଉକ୍ତ କେନ୍ଦ୍ରରେ ସ୍ୱରୂପ କୁମାର ବାରିକ ଅବଜରଭର ଭାବେ ପରୀକ୍ଷା ନିରୀକ୍ଷଣ କରୁଛନ୍ତି।



# ପ୍ରବଳ ବର୍ଷାରେ ଅସ୍ଥାୟୀ ପୋଲ ଉପରେ ୫ ଫୁଟର ପାଣି

■ ଘଣ୍ଟାଏରେ ୮୦ ମି.ମି ବର୍ଷା
■ କୋରାପୁଟ-ରାୟଗଡ଼ା ମଧ୍ୟରେ ଗାଡି ଚଳାଚଳ ଠପ୍

**କୋରାପୁଟ,୨୨।୯(ଅମିତାଭ ବେହେରା)**

କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରେ ସୋମବାର ଅପରାହ୍ନରେ ପ୍ରବଳ ବର୍ଷା ହୋଇ ରାସ୍ତାଘାଟରେ ବର୍ଷାଜଳ ପ୍ରଭାବିତ ହୋଇ ଯାତାୟାତ ଠପ୍ ହୋଇଛି। କୋରାପୁଟ–ରାୟଗଡା ୩୨୬ ନଂ ଜାତୀୟ ରାଜପଥର ୧୨ କି.ମି ଦୂର ବଙ୍ଗଳାଗୁଡାରେ ଥିବା ଏକ ଅସ୍ଥାୟୀ ପୋଲ ଉପରେ ପ୍ରାୟ ୫ ଫୁଟ ବର୍ଷା ଜଳ ପ୍ରବାହିତ ହୋଇ ଗାଡ଼ି ଚଳାଚଳ ଠପ୍ ହୋଇଥିଲା। ଘଣ୍ଟାଏ ପ୍ରବଳ ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନ ଜଳାବର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ଘଣ୍ଟାଏ ମଧ୍ୟରେ ପ୍ରାୟ ୮୦ ମିଲିମିଟର ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ବର୍ଷା ଯୋଗୁ କ୍ଷୟକ୍ଷତି ନେଇ ଖବର ଲେଖାଯିବା ସୁଦ୍ଧା ସବିଶେଷ ତଥ୍ୟ ଆସି ନ ଥିବା ବେଳେ ମଙ୍ଗଳବାର ଏ ନେଇ ତଥ୍ୟ ଦିଆଯିବ ବୋଲି ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ବଙ୍ଗଳାଗୁଡା ଅସ୍ଥାୟୀ ପୋଲ ଉପରେ ପ୍ରାୟ ୫ ଫୁଟ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଏହି ରୁଟ୍‌ରେ ଯିବାକୁ ଥିବା ଗାଡ଼ିଗୁଡ଼ିକ ରାସ୍ତାର ଦୁଇପାର୍ଶ୍ୱରେ ଅଟକି ରହିଥିଲେ। ସହରର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୨୬ ନଂ ଜାତୀୟ ରାଜପଥରେ ପ୍ରାୟ ୩ ଫୁଟ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ସହର ସମେତ ଆଖପାଖ ସ୍ଥାନର ନାଳନର୍ଦ୍ଦମାରେ ବର୍ଷା ଜଳ ଭର୍ତ୍ତି ହେବା ସହ ତଳିଆ ଅଞ୍ଚଳର କେତେକଙ୍କ ଘରେ ବର୍ଷା ପାଣି ପଶିଥିବା ସୂଚନା ମିଳିଛି।



କୋରାପୁଟ-ରାୟଗଡା ୩୨୬ ନଂ ସଂଯୋଗୀ ରାସ୍ତା ବଙ୍ଗଳଗୁଡ଼ାର ଏକ ଅସ୍ଥାୟୀ ପୋଲରେ ବର୍ଷା ପାଣି ପ୍ରବାହିତ ହେଉଛି।

## ପ୍ରଥମ ପୃଷ୍ଠାରୁ...

### ଭୁଲ୍ ମେଡିସିନ ନେଲା...

ମାଡ ମାରିଥିଲେ। ଏହି ଘଟଣା ପ୍ରଚାରିତ ହୋଇଯିବା ପରେ ହସ୍ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ମୃତ ଶିଶୁପୁତ୍ରର ବାପା ଅଟୋ ଡ୍ରାଇଭର ଥିବାରୁ କ୍ୟାପିଟାଲ ହସ୍ପିଟଲରେ ଅନ୍‌ଲାଇନ୍ ଅଟୋ ଚାଳକ ସଂଘର କର୍ମକର୍ତ୍ତା ରୁଣ୍ଡ ହୋଇଥିଲେ। ବାହାରେ ରାସ୍ତାରୋକୋ କରିବା ସହିତ ହସ୍ପିଟାଲ ଭିତରକୁ ଧସେଇ ପସିଥିଲେ। ସେମାନେ କ୍ଷତିପୂରଣ ଦାବି କରିବା ସହ ଡ୍ୟୁଟିରେ ଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଭଙ୍ଗାରୁଜା କରିଥିଲେ। ଏହିସମୟରେ ସିକ୍ୟୁରିଟି ଗାର୍ଡଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଅଟୋ ଚାଳକମାନେ ହସ୍ପିଟାଲ ସାରା ହୋହଲ୍ଲା କରିବା ସହ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରୋଗୀ ସେବା ବ୍ୟାହତ ହୋଇଥିଲା। ସ୍ଥିତି ଏପରି ହୋଇଥିଲା କାଜୁଆଲିଟି, ହସ୍ପିଟାଲର ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀଙ୍କ ଚାମ୍ବରକୁ ବନ୍ଦ କରିଦିଆଯାଇ କାହାକୁ ଛଡା ନ ଯାଇ ନ ଥିଲା। କମିଶନରେଟ ପୋଲିସ ପକ୍ଷରୁ ୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ତେବେ ଶିଶୁ ମୃତ୍ୟୁ ଘଟଣାର ନିରପକ୍ଷ ତଦନ୍ତ କରାଯିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗକୁ ଶିଶୁରୋଗ ବିଭାଗ ପକ୍ଷରୁ ଖଣ୍ଡନ କରାଯାଇଛି।

### ୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା

ଶିଶୁପୁତ୍ର ଆୟୁଷ୍ମାନ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

### ୧୩ ମାସରେ...

ଅନୁଯାୟୀ, ୨୦୨୪ ଜୁନ୍ ପହିଲାରୁ ୨୦୨୫ ଜୁଲାଇ ମଧ୍ୟରେ ରାଜ୍ୟରେ ୩୭ହଜାର ୬୧୧ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ସର୍ବାଧିକ ୯୧୮୧ ମାମଲା କେବଳ ଅସଦାଚରଣ(ମୋଲେଷ୍ଟେସନ) ରହିଥିବାବେଳେ ଏହାତଳକୁ ଅପହରଣ ଓ ଅନ୍ୟାନ୍ୟ ମାମଲା ରହିଛି। ତେବେ ଏହି ମାମଲାରେ ୮୭୫ ପୁରୁଷ ଓ ୬୫ମହିଳା ଗିରଫ ହୋଇଥିବାବେଳେ ୧୨୯ଜଣ ଜେଲ ଯାଇଛନ୍ତି। ଏହି ଅବଧି ମଧ୍ୟରେ ୮୨୨୭ଟି ନାରୀ ଅପହରଣ ମାମଲା ରୁଜୁ ହୋଇଥିବାବେଳେ ଯୌତୁକ ନିର୍ଯାତନା ପାଇଁ ୫୪୬୪ ମାମଲା ଏବଂ ୬୧୩୪ଟି ଅଣଯୌତୁକ ନିର୍ଯାତନା ମାମଲା ଓ ୨୯୩୩ଟି ବଳାତ୍କାର ମାମଲା ରହିଛି। ତେବେ ବଳାତ୍କାର ମାମଲାରେ ୨୨୬୧ଜଣ ପୁରୁଷ ଓ ୨୬ଜଣ ମହିଳା ଗିରଫ ହୋଇଥିବାବେଳେ ୪୨୬ଜଣଙ୍କୁ ଜେଲ ପଠାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି।

ସେହିପରି ଏହି ଅବଧି ମଧ୍ୟରେ ୧୭୪ଟି ବଳାତ୍କାର ଉଦ୍ୟମ ମାମଲା ରହିଥିବାବେଳେ ୩୩୪ଟି ସଙ୍ଗିନ ମାମଲା ରହିଛି। ବିବାହର ପ୍ରତିଶ୍ରୁତି ଦେଇ ଅବୈଧ ସମ୍ପର୍କ ରଖିବା ନେଇ ୩୩୪ଟି ମାମଲା ରୁଜୁ ହୋଇଛି। ଏହାସହିତ ୧୨୭୮ଟି ଯୌନ ନିର୍ଯାତନା ମାମଲା ରହିଥିବାବେଳେ ୨୧୬୧ଟି ସର୍ବସାଧାରଣରେ ମହିଳାଙ୍କୁ ଉଲଗ୍ନ କରିବା ଭଳି ମାମଲା ରହିଛି। ଏହାବାଦ୍ ୧୨୭ଟି କେବଳ ନାରୀ ଚାଲାଣ ମାମଲା ରୁଜୁ ହୋଇଥିବାବେଳେ ସର୍ବସାଧାରଣରେ ମହିଳାଙ୍କୁ ନିର୍ଯାତନା ଦେବା ନେଇ ୭୦୨ଟି ମାମଲା ରୁଜୁ ହୋଇଛି। ଏହି ସମୟ ମଧ୍ୟରେ ୩ଜଣ ମହିଳାଙ୍କୁ ଏସିଡ୍ ଆକ୍ରମଣ ହୋଇଥିବାବେଳେ ୨ଜଣଙ୍କୁ ଉଦ୍ୟମ କରାଯାଇଛି। ଏହାବାଦ୍ ଅନ୍ୟାନ୍ୟ ମାମଲା ରହିଛି। ତେବେ ନାରୀ ଅପହରଣ ମାମଲାରେ ୪୪୬ଜଣ ଗିରଫ ହୋଇଥିବାବେଳେ ୧୭ଜଣ ମହିଳା ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୪ଜଣ ଜେଲ ଭୋଗିଛନ୍ତି।

ତଥ୍ୟ ଅନୁଯାୟୀ, ରାଜ୍ୟରେ ନାରୀ ନିର୍ଯାତନା ରୋକିବା ପାଇଁ ସମ୍ବେଦନଶୀଳ ମାମଲା(ବଳାତ୍କାର, ଏସିଡ୍ ଆକ୍ରମଣ) ଭଳି ମାମଲାରେ ଜିଲା ଏସ୍‌ପି କିମ୍ବା ଅତିରିକ୍ତ ଏସ୍‌ପିଙ୍କ ଜରିଆରେ ମାମଲାକୁ ତ୍ୱରିତ ତଦାରଖ କରାଯାଉଛି। ଏହାସହିତ ୨୯ଟି ଜିଲାରେ ସ୍ୱତନ୍ତ୍ର ଅନୁସନ୍ଧାନ ୟୁନିଟ୍ କାର୍ଯ୍ୟକ୍ଷମ ରହିଛି ବୋଲି ତଥ୍ୟରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

# ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ମାଓବାଦୀ ନିହତ

**ମାଲକାନଗିରି,୨୨।୯ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ଆବୁଝମାଡ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ସୋମବାର ସକାଳେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ଦୁଇ ମାଓବାଦୀ ହେଲେ ଏକକୋଟି ପୁରସ୍କାର ଘୋଷିତ କୋଶା ରାମଚନ୍ଦ୍ର ରେଡ୍ଡୀ ଓରଫ ଗୁଡସା ଏବଂ ଏକ କୋଟି ପୁରସ୍କାର ଘୋଷିତ କାଦ୍ରୀ ସତ୍ୟନାରାୟଣ ରେଡ୍ଡୀ ଓରଫ ଗୋପାନ୍ନୀ। ଉଭୟ ମାଓବାଦୀ ସଂଗଠନର ଟପ୍ କ୍ୟାଡର ଥିବାବେଳେ ଛତିଶଗଡ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ବହୁ ହିଂସାକାଣ୍ଡରେ ସେମାନଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଆବୁଝମାଡ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଖବରପାଇ ନାରାୟଣପୁର ଜିଲା ପୋଲିସ, ସିଆରପିଏଫ୍ ଡିଆରଜି ଯବାନମାନେ ସୋମବାର ସକାଳେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପୋଲିସ୍‌କୁ ଦେଖି ମାଓବାଦୀମାନେ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳିଚାଳନା କରିଥିଲା। ପୋଲିସ ଆକ୍ରମଣକୁ ପ୍ରତିହତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୋଲିସ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ୨ଜଣ ମାଓବାଦୀଙ୍କ ମୃତଦେହ ଜବତ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ପୋଲିସ କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ନାରାୟଣପୁର ପୋଲିସ ସୂତ୍ରରୁ ପ୍ରକାଶ।

**ବ୍ୟବସାୟୀଙ୍କୁ ଅପହରଣ, ଲୁଟ୍ ମାମଲା**


# ମହିଳା କନ୍‌ଷ୍ଟେବଲଙ୍କ ସମେତ ୩ ଗିରଫ

**ମାଲକାନଗିରି, ୨୨।୯ (ଦୁର୍ଯ୍ୟୋଧନ ପାତ୍ର)**

କର୍ନାଟକର ଜଣେ ବ୍ୟବସାୟୀଙ୍କୁ ଅପହରଣ ଏବଂ ଲୁଟ୍ ମାମଲାରେ ମାଲକାନଗିରି ପୋଲିସ ଜଣେ ମହିଳା କନ୍‌ଷ୍ଟେବଲଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲକାନଗିରି ଜିଲା ଓର୍କେଲ ଥାନାର କନ୍‌ଷ୍ଟେବଲ ବାସନ୍ତୀ ବିଶ୍ୱାସ, ବାଲିମେଳା ଗ୍ରାମର ସୁଲତାନ ସିଂ ଓ ପଶ୍ଚିମବଙ୍ଗ ଜୟରାମପୁର ଗ୍ରାମର ରାଜୁ ସେଖ୍। ଘଟଣା ଗତ ୧୧ ତାରିଖରେ ଘଟିଥିଲେ ମଧ୍ୟ ସୋମବାର ଏହା ସାମ୍ନାକୁ ଆସିଛି।

ପୋଲିସ ସୂଚନା ଅନୁଯାୟୀ, ମାଲକାନଗିରି ଜିଲାରେ ବ୍ୟବସାୟ ଆରମ୍ଭ କଲେ ଅଧିକ ଲାଭ ମିଳିବା ପ୍ରଲୋଭନ ଦେଖାଇ ପଶ୍ଚିମବଙ୍ଗର ରାଜୁ ସେଖ୍ କର୍ନାଟକ ଶ୍ରୀରାମପୁର ଥାନା କାଡପା ରାମଚନ୍ଦ୍ରପୁର ଗ୍ରାମର ରଘୁ ନରସିଂହ ନାମକ ଜଣେ ବ୍ୟବସାୟୀଙ୍କୁ ମାଲକାନଗିରିକୁ ଡାକିଥିଲେ। ରାଜୁଙ୍କ କଥାରେ ବିଶ୍ୱାସ କରି ବ୍ୟବସାୟୀ ରଘୁ ନରସିଂହ ମାଲକାନଗିରି ଆସିଥିଲେ। ଅଭିଯୁକ୍ତ ସୁଲତାନ ଓ ରାଜୁ ବ୍ୟବସାୟୀ ନରସିଂହଙ୍କୁ ମାଲକାନଗିରିର ଏକ ହୋଟେଲରେ ରଖି ବ୍ୟବସାୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ପରେ ନରସିଂହଙ୍କୁ ଏମ୍.ଭି. ୧୭ ନିକଟ ଜଙ୍ଗଲକୁ ନେଇ ସେଠାରେ ତାଙ୍କର ଅନ୍ୟ ଦୁଇଜଣ ସାଥୀଙ୍କୁ ଡକାଇ ବ୍ୟବସାୟୀଙ୍କୁ ମାରପିଟ୍ କରିବା ସହ ତାଙ୍କଠାରୁ ମୋବାଇଲ ଛଡାଇ ନେବା ସହ ପାସୱାର୍ଡ ମାଗି ତାଙ୍କ ଆକାଉଣ୍ଟରୁ ୮୨ ହଜାର ଟଙ୍କା ନେଇଯାଇଥିଲେ। ଦୁଇ ଅଭିଯୁକ୍ତ ନରସିଂହଙ୍କୁ ହୋଟେଲକୁ ନେଇ ତାଙ୍କଠାରୁ ନଗଦ ୩ ଲକ୍ଷ ଟଙ୍କା ନେବା ପରେ ଅନ୍ୟ ଏକ ହୋଟେଲକୁ ସ୍ଥାନାନ୍ତର କରିଥିଲେ। ହେଟେଲରୁ ନରସିଂହ ଯେପରି କୁଆଡେ ନ ଯିବେ ସେ ନେଇ ରାଜୁ ସେଖ୍ କଡ଼ା ନଜର ରଖିଥିଲେ। ଏହି ସମୟରେ ମହିଳା କନ୍‌ଷ୍ଟେବଲ ବାସନ୍ତୀ ଆସି ନିଜକୁ ଜଣେ ପୋଲିସ ଅଧିକାରୀ ବୋଲି ପରିଚୟ ଦେଇ ବ୍ୟବସାୟୀଙ୍କୁ ଡରାଇଥିଲେ। ପରେ ୩ ଅଭିଯୁକ୍ତ ମିଶି ବ୍ୟବସାୟୀ ନରସିଂହଙ୍କୁ ଏମ୍.ଭି. ୧୪ ଗ୍ରାମକୁ କାରରେ ନେଇ ସେଠାରେ ତାଙ୍କୁ ଆଉ ୩ ଲକ୍ଷ ଟଙ୍କା ଯୋଗାଡ଼ କଲେ ଛାଡ଼ିଦେବେ ବୋଲି କହିଥିଲେ । ନରସିଂହଙ୍କ କାର୍ ରାସ୍ତା ଉପରେ ଥିବାବେଳେ କେତେଜଣ ଗ୍ରାମବାସୀ ଦେଖି ଏ ସମ୍ବନ୍ଧରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନରସିଂହଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ପ୍ରକୃତ ଘଟଣା ପଦାକୁ ଆସିଥିଲା। ଏ ନେଇ ଥାନାରେ ୪୮୮/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସୁଲତାନ, ରାଜୁ ଓ ବାସନ୍ତୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶଥାଉକି, ମହିଳା କନ୍‌ଷ୍ଟେବଲ ବାସନ୍ତୀ ପୂର୍ବରୁ ମାଲକାନଗିରି ସଦର ଥାନାରେ କାର୍ଯ୍ୟରତ ଥିଲେ। ଏବେ ତାଙ୍କର ଓର୍କେଲ ଥାନାକୁ ବଦଳି ହୋଇଥିବାବେଳେ ସେ ଛୁଟିରେ ଅଛନ୍ତି। ତେବେ ବାସନ୍ତୀଙ୍କ ନାଁରେ ମାଲକାନଗିରି ଓ ବାଲିମେଳା ଥାନାରେ ବହୁ ମାମଲା ରହିଛି। ଏହା ପୂର୍ବରୁ ବାସନ୍ତୀ ଏଟିଏମ୍‌ରୁ ଟଙ୍କା ଲୁଟ୍, ଗଞ୍ଜେଇ ବ୍ୟବସାୟରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇ ଫେରିଛନ୍ତି।

ପୂଜ୍ୟ ମହାତ୍ମା ଗାନ୍ଧୀ

सत्यमेव जयते

SWACHHOTSAV
Swachhata Hi Seva 2025
17 September - 2nd October
A Swachh Bharat Mission Initiative



ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ



ପୂଜ୍ୟ ମହାତ୍ମା ଗାନ୍ଧିଜୀଙ୍କ ଦ୍ୱାରା ପ୍ରଦର୍ଶିତ ସ୍ୱଚ୍ଛତାର ପଥକୁ ଅନୁସରଣ କରିବା, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ଆସନ୍ତୁ ଆମେ ସମସ୍ତେ ଏକାଠି ହୋଇ ସ୍ୱଚ୍ଛତା ପାଇଁ ଶ୍ରମଦାନ କରିବା ।

ଏକ ଦିନ | ଏକ ଘଣ୍ଟା | ଏକାଠି

୨୫ ସେପ୍ଟେମ୍ବର ୨୦୨୫, ସକାଳ ୮.୦୦ ଘଟିକା

ସ୍ୱଚ୍ଛତା ଉତ୍ସବରେ ଯୋଗ ଦେଇ ନିଜର ଭାଗୀଦାରିକୁ ସୁନିଶ୍ଚିତ କରନ୍ତୁ ।

ଶ୍ରମଦାନର ସ୍ଥାନ ଚୟନ କରିବା ପାଇଁ QR କୋଡ୍ ସ୍କାନ୍ କରନ୍ତୁ କିମ୍ବା swachhatahiseva.gov.in ପରିଦର୍ଶନ କରନ୍ତୁ

CBC 44101/13/0009/2526

# ସ୍କୁଲ କମିଟି ନାହିଁ, ବସୁନି ଅଭିଭାବକ ବୈଠକ

**କେନ୍ଦୁଝର,୨୨।୯(ନରେଶ ଚନ୍ଦ୍ର ପଟ୍ଟନାୟକ)**

ଘଟଗାଁ ବ୍ଲକ୍ ଅଧୀନ ବିନିଦା ପଞ୍ଚାୟତର ଜୁଆଙ୍ଗ ଅଧ୍ୟୁଷିତ ମସିଣାଯୋଡ଼ି ଗ୍ରାମରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ଏକ ଆବାସିକ ସ୍କୁଲ (ଏଜୁକେସନ କମ୍ପ୍ଲେକ୍ସ)ରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି। ଉକ୍ତ ବିଦ୍ୟାଳୟରେ ସ୍କୁଲ କମିଟି ନାହିଁ କିମ୍ବା ଅଭିଭାବକ ବୈଠକ ବସୁନାହିଁ। ଫଳରେ ସମସ୍ୟା ଆଲୋଚନା ହେଉନାହିଁ ଏବଂ ମନମୁଖୀ ଭାବେ ବିଦ୍ୟାଳୟ ଚାଲିଛି। ଏନେଇ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଫିସକୁ ଆସି ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପୁରାତନ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ପିଲାଙ୍କୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯାଇଥାଏ । ଏଠାରେ ୨୦୦ରୁ ଅଧିକ ଛାତ୍ରୀ ହଷ୍ଟେଲରେ ରହି ମାଗଣାରେ ଖାଇବା, ପିଇବା ବ୍ୟବସ୍ଥା ଥାଇ ପାଠ ପଢୁଛନ୍ତି। ବିଭିନ୍ନ ସମସ୍ୟା ମଧ୍ୟରୁ ଯୋଗ୍ୟ ଶିକ୍ଷକ ନ ଥିବାରୁ ଉନ୍ନତମାନର ପାଠପଢ଼ା ହୋଇ ପାରୁନାହିଁ। ୧୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳରେ ମାତ୍ର ୩/୪ ଜଣ ଶିକ୍ଷୟିତ୍ରୀରେ କାମ ଚଳାଯାଉଥିବାରୁ ପାଠପଢ଼ା ଠିକ୍ ଭାବରେ ହୋଇ ପାରୁନାହିଁ। ଛାତ୍ରୀମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା, ଦେହ ଖରାପ ହେଲେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉ ନ ଥିବା କିମ୍ବା ଅଭିଭାବକମାନଙ୍କୁ ଖବର ଦିଆଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ବିଦ୍ୟାଳୟରେ ପାଣିର ସମସ୍ୟା ଦେଖାଦେଇଥିଲେ ହେଁ ସମାଧାନ କରାଯାଉ ନ ଥିବାରୁ ଛାତ୍ରୀମାନେ ବାହାରକୁ ଗାଧୋଇବାକୁ ଯାଉଥିବା, ବିଦ୍ୟାଳୟର ପ୍ଲାଷ୍ଟିକ ବ୍ୟର୍ଜବ୍ୟସ୍ତୁକୁ ଠିକ୍ ପରିଚାଳନା ନ କରି ବାହାରେ ଫିଙ୍ଗାଯାଉଥିବାରୁ ଗ୍ରାମର ଗୋରୁଗାଈ ତାହାକୁ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଜୁଆଙ୍ଗ ସାହିର ଲୋକେ।

ବିଦ୍ୟାଳୟ ପରିସର ଦଣ୍ଡମୁକ୍ତ ଅଞ୍ଚଳ ହୋଇଥିବା ବେଳେ ଅନେକ ସମୟରେ ଛାତ୍ରୀମାନଙ୍କୁ ମାଡ଼ମାରି ନିର୍ଯାତନା ଦିଆଯାଉଥିବା ଏବଂ ଏନେଇ ଅଭିଭାବକ ପଚାରିଲେ ଧମକଚମକ ମିଳୁଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ସେହିପରି ଗ୍ରାମର ସରକାରୀ ଜମି (ପ୍ଲଟ ନମ୍ବର ୮୯, ଖାତା ନମ୍ବର ୮୩, କିସମ- ଗ୍ରାମ ଜଙ୍ଗଲ)କୁ ଜୋର ଜବରଦସ୍ତ ଦଖଲ କରିଥିବା ଅଭିଯୋଗ କରିଛନ୍ତି। ଗ୍ରାମର ଜଣେ ଛାତ୍ରୀ ଓ ପାଖ ଗ୍ରାମର ଅନ୍ୟ ଜଣେ ଛାତ୍ରୀ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ଚିକିତ୍ସା ଅଭାବରୁ ସେମାନଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ଉକ୍ତ ବିଦ୍ୟାଳୟର ଛାତ୍ରୀମାନେ ଅସ୍ୱାଭାବିକ ବ୍ୟବହାର କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା।

ଏଣୁ ଏହାର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୁଆଙ୍ଗ ସମାଜ ସଂଘ ସମ୍ପାଦକ ପ୍ରଭାକର ଜୁଆଙ୍ଗଙ୍କ ସମେତ ସୁରେଶ ଜୁଆଙ୍ଗ, ମାନସ କୁମାର ଜୁଆଙ୍ଗ, ଭୋଳାନାଥ ଜୁଆଙ୍ଗ, ସିଦ୍ଧାନ୍ତ ଜୁଆଙ୍ଗ, ଲୋଚନ ଜୁଆଙ୍ଗ, ସିପୁ ଜୁଆଙ୍ଗ, ବିନୋଦ ଜୁଆଙ୍ଗ, ପୂର୍ଣ୍ଣଚନ୍ଦ୍ର ଜୁଆଙ୍ଗ, କୃଷ୍ଣଚନ୍ଦ୍ର ଜୁଆଙ୍ଗ, ସଞ୍ଜୟ ଜୁଆଙ୍ଗ, ଗୋବର୍ଦ୍ଧନ ଜୁଆଙ୍ଗ, ନୀଳମଣି ଜୁଆଙ୍ଗ, ପର୍ଶୁରାମ ଜୁଆଙ୍ଗ, ପ୍ରଦୀପ କୁମାର ଜୁଆଙ୍ଗ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଟାଟା ଷ୍ଟିଲ୍ କାଟାମାଟି ଖଣି ପୁରସ୍କୃତ



ପୁରସ୍କାର ସହ କାଟାମାଟି ଖଣି କର୍ତ୍ତୃପକ୍ଷ।

**ଯୋଡ଼ା,୨୨।୯(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନରେ ଅବସ୍ଥିତ ଟାଟା ଷ୍ଟିଲର କାଟାମାଟି ଲୌହ ଖଣିକୁ ଫେଡେରେସନ ଅଫ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ (ଫିମି) ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ୫୯ତମ ବାର୍ଷିକ ସାଧାରଣ ବୈଠକରେ 'ରିଓ ଟିଣ୍ଟୋ ହେଲ୍ଥ ଆଣ୍ଡ ସେଫ୍ଟି ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନନୀୟ ପୁରସ୍କାରଟି ଭାରତ ସରକାରଙ୍କ କୋଇଲା ଓ ଖଣିଜ ରାଷ୍ଟ୍ର ମନ୍ତ୍ରୀ ଶତୀଶ ଚନ୍ଦ୍ର ଦୁବେ, ଫିମି ଅଧ୍ୟକ୍ଷ ଶନ୍ତେଶ ଗୁରେଡ଼ି ଏବଂ ଫିମିର ଉପାଧ୍ୟକ୍ଷ ସୌଭିକ ମଜୁମଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କମ୍ପାନୀ ପକ୍ଷରୁ କାଟାମାଟି ଖଣି ହେଡ୍ ଅଜୟ କୁମାର ଗୋୟଲ, ଇକ୍ୱିପମେଣ୍ଟ ହେଡ୍ ଏ.ଜେ. ଜର୍ଜ, ସେଫ୍ଟି ଓ ଏମକ୍ୟୁ ହେଡ୍ ଅଭୟ ଗୁପ୍ତା ଓ କାଟାମାଟି ଖଣି ୟୁନିୟନ ଅଧ୍ୟକ୍ଷଅନୁଜ କୁମାର ସୁନ୍ଧି ଏହି ପୁରସ୍କାର ଗ୍ରହଣ କରିଥିଲେ। ଦେଶର ବିଭିନ୍ନ ସ୍ଥାନରୁ ମୋଟ ୨୭ଟି ଖଣି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିଏସଆଇଆର୍ ସେଣ୍ଟ୍ରାଲ ଇନ୍ଷ୍ଟିଚ୍ୟୁଟ ଅଫ ମାଇନିଂ ଆଣ୍ଡ ଫ୍ୟୁଏଲ ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରଫେସର ଅରବିନ୍ଦ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ନ୍ୟାୟାଧୀନ କମିଟି କାଟାମାଟି ଖଣିକୁ ଏହି ସମ୍ମାନ ପାଇଁ ଚୟନ କରିଥିଲା। କାଟାମାଟି ଖଣି ସ୍ୱାସ୍ଥ୍ୟ, ପରିବେଶୀୟ ଓ ପରିଚାଳନାରେ ସୁପ୍ରଶଂସନୀୟ ଉଦ୍ୟମ ପାଇଁ ଏହି ପୁରସ୍କାର ଅର୍ଜନ କରିଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସାମୁଦାୟିକ ମଙ୍ଗଳ, ଶିକ୍ଷା ଓ କୌଶଳ ବିକାଶ, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା, ଜୀବିକାମୂଳକ ଉଦ୍ୟମ ସହିତ ବିଭିନ୍ନ ସାମାଜିକ ପ୍ରୟାସଗୁଡ଼ିକ ମଧ୍ୟ କାଟାମାଟି ଖଣି ପକ୍ଷରୁ କରାଯାଇଛି।

## ସହାୟକ ଆଇନଗତ ମାପ ବିଜ୍ଞାନ ବିଭାଗର ଚଢ଼ାଉ

## ଦୋକାନୀଙ୍କୁ ଜରିମାନା

ବଡ଼ବିଲ,୨୨।୯ (ଜୟନ୍ତୀ ରଣା): କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳରେ ସହାୟକ ଆଇନଗତ ମାପ ବିଜ୍ଞାନ ବିଭାଗ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଛି। ବଡ଼ବିଲ ପୁରୁଣା ବସ୍ଷ୍ଟାଣ୍ଡରେ ଥିବା କେତେକ ଦୋକାନରେ ଚଢ଼ାଉ କରାଯାଇ ଦୋକାନୀଙ୍କ ପିଛା ୩ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ବଡ଼ବିଲ ପୌରାଞ୍ଚଳରେ ଅନେକ ଦୋକାନରେ ବିଭିନ୍ନ ସାମଗ୍ରୀ ଉପରେ ଛାପା ଦରଠାରୁ ଅଧିକ ମୂଲ୍ୟରେ ବିକ୍ରି, ଓଜନ, ଉତ୍ପାଦନ, ମିଆଦ ଶେଷ ତାରିଖ ଆଦି ମୁଦ୍ରିତ ହୋଇ ନ ଥିବା ସାମଗ୍ରୀ ବିକ୍ରି ନେଇ ଅଭିଯୋଗ ହେଉଛି। ଦୁଇଦିନ ହେଲା ସହାୟକ ଆଇନଗତ ମାପ ବିଜ୍ଞାନ ବିଭାଗ ପକ୍ଷରୁ ଏନେଇ ଧରପଗଡ଼ ଚାଲିଛି। ତେବେ ବିଭାଗ ପକ୍ଷରୁ ସହରାଞ୍ଚଳର ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ, ଦୈନିକ ବଜାର ଓ ବିଭିନ୍ନ ଗଳିକନ୍ଦିରେ ଥିବା ଦୋକାନରେ ଯାଞ୍ଚ କରାଗଲେ ବେଆଇନ ଦୋକାନୀଙ୍କ ଉପରେ କଟକଣା ଲଗାଯାଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ



ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ଶିବିରକୁ ଉଦ୍‌ଘାଟନ କରାଯାଉଛି।

**ପାଟଣା,୨୨।୯(ବୀରକିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ସୋମବାର 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ମୋଟ ୨୬୦ ମହିଳା, ଯୁବତୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଶିଶୁମାନଙ୍କୁ ଭ୍ୟାକ୍ସିନେଶନ କରାଯାଇଛି। ପାଟଣା ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରହ୍ଲାଦ ପଲେଇ, ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ ପ୍ରମୁଖ ଆୟୋଜିତ ସ୍ୱାସ୍ଥ୍ୟ ଶିବିରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଆୟୋଜିତ ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା.ଶୁଭେନ୍ଦୁ ସାଗର କୁମାର ନାଏକ ଅଧ୍ୟକ୍ଷତା କରିଥିଲେ। ବିଧାୟକଙ୍କ ପ୍ରତିନିଧି ଦାଶ, ଏମ୍‌ପିଙ୍କ ପ୍ରତିନିଧି ପଲେଇ, ବ୍ଲକ ଅଧ୍ୟକ୍ଷା ନାୟକ, ପରିବାର କଲ୍ୟାଣ ବିଭାଗ ଏଡିଏମ୍‌ଓ ଡା. ଲକ୍ଷ୍ମୀକାନ୍ତ ମହାନ୍ତ, ବରିଷ୍ଠ ଭାଜପା ନେତା ଦୀନବନ୍ଧୁ ମିଶ୍ର, ଯୁଗଳ କିଶୋର ଦାଶ, ଭାରତ ସ୍ୱେଚ୍ଛାସେବୀ ସଙ୍ଗଠନର ରଞ୍ଜିତ ମହାନ୍ତ ପ୍ରମୁଖ ଯୋଗଦେଇ ନାରୀ ଓ ଯୁବତୀଙ୍କ ସ୍ୱାସ୍ଥ୍ୟ ନେଇ ପ୍ରଯତ୍ନ ହେବାକୁ ପରାମର୍ଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ବିପିଏମ୍ ଦୀପକ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଗୀତାଞ୍ଜଳି ପାତ୍ର, ଶିଶୁ ବିଶେଷଜ୍ଞ ଡା. ରାଧାରମଣ ସାହୁ, ଡା. ଯାଜ୍ଞସିନୀ ମହାନ୍ତ, ଡା. ପାର୍ଥସାରଥି ଦାଶ, ଡା. କୋଷିସ ଗୁପ୍ତା ପ୍ରମୁଖ ମହିଳା, ଯୁବତୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## କଚାଡ଼ି ଦେଲା ହାତୀ, ଯୁବକ ଗୁରୁତର

କେନ୍ଦୁଝର,୨୨।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ନୟାକୋଟ ଥାନା ଅଧୀନ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ୍ ଦଅଁଳା ଗ୍ରାମର ଗୋବିନ୍ଦ ମୁଣ୍ଡାଙ୍କ ପୁଅ ସୁନିଆଁ(୨୫) ରବିବାର ରାତିରେ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସୁନିଆଁ ରାତିରେ ଧାନ ବିଲକୁ ଦେଖିବାକୁ ଯାଇଥିବା ବେଳେ ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀଟି ଶୁଣ୍ଢରେ ପଛପଟୁ ତାଙ୍କ ପ୍ୟାଣ୍ଟକୁ ଧରି ଟାଣି ଦେଇ କଚାଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଧରଣୀଧର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ ଡାକ୍ତର କଟକ ସ୍ଥାନାନ୍ତର କରିଥିଲେ। ସୁନିଆଁଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି ବୋଲି ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜର ନୟନକାନ୍ତ ସାହୁ କହିଛନ୍ତି।

ଏକ ଛୁଆ ହାତୀ ସହ ୬ଟିକିଆ ହାତୀପଲ ଏହି ଅଞ୍ଚଳରେ ବୁଲୁଥିବା ବେଳେ ଲୋକେ ଚାରିଆଡ଼ୁ ଘେରି ଯାଇଥିଲେ। ଫଳରେ ହାତୀମାନେ କୁଆଡ଼େ ଯାଇ ନ ପାରି ଗୋଟିଏ ଆଡ଼କୁ ଧାଇଁଥିଲେ। ଏହି ସମୟରେ ଏକ ଛୁଆ ହାତୀର ସୁରକ୍ଷା ପାଇଁ ମା' ହାତୀ ଉକ୍ତ ଯୁବକଙ୍କୁ ଧରି ଟାଣି ଦେଇଥିଲା। ଲୋକଙ୍କୁ ମାଇକ୍ ଜରିଆରେ ସଚେତନ କଲେ ମଧ ହାତୀଙ୍କୁ ଘଉଡ଼ାଉଛନ୍ତି। ଏଣୁ ହାତୀମାନେ ଯାଇ ନ ପାରି ଏଣେତେଣେ ଘୁରି ବୁଲି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ତେବେ ହାତୀମାନଙ୍କ ଦ୍ୱାରା କ୍ଷୟକ୍ଷତିର କ୍ଷତିପୂରଣ ଦିଆଯିବ ବୋଲି ରେଞ୍ଜର କହିଛନ୍ତି।



ଡାକ୍ତରଖାନାରେ ଚିକିତ୍ସାଧୀନ ଗୁରୁତର ଯୁବକ।

# ଶିଆଳ କାମୁଡ଼ାରେ ୫ ଗୁରୁତର

**ହାଟଡିହୀ(ଶୁଭକାନ୍ତ ନାୟକ)/ ବଉଳା(ଦୁର୍ଗା ପ୍ରସାଦ ଆୟଚ),୨୨।୯**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବାଲିବରେଇ ଗ୍ରାମରେ ଶିଆଳ କାମୁଡ଼ାରେ ୫ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସୋସୋ ମେଡିକାଲରେ ଚିକିତ୍ସା କରାଯାଉଛି। ସୂଚନା ଅନୁଯାୟୀ, ସୋମବାର ଗ୍ରାମର ସରସ୍ୱତୀ ପହି , ଅନାଥ ପୁହାଣ, ଅନନ୍ତ ପହି, ନାରାୟଣ ଆଇଚ, ସୂର୍ଯ୍ୟ ପ୍ରକାଶ ରାଉତଙ୍କ ସମେତ ଅନ୍ୟ କିଛି ବ୍ୟକ୍ତି ନିକଟସ୍ଥ ଶାଳନ୍ଦୀ ନଦୀ ଆଡେ ଶୌଚ ହେବାକୁ ଯାଇଥିଲେ। ହଠାତ ଦୁଇଟି ଶିଆଳ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଆକ୍ରମଣରେ ଲୋକଙ୍କର ହାତ, ଗୋଡ଼, ମୁହଁ, ପେଟରେ କ୍ଷତ ସୃଷ୍ଟି ହୋଇଛି। ଖଣ୍ଡିଆ ଖାବରା ହୋଇ ପ୍ରାଣ ବିକଳରେ ସମସ୍ତେ ଦୌଡି ଦୌଡି ଗ୍ରାମକୁ ପଳାଇ ଆସିଥିଲେ। ଶିଆଳ ଆତଙ୍କରେ ଗ୍ରାମର ଲୋକ ମାନେ ଭୟଭୀତ ହୋଇପଡ଼ିଛନ୍ତି। ନିକଟରେ ହଦଗଡ଼ ଜଙ୍ଗଲ ଥିବା ବେଳେ ଏପରି ହିଂସ୍ର ଶିଆଳକୁ ଧରିବା ଦିଗରେ ବନ ବିଭାଗ ପଦକ୍ଷେପ ନେବା ଉଚିତ ବୋଲି ଗ୍ରାମବାସୀମାନେ ଦାବି କରିଛନ୍ତି।

# ଘୁଷୁରି ଘୁଷୁରି ଗଲେ ଦିବ୍ୟାଙ୍ଗ

**ଜିଲାପାଳଙ୍କ ଅଭିଯୋଗ ଶୁଣାଣି**



**ହାଟଡିହୀ/ବଉଳା/ ଛେନାପଦି,୨୨।୯(ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡ଼ା)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଛି। ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇ ନ ଥିଲା। ଅଧିକାରୀମାନେ ଅଭିଯୋଗ ଶୁଣିବା ପାଇଁ ଆରାମରେ ବସିଥିବା ବେଳେ ଗହଳି ଯୋଗୁ ଲୋକେ ଠେଲାପେଲା ହୋଇ ନିଜର ଅଭିଯୋଗ ପ୍ରଦାନ କରିଥିଲେ। ଜଣେ ଦିବ୍ୟାଙ୍ଗ ମହିଳା ଘୁଷୁରି ଘୁଷୁରି ଅଭିଯୋଗ ପତ୍ର ଦେବାକୁ ଯାଉଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ପ୍ରଦାନ ନିମନ୍ତେ ଲୋକମାନଙ୍କ ପାଇଁ କୌଣସି ଧାଡି କିମ୍ବା ଅନ୍ୟ କିଛି ବ୍ୟବସ୍ଥା କରାଯାଇ ନ ଥିଲା। ଯାହାକି ଅସନ୍ତୋଷର କାରଣ ସାଜିଥିଲା ।

ଏହି ଶୁଣାଣିରେ ୨୧୮ଟି ଅଭିଯୋଗ ହୋଇଥିବା ବେଳେ ଅଧିକାଂଶ ଅଭିଯୋଗ ଜମିଜମା ସଂକ୍ରାନ୍ତୀୟ ଥିଲା। ବଞ୍ଚୋ ଗାଁ ରାସ୍ତାରୁ ଜବରଦଖଲ ଉଚ୍ଛେଦ, ହାଟଡିହୀକୁ ମ୍ୟୁନିସିପାଲିଟି ଘୋଷଣା କରିବା ପାଇଁ ଦାବି ହୋଇଥିଲା। ବ୍ଲକସ୍ତରୀୟ ଯୋଗ କେନ୍ଦ୍ରପ୍ରତିଷ୍ଠା, ଛେନାପଦିବିଶ୍ୱ ତାରିଣୀ ମହିଳା ମହାବିଦ୍ୟାଳୟରେ ଶୌଚାଳୟ ନିର୍ମାଣ, ମର୍ଗେଇଁ-ବଳିପୁର ବନ୍ଧ ରାସ୍ତା ନିର୍ମାଣ, ଆଧାର କାର୍ଡ ନ ଥିବାରୁ ଭତ୍ତା ନ ମିଳିବା ପରି ବିଭିନ୍ନ ପ୍ରକାରର ଅଭିଯୋଗ ହୋଇଥିଲା। ଅଭିଯୋଗ ଶୁଣାଣିରେ ଜିଲାପାଳ ବିଶାଳ ସିଂ, ଜିଲାପରିଷଦ ସିଡିଓ କୁମାର ନାଗଭୂଷଣ, ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା, ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ରବୀନ୍ଦ୍ର ପାତ୍ର, ବିଡିଓ ରଞ୍ଜନ ପରିଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଘରେ ପଶି ଟଙ୍କା,ସୁନା ଲୁଟିନେଲେ

ଆନନ୍ଦପୁର,୨୨।୯(ସୁଶାନ୍ତ କୁମାର ସାହୁ)- ଘସିପୁରା ଥାନା ଅଧୀନ ଶାଳପଡା ମିଶ୍ର କଲୋନୀରେ ରହୁଥିବା ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଅତୁଳ କୁମାର ବଳଙ୍କ ଘରୁ ରବିବାର ଭୋର ସମୟରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଘର ଗ୍ରୀଲ ଭାଙ୍ଗି ଭିତରେ ପଶି ୪୦ ଗ୍ରାମର ସୁନା ଗହଣା ସହିତ ନଗଦ ୨୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଅତୁଳ ଭୋର ୩ଟାରୁ ବାହାରକୁ ବୁଲିବାକୁ ବାହାରିଯିବା ପରେ ଘରେ ଏକା ତାଙ୍କ ସ୍ତ୍ରୀ ଥିବା ସୁଯୋଗ ନେଇ ଚୋରମାନେ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି। ତେବେ ଘସିପୁରା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଗଣେଶ ମେଢ଼ ଭସାଣି ଉତ୍ସବ



**ଢେଙ୍କିକୋଟ, ୨୨।୯ (ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ଦିଲ୍‌ଦାର ୟୁଥ୍ କ୍ଲବ୍ ପକ୍ଷରୁ ସୋମବାର ଗଣେଶ ମେଢ଼ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୨ଟାରୁ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇ ରାତି ୧୦ଟା ଯାଏ ଚାଲିଥିଲା। ଢେଙ୍କାନାଳର ଜେବି ପ୍ରଫେସନାଲ ଡିଜେ, କଳାହାଣ୍ଡିର ଦିଲଖୁସ ମେଲୋଡ଼ି ଓ ରେକର୍ଡ ଡ୍ୟାନ୍ସ, କୋଲକାତାର ଶିବ ତାଣ୍ଡବ ନୃତ୍ୟ, ରାଜସ୍ଥାନର ରାଧାକୃଷ୍ଣ ନୃତ୍ୟ, ସମ୍ବଲପୁରର ମା' ସନ୍ତୋଷୀ ଡିଜେ ଏବଂ ହରିଚନ୍ଦନପୁରର ବିନୟ ପ୍ରୋ ଡିଜେ ଏଥିରେ ସାମିଲ ହୋଇଥିଲା। କ୍ଲବ୍‌ର ଶତାଧିକ ସଦସ୍ୟ ଶୋଭାଯାତ୍ରାରେ ବାବା ଗଣେଶଙ୍କୁ ବଜାର ସାହି, ବସ୍ତି ପରିକ୍ରମା କରାଇଥିଲେ। ପରିକ୍ରମା ସମୟରେ ବସ୍ତି ସାହିରେ ମା', ଭଉଣୀମାନେ ଗଜାନନଙ୍କୁ ବନ୍ଦାପନା କରି ବିଦାୟ ଜଣାଇଥିଲେ। ସ୍ଥାନୀୟ ଡଙ୍ଗାଧର ନଦୀରେ ବିସର୍ଜନ କରାଯାଇଥିଲା। ଏହି ଭସାଣି ଉତ୍ସବ ଦେଖିବାକୁ ଜିଲା ଓ ଜିଲା ବାହାରୁ ଦର୍ଶକଙ୍କ ଭିଡ଼ ଜମିଥିଲା। କ୍ଲବ୍‌ର ସଭାପତି ଦେବାଶିଷ ମହାନ୍ତ ଏବଂ ସମ୍ପାଦକ ଆଶିଷ କୁମାର ସାହୁଙ୍କ ସମେତ ସକ୍ରିୟ ସଦସ୍ୟ ଚନ୍ଦନ ମଣ୍ଡଳଙ୍କ ଉଦ୍ୟମରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ହୋଇଥିଲା।

# ରକ୍ତଦାନ ଶିବିର, ୧୭୨ ୟୁନିଟ୍ ରକ୍ତ ସଂଗ୍ରହ

**କେନ୍ଦୁଝର, ୨୨।୯(ଦୀପକ ମିଶ୍ର/ ନରେଶଚନ୍ଦ୍ର ପଟ୍ଟନାୟକ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ତଥା ସେବାପକ୍ଷ ଅବସରରେ ଭାଜପା ଜିଲା କାର୍ଯ୍ୟାଳୟରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ଉତ୍ସାହିତ ରକ୍ତଦାତାଙ୍କ ନିକଟରୁ ୧୭୨ ୟୁନିଟ ରକ୍ତ ସଂଗୃହୀତ ହୋଇ ମାନବ କଲ୍ୟାଣ ନିମନ୍ତେ ଜିଲା ରକ୍ତଭଣ୍ଡାରକୁ ପଠାଯାଇଥିଲା। କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଏବଂ ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେହିପରି ଭାଜପା ପୂର୍ବତନ ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ଭାଜପା ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ଏମ୍‌ପି ପ୍ରତିନିଧି ହରିହର ମହାନ୍ତ, ଦିଲୀପ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ ଏବଂ ଶମ୍ଭୁନାଥ ରାଉତ, ଜିଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ଏବଂ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଜିଲା ଉପସଭାପତି ଗୋପୀନାଥ ରାମ, ଜିଲା ସମ୍ପାଦକ ଦୀପକ ଜେନା ଏବଂ ଯଶସ୍ୱିନୀ ବଳ, କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗିରଥି ସିଂହ ପ୍ରମୁଖ ତଥା ଅନ୍ୟ ନେତୃବର୍ଗ ଉପସ୍ଥିତ ରହି ରକ୍ତଦାନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଭଣ୍ଡାର ଡାକ୍ତର ବିପିନ ବିହାରୀ ପାତ୍ରଙ୍କ ତତ୍ତ୍ୱାବଧାନରେ ତଥା ସମସ୍ତ ସହଯୋଗୀ କର୍ମଚାରୀଙ୍କ ସହଯୋଗରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏମ୍‌ପି ଅନନ୍ତ ନାୟକ ଏବଂ ଜିଲା ସଭାପତି ଶୁକଦେବ ମହାନ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ପୋଲିସକୁ ପିସ୍ତଲ ଦେଖାଇ ଗାଡ଼ି ଛଡ଼ାଇ ନେବା ଘଟଣା, ୨ ଗିରଫ

ପାଟଣା, ୨୨।୯(ବୀରକିଶୋର ଦାଶ): ଗତ ୨୦ ତାରିଖରେ ଠାକୁରମୁଣ୍ଡା ଥାନାରୁ ଜବତ ପିକଅପ ଭ୍ୟାନରେ ୬ମଇଁଷିକୁ ନେଇ କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ରାଜନଗର ନନ୍ଦିନୀ ଗୋଶାଳାକୁ ଅଣାଯାଉଥିଲା। ରାଜନଗର ବୈତରଣୀ ନଦୀ ପୋଲ ନିକଟରୁ ଠାକୁରମୁଣ୍ଡା ପୋଲିସକୁ ପିସ୍ତଲ ଦେଖାଇ ପିକଅପ ଭ୍ୟାନକୁ ଛଡ଼ାଇ ନେବା ଅଭିଯୋଗରେ ସୋମବାର ତୁରୁମୁଙ୍ଗାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପହରଣ କରି ନେଇଥିବା ପିକ୍‌ଅପ୍ ଭ୍ୟାନ(ନଂ. ଓଡ଼ି ୦୪ୟୁ୧୬୭୩)କୁ ଠାକୁରମୁଣ୍ଡା ପୋଲିସ ଯାଜପୁର ଜିଲା ଧର୍ମଶାଳାରୁ ଉଦ୍ଧାର କରି ଗାଡି ସହ ୨ ଜଣଙ୍କୁ ଆଣି ତୁରୁମୁଙ୍ଗା ପୋଲିସ ଜିମା ଦେଇଥିଲା। ଠାକୁରମୁଣ୍ଡା ଥାନାର ହୋମଗାର୍ଡ ଇନ୍ଦ୍ରମଣି ନାଏକଙ୍କ ଅଭିଯୋଗ ଆଧାରରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗାଡି ମାଲିକ ଯାଜପୁର ଜିଲା ଧର୍ମଶାଳା ଥାନା ଜାରକା ଜାମୁବଣିଆ ସାହିର ସୁବ୍ରତ ମହାରଣା(୩୬) ଏବଂ ତାଙ୍କ ସହଯୋଗୀ ମୃତ୍ୟୁଞ୍ଜୟ ରଥ (୨୭)। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୨୩୭/୨୫) ରୁଜୁ ହେବା ସହ ଏସ୍‌ଆଇ କିରଣ ସାହୁ ଘଟଣାର ତଦନ୍ତ କରୁଛନ୍ତି।

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

**ଶିକ୍ଷକ ଅଭାବ**

**ଗଛମୂଳେ ପାଠ ପଢ଼ିଲେ ଛାତ୍ରୀଛାତ୍ର**

**ଚମ୍ପୁଆ,୨୨।୯(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଅଧୀନ କାଟୁଲିକନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଶେଷରେ ଅଭିଭାବକମାନେ ସୋମବାର ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ।

ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ମୋଟ ୫୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲେ। କିଛିଦିନ ହେବ ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଥିଲା। ଫଳରେ ଆଉ ଜଣେ ଶିକ୍ଷକଙ୍କୁ ଏଠାରେ ନିଯୁକ୍ତି ଦେବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଦୀର୍ଘଦିନ ହେବ ଦାବି କରିଆସୁଥିଲା। ଏଥିପ୍ରତି ବ୍ଲକ ଶିକ୍ଷା ବିଭାଗ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ଆଣି ଅଭିଭାବକମାନେ ପୂର୍ବାହ୍ନ ୧୦ଟାରୁ ସ୍କୁଲରେ ତାଲା ପକାଇ ଦେଇଥିଲେ। ତାଲା ପଡ଼ିବା ପରେ ଉପସ୍ଥିତ ଶିକ୍ଷକମାନେ ବିଦ୍ୟାଳୟ ବାହାରେ ଏକ ଗଛ ମୂଳରେ ଛାତ୍ରୀଛାତ୍ରଙ୍କୁ ବସାଇ ପାଠ ପଢ଼ାଇଥିଲେ। ପ୍ରାୟ ୩ଘଣ୍ଟା ପରେ ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଂସଦାଙ୍କ ନିର୍ଦ୍ଦେଶ ପରେ ଡେପୁଟେଶନରେ ଯାଇଥିବା ଶିକ୍ଷକଙ୍କୁ ପୁନଃ ଏହି ବିଦ୍ୟାଳୟରେ ନିଯୁକ୍ତ କରାଯାଇଥିଲା। ଏହାପରେ ବିଦ୍ୟାଳୟରୁ ତାଲା ଖୋଲାଯାଇ ପାଠପଢ଼ା ସ୍ୱାଭାବିକ ହୋଇଥିବା ପ୍ରଧାନଶିକ୍ଷକ ଅଜୟ କୁମାର ମହାନ୍ତ କହିଛନ୍ତି।



କାଟୁଲିକନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାହାରେ ବସି ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

## ଜଳିଗଲା ମିଠା ଦୋକାନ

ଆଗରପଡ଼ା,୨୨।୯ (ସୁଶାନ୍ତ ଦାଶ)

ଆଗରପଡ଼ା ଲକ୍ଷ୍ମୀବଜାରରେ ରବିବାର ରାତିରେ ଅରୁପାନନ୍ଦ ମିଷ୍ଟାନ୍ନ ଭଣ୍ଡାରରେ ଅଗ୍ନିକାଣ୍ଡ ଘଟି ଦୋକାନ ଜଳିଯାଇଛି। ଦୋକାନୀ ପୁରୁଷଣ୍ଡ ଗ୍ରାମର ପ୍ରହ୍ଲାଦ ସାହୁ ରାତି ୧୦ଟା ୩୦ରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ୧୧ଟା ୩୦ ବେଳେ ଦୋକାନରୁ ପ୍ରବଳ ଧୂଆଁ ବାହାରୁଥିବା ସେ ଖବର ପାଇଥିଲେ। ସେ ପହଞ୍ଚି ଶଟର ଖୋଲି ଦେଖିଲା ବେଳକୁ ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଆନୁମାନିକ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଆଗରପଡ଼ା ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ପ୍ରହ୍ଲାଦ ସବୁଦିନ ପରି ରବିବାର ମଧ୍ୟ ମେନ୍ ସୁଇଚ୍‌ରୁ ଲାଇନ କାଟି ଯାଇଥିଲେ। ଶର୍ଟସର୍କିଟ୍‌ରୁ କିପରି ନିଆଁ ଲାଗିଲା, ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ପ୍ରକାଶଥାଉ କି, ଗତ ୧୫ ତାରିଖରେ ସମାନ ଭାବେ ୩ ଦୋକାନରେ ନିଆଁ ଲାଗିଯାଇଥିଲା। ଦୋକାନରେ ଲାଇନ କଟାଯାଇଥିଲେ ସୁଦ୍ଧା କିପରି ନିଆଁ ଲାଗୁଛି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ଲୁଣିଆ ଗୁଳିକାଣ୍ଡର ଶହୀଦ ସ୍ମୃତି ସମାରୋହ

ଧାମନଗର,୨୨।୯
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଶହୀଦନଗରଠାରେ ଐତିହାସିକ ଲୁଣିଆ ଗୁଳିକାଣ୍ଡର ୮୩ତମ ସ୍ମାରକୀ ଶହୀଦ ସ୍ମୃତି ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳେ କମିଟିର ସ୍ଥାୟୀ ସଭାପତି ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶହୀଦ ସ୍ମୃତି ପୀଠ ସମ୍ମୁଖ କବି ପୋଖରୀରେ ତିଳତର୍ପଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିସହ ଶହୀଦ ପୀଠ ଏବଂ ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଜିଲା ପୋଲିସ ପକ୍ଷରୁ ଶହୀଦ ୯ ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ, ଲେଙ୍କା, ହରେକୃଷ୍ଣ ପାଢ଼ୀ, ଭାଜପା ଭାଜପାର ବରିଷ୍ଠ ନେତା ରଘୁନାଥ ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ମଣ୍ଡଳ ସଭାପତି ଅନିରୁଦ୍ଧ ସାହୁ, ବରିଷ୍ଠ ନେତା ଅଶୋକ ପୁହାଣ, ମନୋରଞ୍ଜନ ମଲ୍ଲିକଙ୍କ ସମେତ ବହୁ ଦଳୀୟ ନେତା, ବିଶିଷ୍ଟ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ ଶହୀଦ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଡା. ସଞ୍ଜୟ ଦାସ, ବିଜେଡିର ବ୍ଲକ ସଭାପତି ପ୍ରତାପ ସାମଲ, ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ପ୍ରଦୀପ ମଲ୍ଲିକ, ସେବା ସମବାୟ ସଭାପତି ସନ୍ଦୀପ ସ୍ୱାଇଁ, ଭାରତ ବିଜୟ ଦଳାଇଙ୍କ ସମେତ ଦଳର ନେତୃମଣ୍ଡଳୀ, କଂଗ୍ରେସ ଏବଂ ସିପିଆଇଏମ୍ ନେତା ଶହୀଦ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।


ଶହୀଦ ପୀଠରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ନେତୃବୃନ୍ଦ।

## ଆଜିଠୁ ଧାରଣା ଦେବେ ଗୋଷ୍ଠୀ ସହାୟକ କର୍ମଚାରୀ


ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାସୁଦେବପୁର,୨୨।୯(କାଳିପଦ ରାଉ)

### ୬ ମାସର ଦରମା ମିଳିନି

ବାସୁଦେବପୁର ବ୍ଲକ ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର ଓ ପ୍ରାଣୀମିତ୍ରମାନଙ୍କୁ ଗତ ୬ମାସର ଦରମା ମିଳି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏବେ ସରକାରଙ୍କ ପକ୍ଷରୁ ନୂତନ ହାରରେ ଦରମା ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ଏହାକୁ ବିରୋଧ କରି ପୂର୍ବରୁ ମିଳୁଥିବା ନିର୍ଦ୍ଦିଷ୍ଟ ହାରରେ ଦରମା ପ୍ରଦାନ ପାଇଁ ସେମାନେ ସୋମବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମାନ କାର୍ଯ୍ୟ କରି ଜଣେ କର୍ମଚାରୀ କମ୍ ଓ ଜଣେ ଅଧିକ ଦରମା ପାଉଥିବାରୁ ସେମାନେ ବିରୋଧ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ବାବଦରେ ପଦକ୍ଷେପ ଗ୍ରହଣ ନ କଲେ ମଙ୍ଗଳବାରଠାରୁ ସମସ୍ତ କ୍ୟାଡର ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବା ପାଇଁ ଚେତାବନୀ ଦେଇଛନ୍ତି। ଏନେଇ ସେମାନେ ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ ଓ ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକଙ୍କୁ ଅବଗତ କରିଛନ୍ତି।

**ତିହିଡ଼ି, (ସଞ୍ଜିତ ବଳ):** ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ର ପ୍ରମୁଖଙ୍କୁ ୬ମାସ ହେଲା ଦରମା ମିଳିନାହିଁ। ଏହାର ପ୍ରତିବାଦରେ ସେମାନେ ସୋମବାର ଅପରାହ୍ନ ୧ଟା ବେଳେ ବିଡିଓ ନିରଞ୍ଜନ ବାରିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବକେୟା ପ୍ରାପ୍ୟ ପ୍ରଦାନ ଦିଗରେ ପଦକ୍ଷେପ ନିଆ ନ ଗଲେ ସେମାନେ ମଙ୍ଗଳବାରଠାରୁ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେବେ ବୋଲି ଜଣାଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ବ୍ଲକ ଅଧୀନ ୩୧ ପଞ୍ଚାୟତରେ ଥିବା ମହିଳା ଗୋଷ୍ଠୀର କ୍ୟାଡର ଭାବେ ସେମାନେ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ଗତ ୬ ମାସର ଦରମା ମିଳି ନ ଥିବାରୁ ସେମାନଙ୍କ ଜୀବିକା ସଙ୍କଟାପନ୍ନ ହୋଇପଡ଼ିଥିବା ବେଳେ ପରିବାର ଚଳାଇବାକୁ ଅସମର୍ଥ ହୋଇଛନ୍ତି। ସେମାନେ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ସମୟରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ସଂଘର ନିଷ୍ପତ୍ତିକ୍ରମେ ସେମାନେ ଧାରଣା ଦେବାକୁ ସ୍ଥିର କରିଥିବା ସଭାପତି ଅନିମା ସାମଲ, ସମ୍ପାଦିକା ମିନତି ନାଥଙ୍କ ସମେତ ସୁଜାତା ମହାନ୍ତି, ଇଭିଲିନ୍ ସ୍ୱାଇଁ, ସୁଜୟା ମଲିକ, କବିତା ବାରିକ, ଇତିଶ୍ରୀ ଦାସ, ଉଷାଶ୍ରୀ ଜେନା, ଲୀଳାବତୀ ଦାସ, ପ୍ରଭାତୀ ନାୟକ, ଲଳିତା ମଞ୍ଜରୀ ଶତପଥୀ, ଲୀଳାବତୀ ବେହେରା ପ୍ରମୁଖ ଦର୍ଶାଇଛନ୍ତି।

**ଧାମନଗର, (ସନ୍ତୋଷ କୁମାର ମହାପାତ୍ର):** ଧାମନଗର ବ୍ଲକ ମିଶନ ଶକ୍ତି ବିଭାଗ ଅଧୀନ ୩୦ ପଞ୍ଚାୟତରେ ଥିବା ଗୋଷ୍ଠୀ ସହାୟକ କର୍ମଚାରୀମାନେ ସ୍ଥାୟୀ ଦରମା, ଗତ ୬ମାସର ବକେୟା ପ୍ରାପ୍ୟ ଦାବିରେ କାର୍ଯ୍ୟାଳୟ ସହ ବିଡିଓଙ୍କ ଅଫିସ୍ ସାମ୍ନାରେ ମଙ୍ଗଳବାରଠାରୁ ଗଣଧାରଣା ଦେବେ। ଏନେଇ ସେମାନେ ସୋମବାର ଧାମନଗର ତହସିଲଠାରେ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ବିଡିଓ ବନବିହାରୀ ଦିଶା, ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ, ବିପିଏମ୍ ଓ ବିପିସିଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକର ୩୧୧ ସିଆର୍‌ପି, ୧୬ ବ୍ୟାଙ୍କମିତ୍ର ଓ ୩୦ଜଣ ଏମ୍‌ବିକେ କାର୍ଯ୍ୟ କରିଆସୁଛନ୍ତି। ସଭାନେତ୍ରୀ ଅନିମା ନାୟକ, ସମ୍ପାଦିକା ସସ୍ମିତା ତ୍ରିପାଠୀ, ପୂଜାରାଣୀ ମହାଲିକ, ଛୈଳବାଳା ସ୍ୱାଇଁ, ଜ୍ୟୋସ୍ନାରାଣୀ ପଣ୍ଡା, ସସ୍ମିତା ସାହୁ, ମାନସୀ ବେହେରା, ପ୍ରିୟଙ୍କା ମହାନ୍ତି, ସବିତା ସାହୁ, ପ୍ରିୟଙ୍କା ମହାନ୍ତି, ଗୀତାଞ୍ଜଳି ବେହେରା, କଳ୍ପନା ମଞ୍ଜରୀ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

## ରାସ୍ତା ଖରାପ ଯୋଗୁ ବସ୍‌ସେବାରୁ ବଞ୍ଚିତ

ଭଦ୍ରକ,୨୨।୯
(ସନାତନ ରାଉତ/ରବିନାରାୟଣ ଖିଲାର)

### ଜନଶୁଣାଣି ଶିବିରରେ ୯୦ ଅଭିଯୋଗ

### ମରାମତି ଦାବିକଲେ କୋଡ଼ବରୁଆଁ ଗ୍ରାମବାସୀ

ଭଦ୍ରକ ବ୍ଲକ ସଭାଗୃହରେ ସୋମବାର ପୂର୍ବାହ୍ନ ୧୦ଟାରେ ମିଳିତ ଜନଶୁଣାଣି ଶିବର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ ଓ ଅନ୍ୟ ବିଭାଗ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ଶିବିରରେ ମୋଟ ୯୦ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୭୦ଟି ବ୍ୟକ୍ତିଗତ ଓ ୨୦ଟି ସାମୂହିକ ଥିଲା। ୨୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଜଣଙ୍କୁ ଓ ରେଡ୍‌କ୍ରସ୍‌ରୁ ୪ଜଣଙ୍କୁ ମୋଟ ୭୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଭଦ୍ରକ ବ୍ଲକର କୋଡ଼ବରୁଆଁଠାରୁ ସାବରଙ୍ଗ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଖରାପ ଥିବାରୁ ଆମ ବସ୍ ଚଳାଚଳ କରୁନାହିଁ। ଫଳରେ ଚରମ୍ପା କଲେଜକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ସମେତ ୩ ଗ୍ରାମର ବାସିନ୍ଦା ବସ୍‌ସେବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏହାର ମରାମତି ପାଇଁ କୋଡ଼ବରୁଆଁ ଗ୍ରାମବାସୀ ଶିବିରରେ ଦାବି ଜଣାଇଥିଲେ। ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ଏହାର ତଦନ୍ତ କରି ପୁନଃ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ରାଶନ କାର୍ଡ, ମଧୁବାବୁ ପେନ୍‌ସନ, ପିଏମ୍ ଆବାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା ସମ୍ପର୍କିତ ଅଭିଯୋଗ ଆସିଥିଲା।


ଶିବିରରେ ଲୋକେ ଅଭିଯୋଗ କରୁଛନ୍ତି।

# ବିଦାୟ ନେଲେ କାଞ୍ଚନ ଗଣେଶ



ବାବା କାଞ୍ଚନ ଗଣେଶଙ୍କୁ ଭସାଣି ପାଇଁ ଶୋଭାଯାତ୍ରାରେ ନିଆଯାଉଛି।

### କଳାହାଣ୍ଡିର କଟପା ନୃତ୍ୟ ମୁଖ୍ୟ ଆକର୍ଷଣ

ଭଦ୍ରକ, ୨୨।୯ (ସନାତନ ରାଉତ)

ଭଦ୍ରକ ସହରର କୁଆଁସଠାରେ ମାସେ ଧରି ପୂଜା ପାଇଆସୁଥିବା ବାବା କାଞ୍ଚନ ଗଣେଶଙ୍କ ଭସାଣି ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡିର କଟପା ନୃତ୍ୟ ଭସାଣି ଉତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲା। ସେହିପରି ଉତ୍ତରପ୍ରଦେଶର ମହାଦେବ ନୃତ୍ୟ, ମଧ୍ୟପ୍ରଦେଶ ଉଜ୍ଜୟିନୀର ଡମ୍ବୁରୁବାଜା, ରାଜସ୍ଥାନ ନୃତ୍ୟ, ବେଲପାହାଡ଼ କଲ୍କୀ ନୃତ୍ୟ, ବଲାଙ୍ଗୀରର ଦୁଲ୍‌ଦୁଲି, ସମ୍ବଲପୁରର ସିଂହବାଜା, ବରଗଡ଼ର ଘଣ୍ଟ, ଢେଙ୍କାନାଳର ମେଲୋଡ଼ି ଆଦି ବିଭିନ୍ନ ପ୍ରକାର ନୃତ୍ୟ, ସଙ୍ଗୀତ ଓ ବାଜାବାଣରେ ଭଦ୍ରକ ସହର ପ୍ରକମ୍ପିତ ହୋଇଥିଲା। କୁଆଁସ ପୂଜା ମଣ୍ଡପଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ସାଳନ୍ଦୀ ନଦୀର କୁଆଁସ ଘାଟରେ ବିସର୍ଜନ କରାଯାଇଥିଲା। ପୂଜା କମିଟି ଉପଦେଷ୍ଟା ଆଶିଷ କୁମାର ରାଉତ, ଆଶୁତୋଷ ପଣ୍ଡା, ସଭାପତି ରୁଦ୍ରନାରାୟଣ ଲେଙ୍କା, ଉପସଭାପତି ଚିରାଗ ଦେଶାଇ, ସମ୍ପାଦକ ତପେସ ଦାସ, ସଦସ୍ୟ କାର୍ତ୍ତିକ ମହାଲିକ, ସୁମନ ମହାପାତ୍ର, ଅଭିମନ୍ୟୁ ବେହେରା, ଅଜିତ୍ ମାଝୀ, ଖଗେଶ୍ୱର ମହାଲିକ, ନିର୍ମଳ ଦାଶ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୧୫ ଇନ୍‌ସପେକ୍ଟର, ୮୮ ଏସ୍‌ଆଇ ଓ ଏଏସ୍‌ଆଇ ତଦାରଖ କରିଥିଲେ। ୨୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।


ଶୋଭାଯାତ୍ରାରେ କଟପା ନୃତ୍ୟ।

## ସାମାଜିକ କର୍ମୀ ପ୍ରେମାନନ୍ଦ ଦାସଙ୍କ ପରଲୋକ

ଭଦ୍ରକ,୨୨।୯ (ସନାତନ ରାଉତ)



ଭଦ୍ରକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ, ବିଷ୍ଣୁପ୍ରିୟା ଜରାନିବାସର ପ୍ରାଣ ପ୍ରତିଷ୍ଠାତା ସାମାଜିକ କର୍ମୀ ପ୍ରେମାନନ୍ଦ ଦାସ(୭୪)ଙ୍କର ରବିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ଅପରାହ୍ନରେ ତାଙ୍କ ମରଶରୀର ଭଦ୍ରକ ପୌରପାଳିକା ଅଧୀନ କୁଆଁସସ୍ଥିତ ବାସଭବନରେ ପହଞ୍ଚିବା ପରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଗାନ୍ଧୀ ବିଚାର ମଞ୍ଚର ସମ୍ପାଦକ ସୁଧାକର ରାଉତ, ଅବସରପ୍ରାପ୍ତ ବିଚାରପତି ବାସୁଦେବ ଦାସ, ମୁସ୍‌ଲିମ୍ ଜମାତର ଉପସଭାପତି ମହମ୍ମଦ ମୋକିତ୍ ଖାଁ, ବୈଜ୍ଞାନିକ କାନ୍ତା ଦାସ ମହାପାତ୍ର, ଅକ୍ଷୟ କୁମାର ଦାସ, ସୁମତି ମହାନ୍ତି, ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ସାମାଜିକ କର୍ମୀ ହରିପ୍ରସାଦ ନନ୍ଦୀ, ଉପେନ୍ଦ୍ର ବାରିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ପରେ ମୃତଦେହକୁ ଗରଦପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମକୁ ନିଆଯାଇଥିଲା। ପୁରୁଣାବଜାରସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବଡ଼ପୁଅ ଜିଏସ୍‌ଟି ସହକାରୀ କମିଶନର ମ୍ରିଣାଳକାନ୍ତ ଦାସ ମୁଖାଗ୍ନି ଦେଇଥିଲେ।

## ‘ସୁସ୍ଥ ନାରୀ ସଶକ୍ତ ପରିବାର’ ଅଭିଯାନ

ଭଦ୍ରକ,୨୨।୯ (ସନାତନ ରାଉତ)

ଭଦ୍ରକ ବ୍ଲକ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ପୂର୍ବାହ୍ନ ୧୦ଟାରେ ‘ସୁସ୍ଥ ନାରୀ ସଶକ୍ତ ପରିବାର’ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିଅଭିଯାନରେ ଗର୍ଭବତୀ, ପ୍ରସୂତି, ମହିଳା ଓ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ପୌଷ୍ଟିକ ଖାଦ୍ୟ ଖାଇବା, ସୁସ୍ଥ ଜୀବନଶୈଳୀ ଓ ମାନସିକ ସୁସ୍ଥତା ବିଷୟରେ ସଚେତନ କରାଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏଥିରେ ଯୋଗଦେଇ କହିଥିଲେ, ନାରୀ ସୁସ୍ଥ ରହିଲେ ପରିବାର ସୁସ୍ଥ ରହିବ। ପରିବାର ସୁସ୍ଥ ରହିଲେ ସମାଜ ସଶକ୍ତ ହେବ ଓ ଦେଶ ସମୃଦ୍ଧ ହୋଇପାରିବ। ଏହି ଅବସରରେ ସଚେତନତା ରଥକୁ ବିଧାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ସେବିକା ଓ କର୍ମଚାରୀମାନଙ୍କ ଦ୍ୱାରା ସାଧାରଣ ଲୋକଙ୍କୁ ସଚେତନତା ପୋଷ୍ଟର ବଣ୍ଟନ କରାଯାଇଥିଲା।



ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅନ୍ୟମାନେ ସଚେତନତା ପୋଷ୍ଟର ଦେଖାଉଛନ୍ତି।

## ଶ୍ରମିକ ଶୋଷଣ ପ୍ରତିବାଦରେ ବିଏମ୍‌ଏସ୍‌ର ଧାରଣା

ଚାନ୍ଦବାଲି,୨୨।୯ (କିଷାନ ପାତ୍ର)

ଧାମରା ବନ୍ଦରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ କରି ବିଏମ୍‌ଏସ୍ (ଭାରତୀୟ ମଜଦୁର ସଂଘ) ଓ ଧାମରା ବନ୍ଦର କର୍ମଚାରୀ ସଂଘ ପକ୍ଷରୁ ସୋମବାର ସକାଳ ୭ଟାରେ ବନ୍ଦରର ୧ ନଂ. ଗେଟ୍ ଆଗରେ ଧାରଣା ଦିଆଯାଇଥିଲା। କୌଣସି କାରଣ ନ ଦର୍ଶାଇ କାର୍ଯ୍ୟରୁ ବାହାର କରିବା, ୧୨ଘଣ୍ଟା କାମ କରାଇ ୮ ଘଣ୍ଟାର ପାରିଶ୍ରମିକ ପ୍ରଦାନ, ଶ୍ରମ ଆଇନ ଦ୍ୱାରା ପ୍ରଣୀତ ଓ ବୈଧାନିକ ବ୍ୟବସ୍ଥାକୁ ଠିକ୍ ଭାବେ ଲାଗୁ ନ କରିବା, ବାର୍ଷିକ ବେତନ ବୃଦ୍ଧି ନ ହେବା ଆଦି ଅଭିଯୋଗ ନେଇ ମଜଦୁର ସଂଘ କର୍ମକର୍ତ୍ତା ଓ ବନ୍ଦର କର୍ମଚାରୀ ଧାରଣା ଦେଇଥିଲେ। ଫଳରେ କିଛି ସମୟ ପାଇଁ ଧାମରା ବନ୍ଦରର ଏହି ଗେଟ୍ ଦେଇ ସମସ୍ତ ଲୁହାପଥର ବୋଝେଇ ଟ୍ରକ୍ ଏବଂ ଟିପ୍ପର ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଥିଲା। ପରେ ଧାମରା ବନ୍ଦର କର୍ତ୍ତୃପକ୍ଷ ମାନବ ସମ୍ବଳ ବିକାଶ ଅଧିକାରୀ ବାସୁକୀ ନାଥ, ଜୟନ୍ତ ରାଣା, ସଞ୍ଜୟ ମହାନ୍ତି ପ୍ରମୁଖ ସଂଘର କର୍ମକର୍ତ୍ତାମାନଙ୍କୁ ଧାରଣା ପ୍ରତ୍ୟାହୃତ କରିବା ପାଇଁ ଅନୁରୋଧ କରିଥିଲେ। ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ଶାନ୍ତନୁ କୁମାର ମହାପାତ୍ର, ବନ୍ଦର କର୍ମଚାରୀ ସଂଘର ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ମନୋଜ ଲେଙ୍କା, ସହସଭାପତି ଚନ୍ଦ୍ରଶେଖର ଜେନା, ବିଜୟ ପ୍ରତାପ ଜେନା ପ୍ରମୁଖ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୩ ଦିନ ମଧ୍ୟରେ ସମାଧାନ କରିବେ ବୋଲି ବନ୍ଦର କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସୁବର୍ଣ୍ଣମୁଖୀ, ଜଗତେଶ୍ୱର ମନ୍ଦିରରେ ନବରାତ୍ର ପୂଜା

ଧାମନଗର,୨୨।୯(ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକ ଦୋବଲ ପଞ୍ଚାୟତର ସୋଧଠାରେ ଥିବା ମା’ ସୁବର୍ଣ୍ଣମୁଖୀ ମନ୍ଦିରରେ ସୋମବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ସକାଳୁ ଗେଙ୍ଗୁଟୀ ନଦୀରୁ ଭକ୍ତମାନଙ୍କ ଦ୍ୱାରା ଜଳ ଅଣାଯାଇ କଳସ ଶୋଭାଯାତ୍ରାରେ ମା’ଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ସୂର୍ଯ୍ୟପୂଜା, ଗୋପୂଜା ପରେ ନବରାତ୍ର ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ମା’ଙ୍କ ପୂଜାର୍ଚ୍ଚନା କରାଯିବ। ସ୍ଥାନୀୟ ଅଞ୍ଚଳର ଉମାକାନ୍ତ ପତି, ସୁମିତ୍ରା ପତି, ଧର୍ମପଦ ପତି ଓ ରାକେଶ ପତି କର୍ତ୍ତା ଭାବେ ଉପସ୍ଥିତ ଥିଲେ। ମନ୍ଦିର ପୂଜକ ପ୍ରଶାନ୍ତ ପଣ୍ଡା ଓ ବାବନ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ। ସେହିପରି ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ବାଲିପାଟଣା ଗ୍ରାମରେ ଜଗତେଶ୍ୱର ମନ୍ଦିରରେ ନବରାତ୍ର ପାଇଁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପୂଜକ ହରିଶଙ୍କର ଦୀକ୍ଷିତ ପୂଜା କରିଥିଲେ।

## ଜୁଆଆଡ୍ଡାରେ ଚଢ଼ାଉ, ୫ ଗିରଫ

### ଜୁଆଖେଳ ସାମଗ୍ରୀ ସହ ୧୩,୭୦୦ ଟଙ୍କା ଜବତ

ବାସୁଦେବପୁର,୨୨।୯ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଥାନା ପୋଲିସ ରବିବାର ରାତିରେ ପଦ୍ମପୁର ବଜାର ସଂଲଗ୍ନ ଅଞ୍ଚଳରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରିଛି। ଜୁଆ ଖେଳୁଥିବା ୫ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିବା ସହ ଜୁଆଖେଳ ସାମଗ୍ରୀ ଓ ୧୩,୭୦୦ ଟଙ୍କା ଜବତ କରିଛି। ଏନେଇ ବାସୁଦେବପୁର ଥାନାରେ ଏକ ମାମଲା(ନଂ.୬୮୦/୨୫) ରୁଜୁ ହୋଇଛି। ଗିରଫ ୫ଜଣ ହେଲେ ସାବରଙ୍ଗ ଥାନା ଅଧୀନ ସାହାଡ଼ା ସନାନ୍ଦପୁର ଗ୍ରାମର କରୁଣାକର ମଳିକ(୬୦), ଗୋବର୍ଦ୍ଧନ ମଳିକ(୫୮), ବାସୁଦେବପୁର ଥାନା ଅଧୀନ ପଦ୍ମପୁରର ମନୋଜ ରାୟ(୪୭), ବିନୋଦ ନାୟକ(୩୪) ଓ ସିମୁଳିଆ ଥାନା ଅଣ୍ଡରାଇ ଗ୍ରାମର ଅସିତ ନାୟକ(୩୫)। ସେମାନଙ୍କୁ ଜାମିନ ମିଳିଥିବା ଜଣାପଡ଼ିଛି। ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ପୁନମ ଦେବୀ ବେହେରା ସଦଳବଳ ଏହି ଚଢ଼ାଉ କରିଥିଲେ।

# ୭ ବର୍ଷ ହେଲା ଅସମ୍ପୂର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ର

- ବିନିଯୋଗ ହୋଇଛି ୭ ଲକ୍ଷ ଟଙ୍କା
- ସ୍କୁଲ ଶ୍ରେଣୀଗୃହରେ ଚାଲିଛି ପାଠପଢ଼ା

ତିହିଡ଼ି,୨୨।୯ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ସୟା ପଞ୍ଚାୟତର ବୀରବରପୁର ଗ୍ରାମ ଅଙ୍ଗନୱାଡି କେନ୍ଦ୍ର ୭ବର୍ଷ ହେଲା ଅସମ୍ପୂର୍ଣ୍ଣ ହୋଇରହିଛି। ଫଳରେ ଅଙ୍ଗନୱାଡି କେନ୍ଦ୍ରର କୁନି କୁନି ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲର ଶ୍ରେଣୀଗୃହ କେନ୍ଦ୍ର ପାଲଟିଛି। ଗ୍ରାମବାସୀ ବିଭିନ୍ନ ସମୟରେ ଏ ସମ୍ପର୍କରେ ବିଡିଓଙ୍କ ନିକଟରେ ଅଭିଯୋଗ କରି କୌଣସି ସୁଫଳ ମିଳିନାହିଁ। ସୋମବାର ପୁଣିଥରେ ସେମାନେ ବିଡିଓଙ୍କୁ ଭେଟି ଅସମ୍ପୂର୍ଣ୍ଣ ଥିବା ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଦାବି ଜଣାଇଛନ୍ତି।

ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଏହି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ନିମନ୍ତେ ୭ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ଜଣେ ବ୍ୟକ୍ତିଙ୍କୁ କେନ୍ଦ୍ରର ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ତେବେ ସେହି ବ୍ୟକ୍ତି ଜଣକ କେନ୍ଦ୍ରର ନିର୍ମାଣ କାର୍ଯ୍ୟ କରି ଛାତ ପକାଇଛନ୍ତି। ମାତ୍ର କବାଟ, ଝରକା ନ ଲାଗି ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ପଲସ୍ତରା ମଧ୍ୟ ହୋଇ ନ ଥିବାରୁ ପିଲାଙ୍କ ପାଠ ପଢ଼ିବା ପାଇଁ ଏହା ଅନୁପଯୋଗୀ ହୋଇଛି। ଏହାମଧ୍ୟରେ ୭ବର୍ଷ ବିତି ଯାଇଥିଲେ ମଧ୍ୟ କେନ୍ଦ୍ରକୁ ସମ୍ପୂର୍ଣ୍ଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବୀରବରପୁର ପ୍ରାଥମିକ ସ୍କୁଲ ଶ୍ରେଣୀଗୃହରେ ପଢ଼ିବାକୁ ବାଧ୍ୟ ହେଉଥିବା ଗ୍ରାମର ମାଧବାନନ୍ଦ କବି, ଭରତ ମଲିକ, ବାସନ୍ତୀ ମଲିକ, ପ୍ରାଣବନ୍ଧୁ ମଲିକ, ହେମନ୍ତ ମଲିକ, ଲକ୍ଷ୍ମୀଧର ନାୟକ, ବାଇଧର ମଲିକ, କପିଳ ମଲିକ, ସୁରେନ୍ଦ୍ର ମଲିକ ପ୍ରମୁଖ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ବାରିକଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯିବା ପରେ ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ସୟା ପଞ୍ଚାୟତର ବୀରବରପୁର ଗ୍ରାମରେ ଅସମ୍ପୂର୍ଣ୍ଣ ହୋଇ ରହିଥିବା ଅଙ୍ଗନୱାଡି କେନ୍ଦ୍ର।

## ଭ୍ୟାନ୍ ସହ ସ୍କୁଟି ଧକ୍କା, ଯୁବକ ମୃତ

ତିହିଡ଼ି,୨୨।୯(ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ତିହିଡ଼ି ଥାନା ଅଧୀନ ଅଲିନଗର ଛକ ନିକଟରେ ସୋମବାର ମଧ୍ୟାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍ ସହ ସ୍କୁଟି ଧକ୍କା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଂଶଡ଼ା ଥାନା ଅଧୀନ ନଳଗୋହିରା ପଞ୍ଚାୟତ ଗୋରାଦେଇପୁର ଗ୍ରାମର ରଶ୍ମିରଞ୍ଜନ ସାହୁ(୩୦)। ରଶ୍ମିରଞ୍ଜନ ସ୍କୁଟିରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ (ଓଡି ୦୨ ସିପି ୪୨୫୭) ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ରଶ୍ମିରଞ୍ଜନ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ପୋଲିସ ଏନେଇ ଏକ ମାମଲା (ନଂ. ୩୩୨/୨୫) ରୁଜୁ କରି ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ସଂକ୍ଷେପରେ

### ଶିବିରରୁ ୨୪୦ ୟୁନିଟ୍ ରକ୍ତ ସଂଗ୍ରହ

ଭୋଗରାଇ, ୨୨।୯(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ଓ ସେବାପକ୍ଷ ପାଳନ ଅବସରରେ ଚନ୍ଦନେଶ୍ୱର ନୂତନ ଯାତ୍ରୀନିବାସରେ ରବିବାର ସକାଳେ ଭୋଗରାଇ ଭାଜପା ପକ୍ଷରୁ ୩୪ ଓ ୩୫ ନଂ. ଜୋନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଭୋଗରାଇ ଭାଜପା ନେତା ଆଶିଷ ପାତ୍ର, ସମିତିସଦସ୍ୟ ରାଧାକାନ୍ତ ପ୍ରଧାନ, ଭାଜପା ନେତା ଅଂଶୁମାନ ମହାନ୍ତି, ୩୪ ମଣ୍ଡଳ ସଭାପତି ସସ୍ମିତା ଦେ, ୩୫ ମଣ୍ଡଳ ସଭାପତି ଚନ୍ଦନ କୁମାର ପ୍ରଧାନ, ୩୧ନଂ. ମଣ୍ଡଳ ସଭାପତି ପରମାନନ୍ଦ ପରିଡା, ସରପଞ୍ଚ ରାଜେଶ୍ୱରୀ କାମିଳା, ସରପଞ୍ଚ ତୁଳସୀ ଜେନା, ଭାଜପା ନେତା ଦିଲୀପ କାମିଳା, ସଞ୍ଜୀବ ସାହୁ, ଭୋଗରାଇ ବ୍ଲକ ଉପାଧକ୍ଷା ମୀନାରାଣୀ ସାସମଲ, ସମିତି ସଦସ୍ୟ ତରଣୀ ସେନାପତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର କମଳାକାନ୍ତ ଜେନା, ବିଡିଓ ପ୍ରଶାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ଉତ୍ତର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ନୀଳଗିରି ରକ୍ତଭଣ୍ଡାର ଓ ଉଦଳା ରକ୍ତଭଣ୍ଡାର ମିଳିତ ଭାବେ ୨୪୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ରବୀନ୍ଦ୍ର ରାଉତ, ଗଣପତି ନାୟକ, ନୀଳକଣ୍ଠ ଘୋଷ, ଗୋପାଳ ପଣ୍ଡା, କ୍ୟାପଟେନ ଅଶୋକ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ନିଟ୍ ପରୀକ୍ଷାରେ ଜ୍ୟୋତିପ୍ରକାଶଙ୍କ ସଫଳତା



କାଳିପଦା, ୨୨।୯(ରାଜଶ୍ରୀ ପାଣିଗ୍ରାହୀ): ନିଟ୍ ପରୀକ୍ଷାରେ ବସ୍ତା ବ୍ଲକ୍ ନାବାରା ପଞ୍ଚାୟତ ଅଧୀନ ସିଡ଼ିହା ଗାଁର ଜ୍ୟୋତିପ୍ରକାଶ ସଫଳତା ଅର୍ଜନ କରିଛନ୍ତି। ସେ ୨୬୫୪୦ ର୍ୟାଙ୍କରେ ଥିବା ବେଳେ କାଉନସେଲିଂ ପରେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ପଢିବା ପାଇଁ ମନୋନୀତ ହୋଇଛନ୍ତି। କ୍ଷୀରୋଦ ସାହୁ ଓ ମାତା ରୀତାଞ୍ଜଳି ସାହୁଙ୍କ ଜ୍ୟେଷ୍ଠପୁଅ ଜ୍ୟୋତିପ୍ରକାଶ। ତାପୁଣ୍ଡିଆସ୍ଥିତ କୁଞ୍ଜବିହାରୀ କୃପାସିନ୍ଧୁ ବିଦ୍ୟାଳୟର ୨୦୨୨ରେ ୫୬୭ ନମ୍ବର ଏବଂ ୨୦୨୪ରେ +୨ ରେ ୫୩୯ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ବାପା ବାଲିଆପାଳରେ ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ମା' ଜଣେ ଗୃହିଣୀ। ପୁଅର ଡାକ୍ତରୀ ପଢ଼ିବାର ମନୋବୃତ୍ତି ଦେଖି ବାପା ବହୁତ ଗରିବ ହୋଇଥିଲେ ମଧ୍ୟ ୬ ମାସ ପାଇଁ ଭୁବନେଶ୍ୱର ଏକ ଘରୋଇ କୋଚିଂ ସେଣ୍ଟରରେ ନାମ ଲେଖାଇଥିଲେ। କୋଚିଂ ନେବାର ପ୍ରଥମଥର ପରୀକ୍ଷାରେ ପାସ୍ କରିଥିବାରୁ ଜ୍ୟୋତିପ୍ରକାଶଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି ସଫଳତା ପାଇଁ କଠିନ ପରିଶ୍ରମ, ଗୁରୁଜନ, ମା'ବାପା, ଶିକ୍ଷୟିତ୍ରୀଶିକ୍ଷକ ଏବଂ ପିଲାଦିନରୁ ପାଠ ପଢ଼ାଉଥିବା ଶିକ୍ଷକ ଖଗେନ୍ଦ୍ର ପାଳ ଓ ହାଇସ୍କୁଲର ପରମାନନ୍ଦ ଦେଙ୍କୁ ଶ୍ରେୟ ଦେଇଛନ୍ତି ଜ୍ୟୋତିପ୍ରକାଶ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ

ବାଲେଶ୍ୱର, ୨୨।୯(ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ଜୟଦେବକସବା ଅଞ୍ଚଳର ଜଣେ ଶ୍ରମିକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ମୃତ ଶ୍ରମିକ ହେଲେ କିଶୋର ମାଝୀ (୫୧)। ସେ ରବିବାର ଜୟଦେବକସବା ପାହି ଅଞ୍ଚଳର ଏକ ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିଳମ୍ବିତ ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କର ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

# ବିପଦପୂର୍ଣ୍ଣ ଶ୍ରେଣୀଗୃହରେ ପାଠପଢ଼ା

ବସ୍ତା, ୨୨।୯(ହରିଶଙ୍କର ପାଢୀ)

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ସରକାରୀସ୍ତରରେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିର ବିକାଶ କରାଯାଇଛି। ମାତ୍ର ବାଲେଶ୍ୱର ଜିଲା ବସ୍ତା ବ୍ଲକ ବାସୁଚକୁରାଇ ଗ୍ରାମରେ ଥିବା ବିଦ୍ୟାଳୟରେ ଛାତ ଫାଟି ରଡ଼ ବାହାରିଲାଣି ତ କେଉଁଠି କାନ୍ଥ ଫାଟି ଆଁ କଲାଣି। ଛାତ ଫାଟି ପ୍ଲାଷ୍ଟର ଖସୁଛି ତ କେତେବେଳେ ଫଟା ଛାତରୁ ପାଣି ପଡ଼ି ଛାତ୍ରୀଛାତ୍ରମାନେ ଓଦା ହେଉଛନ୍ତି। ତେବେ ଏଭଳି ଅସୁରକ୍ଷିତ ଶ୍ରେଣୀ ଗୃହରେ ପାଠ ପଢୁଛନ୍ତି ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୧୨୦ ଜଣ ଛାତ୍ରୀଛାତ୍ର। ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନିମନ୍ତେ ୪ ଜଣ ଶିକ୍ଷକ ରହିଥିବା ବେଳେ ଶ୍ରେଣୀ ଗୃହର ଏପରି ଅବସ୍ଥା ଯୋଗୁ ପାଠ ପଢ଼ା ବାଧାପ୍ରାପ୍ତ ହେଉଛି। ଛାତରୁ ପ୍ଲାଷ୍ଟର ଖସୁଥିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିବାକୁ ଭୟ କରୁଛନ୍ତି। ଧୀରେଧୀରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମି କମି ଯାଉଛି। ନୂତନ ଶ୍ରେଣୀଗୃହ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟଟି ୧୯୫୯ ମସିହାରେ ସ୍ଥାପନ ହୋଇଥିଲା। ଶ୍ରେଣୀଗୃହଗୁଡ଼ିକ ମରାମତି ଅଭାବରୁ ଜରାଜୀର୍ଣ୍ଣ ପାଲଟିଗଲାଣି। ସାମାନ୍ୟ ବର୍ଷା ହେଲେ ଚାରିଆଡ଼େ ପାଣି ପଡୁଛି, ଫଟା କାନ୍ଥ ଭିତରେ ସାପ ପଶିଯିବାର ଭୟ ରହିଛି। ଫଳରେ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସହ



ଅସୁରକ୍ଷିତ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ର।

ସେମାନଙ୍କ ଜୀବନପ୍ରତି ବିପଦ ରହିଛି ବୋଲି ଅଭିଯୋଗ କରିଛନ୍ତି ଅବିଭାବକ ଏବଂ ଛାତ୍ରୀଛାତ୍ର। ବର୍ଷା ସମୟରେ ପାଠପଢ଼ା ସମ୍ପୂର୍ଣ୍ଣ ବନ୍ଦ ହେଉଥିବା ବେଳେ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ସରକାର ଏହି ସମସ୍ୟା ଉପରେ ଧ୍ୟାନ ଦେଇ ଖୁବ୍‌ଶୀଘ୍ର ସମାଧାନ ପାଇଁ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ନିବେଦନ କରିଛନ୍ତି।

## କାର୍ଯ୍ୟରେ ଅବହେଳା ପାଇଁ ଏଏସ୍‌ଆଇ, ୨ କନଷ୍ଟେବଲ ନିଲମ୍ବିତ

ବାହାନଗା, ୨୨।୯(ଅରୂପ୍ କୁମାର ଦାସ)

କାର୍ଯ୍ୟରେ ଅବହେଳା ପାଇଁ ବାହାନଗା ବ୍ଲକ ଗୋପାଳପୁର ଥାନାର ଜଣେ ଏଏସ୍‌ଆଇ ଓ ୨ କନଷ୍ଟେବଲଙ୍କୁ ବାଲେଶ୍ୱର ଏସ୍‌ପି ଚାକିରିରୁ ନିଲମ୍ବନ କରିଛନ୍ତି।

ଗୋପାଳପୁର ଥାନା ଅଧୀନ ଦୋଳପୁର ଗ୍ରାମର ଜଣେ ନାବାଳିକାଙ୍କୁ ଆରୁହାବାଡ ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଥିବା ନାବାଳିକାଙ୍କ ମା' ଜୁନ୍ ୩୦ ତାରିଖରେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ମୋବାଇଲ ଟ୍ରାକ କରି ଅପହରଣ କରିନେଇଥିବା ଯୁବକ ନାବାଳିକାଙ୍କୁ ଆନ୍ଧ୍ରପ୍ରଦେଶରେ ରଖିଥିବା ଜାଣିବାକୁ ପାଇଥିଲେ। ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ୩ ଜଣିଆ ଏକ ଟିମ୍ କରାଯାଇ ଆନ୍ଧ୍ରପ୍ରଦେଶକୁ ଯାଇଥିଲେ। ସେହି ୩ ଜଣିଆ ଟିମ୍‌ରେ ଗୋପାଳପୁର ଥାନା ଏଏସ୍‌ଆଇ ଦୀପକ କୁମାର ଭୋଇ, କନଷ୍ଟେବଲ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନଷ୍ଟେବଲ ସୁଚିତ୍ରା ମାଝି ଥିଲେ। ଆନ୍ଧ୍ର ଯାଇ ଏହି ଟିମ୍ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ଯୁବକ ସଞ୍ଜୟ ରଥଙ୍କ ଧରିବାରେ ସକ୍ଷମ ହୋଇଥିଲେ। ଉଭୟଙ୍କୁ ଧରି ଟ୍ରେନ୍ ଯୋଗେ ଓଡିଶା ଆସୁଥିଲେ। ସାଥିରେ ମଧ୍ୟ ଯୁବତୀଙ୍କ ପରିବାର ଲୋକ ଥିଲେ। ମାତ୍ର ଅଭିଯୁକ୍ତ ସଞ୍ଜୟଙ୍କ ସହ ଏଏସ୍‌ଆଇ ଅନ୍ୟ ଏକ ବଗିରେ ବସିଥିଲେ। ତେବେ ବିଳମ୍ବିତ ରାତିରେ ସଞ୍ଜୟ ଟ୍ରେନରୁ ଖସି ଫେରାର ହୋଇଯାଇଥିଲେ। ୩ ଜଣିଆ ଟିମ୍ ସବୁଆଡେ ଖୋଜା ଖୋଜି କରିବା ପରେ ନ ପାଇ ନିରାଶ ହୋଇ ନାବାଳିକାଙ୍କୁ ଧରି ଫେରିଥିଲେ। ଏହି ଘଟଣାରେ କାର୍ଯ୍ୟରେ ଅବହେଳା ପାଇଁ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ୩ଜଣଙ୍କୁ ନିଲମ୍ବିତ କରିଛନ୍ତି।

## ବନ୍ୟା କ୍ଷତିଗ୍ରସ୍ତଙ୍କୁ ଚାଉଳ, ଡାଲି ବାଣ୍ଟିଲେ କଂଗ୍ରେସ ନେତା



ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଲଙ୍ଗଳେଶ୍ୱର, ୨୨।୯(କମଳାକାନ୍ତ ଦାସ)

ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ବାଲେଶ୍ୱର ଜିଲା ପୁଟୁରା ପଞ୍ଚାୟତ ଅଧୀନ ଚାମ୍ପଳା ଗ୍ରାମର ୧୨ ନମ୍ବର ୱାର୍ଡରେ ସୋମବାର ୩୦ଟି ପରିବାରକୁ କଂଗ୍ରେସ ନେତା ସୁଦର୍ଶନ ଦାସ ତାଙ୍କର ନିଜସ୍ୱ ପାଣ୍ଠିରୁ ୫ କି.ଗ୍ରା. ଚାଉଳ ଓ ୧ କି.ଗ୍ରା. ଡାଲି ବାଣ୍ଟିଥିଲେ। ବନ୍ୟା ଯୋଗୁ ଏହି ଗ୍ରାମର ଲୋକମାନେ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ବନ୍ୟା ସମୟରେ ନେତା ସୁଦର୍ଶନ ଦାସ ଉକ୍ତ ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକଙ୍କ ପରିସ୍ଥିତି ବୁଝିଥିଲେ ଏବଂ ସେମାନଙ୍କୁ କିଛିଦିନ ପାଇଁ ଖାଇବା ନିମନ୍ତେ ଚାଉଳ ଓ ଡାଲି ବାଣ୍ଟିଥିଲେ। ଏଥିରେ ଉକ୍ତ ପଞ୍ଚାୟତ ସଭାପତି ହରିହର ବେହେରା, ପୂର୍ବତନ ସମିତିସଭ୍ୟ ପ୍ରଭାତ କୁମାର ଦାସ, ସାମାଜିକ କର୍ମୀ ସନ୍ତୋଷ କୁମାର ବେହେରା, ନିମାଇଁ ଚରଣ ଜେନା, ଦୀପକ କୁମାର ମୈକାପ, ସୁଶାନ୍ତ କୁମାର ସିଂହ, ସୁଶାନ୍ତ ହାଜିରା, ଅମୂଲ୍ୟ ସାସମଲ, କୈଳାସ ପ୍ରମାଣିକ, ସୃଷ୍ଟିଧର ବିଶ୍ୱାଳ ଓ ଶାନ୍ତନୁ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍ ଧକ୍କାରେ ୨ କଲେଜ ଛାତ୍ରୀ ଆହତ, ଜଣେ ଗୁରୁତର

ଖଇରା, ୨୨।୯(ଉତ୍କଳବନ୍ଧୁ ପଣ୍ଡା): କୁପାରୀ-ଆଗରପଡା ରାସ୍ତାର ଖଇରା ଥାନା ଅଧୀନ ମା' ଅମ୍ବିକା ମନ୍ଦିର ନିକଟରେ ଧର ଏଣ୍ଡ ଧର ନାମକ ବସ୍ (ନଂ. ଓଡି୧୬ଏ୩୧୫୫) ଧକ୍କାରେ ଆଗରପଡା କଲେଜରେ ପଢୁଥିବା ୨ଜଣ ଛାତ୍ରୀ ଆହତ ହୋଇଛନ୍ତି। ଜଣକର ଅବସ୍ଥା ଗୁରୁତର ରହିଛି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଖଇରା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ଛାତ୍ରୀ ଜଣକ ଶୋଷ କାନପୁର ନିକଟସ୍ଥ କଖାରୁଗଡିଆ ଗ୍ରାମର ରଞ୍ଜିତା ଜେନା ବୋଲି ମେଡିକାଲ ରେକର୍ଡରୁ ଜଣାପଡିଥିବା ବେଳେ ସଂଜ୍ଞାହୀନ ଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିନାହିଁ। ଅନ୍ୟ ଆହତ ଛାତ୍ରୀଜଣକ ଖଇରା ମେଡିକାଲରେ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଖଇରା ପୋଲିସ ବସ୍‌କୁ ଥାନାକୁ ଆଣି ତଦନ୍ତ ଚଳାଇଛି।

## ପାର୍ବଣରେ ବୈଦ୍ୟୁତିକ ସତର୍କତାକୁ ଟିପିଏନ୍‌ଓଡିଏଲ୍‌ର ଗୁରୁତ୍ୱ

ବାଲେଶ୍ୱର, ୨୨।୯(ବାଞ୍ଛାନିଧି ଦେ)

TPNODL
ଟିପି ନର୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପିଏନ୍‌ଓଡିଏଲ୍ ସର୍ବଦା ସୁରକ୍ଷାକୁ ଅଗ୍ରାଧିକାର ଦେଇଆସିଛି। ପାର୍ବଣରତୁ ଅବସରରେ ବିଦ୍ୟୁତ ସମ୍ପର୍କିତ ସତର୍କତାକୁ ବିଶେଷ ଧ୍ୟାନ ଦେବା ପାଇଁ ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ପବିତ୍ର ଦୁର୍ଗା ପୂଜା ଓ କାଳୀ ପୂଜା ଅବସରରେ ନିର୍ମାଣ କରାଯାଉଥିବା ମଣ୍ଡପ ତଥା ଅସ୍ଥାୟୀ ଟେଣ୍ଟଗୁଡିକୁ ବିଦ୍ୟୁତ ଖୁଣ୍ଟ, ତାର ଅବା ଟ୍ରାନ୍ସଫର୍ମରଗୁଡିକଠାରୁ ସୁରକ୍ଷିତ ଦୂରତାରେ ନିର୍ମାଣ ଏବଂ ଉପରେ ଝୁଲୁଥିବା ବିଦ୍ୟୁତ୍ ତାର ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ଅବଗତ କରାଯାଇଛି। ସାଜସଜ୍ଜା ସମୟରେ କୌଣସି ବିଦ୍ୟୁତ୍ ତାର ଅବା ଉପକରଣଗୁଡ଼ିକଠାରୁ ଦୂରତା ପ୍ରତି ଧ୍ୟାନ ଦେବା ତଥା ପୂଜା ମଣ୍ଡପରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ନିକଟସ୍ଥ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅବଗତ କରିବାକୁ କୁହାଯାଇଛି। ସେହିପରି ଭସାଣ ଓ କାଳୀ ପୂଜା ଅବସରରେ ବାଣ ଫୁଟାଇବା ସମୟରେ ବିଦ୍ୟୁତ ଖୁଣ୍ଟ ଅବା ତାରଗୁଡ଼ିକଠାରୁ ଯଥେଷ୍ଟ ଦୂରତା ଅବଲମ୍ବନ ଏବଂ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକ ନିକଟରେ ଆଦୌ ବାଣ ନ ଫୁଟାଇବାକୁ କୁହାଯାଇଛି। ଘର ସାଜସଜ୍ଜାରେ ଛିଣ୍ଡା କିମ୍ବା ପୁରୁଣା ତାରକୁ ବ୍ୟବହାର ନ କରିବାକୁ ଦର୍ଶାଯାଇଥିବା ବେଳେ ପାର୍ବଣରତୁରେ ପର୍ବଗୁଡ଼ିକୁ ହର୍ଷଉଲ୍ଲାସର ସହ ପାଳନ ସହିତ ସତର୍କତା ପ୍ରତି ସର୍ବଦା ଯତ୍ନବାନ ହେବାକୁ ଟିପିଏନଓଡିଏଲ ପକ୍ଷରୁ ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି।

## ୫ ଦିନ ପରେ ବି ପୋଲିସ ହାତ ଖାଲି

ନୀଳଗିରି, ୨୨।୯(ପ୍ରଶାନ୍ତ ବିଶ୍ୱାଳ)

### ବାସନ ଦୋକାନରୁ ଚୋରି

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ କ୍ରମାଗତ ଭାବେ ଚୋରି ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୧୭ ତାରିଖ ରାତିରେ ମାଲିକ ଉଦୟ କୁମାର ମହାନ୍ତିଙ୍କ ଦୋକାନରୁ ଚୋରି ହୋଇଥିଲା। ସକାଳ ହେବାରୁ ଚୋରି ହୋଇଥିବା ପାଖ ଦୋକାନୀ ଦେଖି ମହାନ୍ତିଙ୍କୁ ଖବର ଦେଇଥିଲେ। ଦୋକାନ ମାଲିକ ଦୋକାନରେ ପହଞ୍ଚି କଂସା ପିତଳ ଏବଂ ମୂଲ୍ୟବାନ ଜିନିଷ ସବୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏହା ଆନୁମାନିକ ୪ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏହାସହ ନଗଦ ୧୦ହଜାର ଟଙ୍କା ଚୋରି ହୋଇଛି। ଏନେଇ ଈଶ୍ୱରପୁର ଫାଣ୍ଡିରେ ମାଲିକ ଉଦୟ କୁମାର ମହାନ୍ତି ଅଭିଯୋଗ କରିଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା (ନଂ. ୩୬୭/୨୫) ରୁଜୁ ହେବା ସହ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ କୁମାର ଭୋଇ ତଦନ୍ତ ଜାରି ରଖିଥିବା ବେଳେ ଆଜିକୁ ୫ଦିନ ପରେ ବି ପୋଲିସର ହାତ ଖାଲି ଥିବା ଜଣାପଡ଼ିଛି। ତେବେ ପୋଲିସକୁ ଚକ୍‌ମା ଦେଇ ନୀଳଗିରି ଉପଖଣ୍ଡ ଅଞ୍ଚଳରେ ବାରମ୍ବାର ଚୋରି ହେବାକୁ ନେଇ ଆତଙ୍କିତ ଅଛନ୍ତି ଅଞ୍ଚଳର ବାସିନ୍ଦା।

## ବରିଷ୍ଠ ନାଗରିକ ମଞ୍ଚର ସାଙ୍ଗଠନିକ ବୈଠକ

ଗାନ୍ଧିଛକ,୨୨।୯(ଦିଲୀପ ପଣ୍ଡା): ବସ୍ତା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରଠାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। କବି ଶିଶିର କୁମାର ରଥ ଅଧ୍ୟକ୍ଷତା କରିଥିଲେ। ନୂତନ ଭାବେ କମିଟି କର୍ମକର୍ତ୍ତା ଚୟନ ସର୍ବସମ୍ମତିକ୍ରମେ ହୋଇଥିଲା।

ମୁଖ୍ୟ ଉପଦେଷ୍ଟା ଭାବେ ଶିଶିର କୁମାର ରଥ, ଶ୍ୟାମାପ୍ରସାଦ ବେହେରା, ଇଂ. ଜଗନ୍ନାଥ ମାଝୀ ଓ ଶ୍ରୀପତି ଚରଣ ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ସଭାପତି ଜୟକୃଷ୍ଣ ଗିରି, ଉପସଭାପତି ବିଜୟ କୃଷ୍ଣ ପ୍ରାମାଣିକ, ସମ୍ପାଦକ କୁମୁଦ ରଞ୍ଜନ ଗିରି, ସହସମ୍ପାଦକ ମଳୟ କୁମାର ନନ୍ଦ, ସଙ୍ଗଠନ ସମ୍ପାଦକ ରଜନୀକାନ୍ତ ବାରିକ, କୋଷାଧ୍ୟକ୍ଷ ସନତ କୁମାର ଦେ ଓ ସମୀକ୍ଷକ ଭାବେ ରାମ ଚନ୍ଦ୍ର ଦେବ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରାଣକୃଷ୍ଣ ବାଗ, ରାମଚନ୍ଦ୍ର ସାହୁ, ବିଶ୍ୱନାଥ ସେଠୀ ଓ ସୁରେନ୍ଦ୍ର ନାୟକ ମନୋନୀତ ହୋଇଥିଲେ। ପୂଜା ମଣ୍ଡପଗୁଡ଼ିକରେ ମଞ୍ଚ ପକ୍ଷରୁ ବ୍ୟାନର ଲଗାଯାଇ ସଚେତନତା କରାଯିବ ବୋଲି କୁହାଯାଇଥିଲା।

## ଖଇରାକୁ ଏନଏସି ଘୋଷଣା ଆଶା ଉଜ୍ଜୀବିତ



ବିଧାୟକ ପଦ୍ମଲୋଚନ ପଣ୍ଡା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଖଇରା, ୨୨।୯(ଉତ୍କଳବନ୍ଧୁ ପଣ୍ଡା)

୮ଦିନର ନୀରବତା ପରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଖଇରାକୁ ଏନଏସି ଘୋଷଣା ପାଇଁ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଦାବିପତ୍ର ଦେବା ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଖଇରାକୁ ଏନଏସି ଘୋଷଣା ଆଶା ଉଜ୍ଜୀବିତ କରିଛି। ସେପଟେ ଖଇରା ବ୍ଲକ ସମ୍ମୁଖରେ ଚାଲିଥିବା ଗଣଧାରଣା ୭ମ ଦିନରେ ପହଞ୍ଚିଥିବା ବେଳେ ଆନ୍ଦୋଳନ ପ୍ରତି ଜନସମର୍ଥନ ବଢିବାରେ ଲାଗିଛି। ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମର୍ଥକଙ୍କ ସହ ଧାରଣାକାରୀଙ୍କୁ ଭେଟି ସବୁପ୍ରକାର ସମର୍ଥନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ସହ ଏନଏସି ଘୋଷଣା ନ ହେବା ପର୍ଯ୍ୟନ୍ତ ସେ ପ୍ରତିବାଦ ଜାରି ରଖିବେ ବୋଲି କହିଛନ୍ତି। ପୂର୍ବ ବିଜେଡି ସରକାର ସମୟରେ ଘୋଷିତ ୫୭ଟି ଏନଏସି ତାଲିକାରେ ଖଇରାର ନାମ ଥିବା ବେଳେ ସରକାର ବଦଳିବା ପରେ ଭାଜପା ସରକାର ପୂର୍ବ ଘୋଷଣାକୁ ରଦ୍ଦ କରି ନୂଆ କରି ଘୋଷଣା କରିଥିବା ୨୮ଟି ସହର ମଧ୍ୟରେ ଖଇରାକୁ ବାଦ୍ ଦେବା ଘଟଣାକୁ ଖଇରାବାସୀ ହଜମ କରି ପାରି ନ ଥିଲେ। ସ୍ୱାଭିମାନ ମଞ୍ଚ ବ୍ୟାନରରେ ସମସ୍ତ ସଙ୍ଗଠନ ଏକଜୁଟ ହୋଇ ବ୍ଲକ ଗେଟ ସମ୍ମୁଖରେ ୧୫ତାରିଖରୁ ଗଣଧାରଣାରେ ବସି ରହିଛନ୍ତି ।

## ଔପଦାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ

ଔପଦା, ୨୨।୯(ଧରିତ୍ରୀ ପଣ୍ଡା)

ଔପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧ନଂ. ଜୋନ୍‌ର ଜିଲାପରିଷଦ ସଭ୍ୟା ମୁନି ସିଂ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତଳକିଆ ସରପଞ୍ଚ ଦିପ୍ତୀରଣୀ ନାୟକ, ଅଘିରାପଦା ସରପଞ୍ଚ ଅନୁପମା ବିଶ୍ୱାଳ, ଗଡ଼ସାହି ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ମହେନ୍ଦ୍ର ପ୍ରସାଦ ନାୟକ, ପୂର୍ବତନ ସରପଞ୍ଚ ମଧୁସୂଦନ ମଲ୍ଲିକ, ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମହିଳା ବିଶେଷଜ୍ଞ ଡା. ଫାତିମା ତିରିକ, ଔପଦା ଡାକ୍ତର ଆଦିତ୍ୟ ନାରାୟଣ ପରିଡ଼ା, ଆୟୁଷ ଡାକ୍ତର କିରଣ କୁମାର ଦାସ, ଓମ ପ୍ରକାଶ ଦାସ ମହାପାତ୍ର ଯୋଗଦେଇଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଦୟାନିଧି ନାୟକ, ଫାର୍ମାସିଷ୍ଟ ଅମ୍ବିକା ବଲବ ପାଢ଼ୀ, ସ୍ୱାସ୍ଥ୍ୟ ସୁପରଭାଇଜର ମନୋଜ ମହାପାତ୍ର, ନର୍ସ ସୁକନ୍ୟା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରିଥିଲେ। ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ତହସିଲ କାର୍ଯ୍ୟାଳୟ ପରିସରରେ ଚାରାରୋପଣ

ବାଲିଆପାଳ,୨୨।୯(ଗୋପାଳ ଚନ୍ଦ୍ର ସାହୁ)



ତହସିଲ ପରିସରରେ ଚାରାରୋପଣ କରାଯାଉଛି।

ସୁସ୍ଥ ପରିବେଶ ପାଇଁ ଗଛର ଆବଶ୍ୟକତାକୁ ଲକ୍ଷ୍ୟ ରଖି ସୂଚନା ଅଧିକାର ଆଇନ ଅଭିଯାନ ସଂଘ ବାଲିଆପାଳ ଶାଖା ପକ୍ଷରୁ ସୋମବାର ବାଲିଆପାଳ ତହସିଲ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ଯୋଗଦେଇ ତହସିଲ କାର୍ଯ୍ୟାଳୟ ପରିସରରେ ନଡ଼ିଆ, ପିସ୍ତାବାଦାମ ଭଳି ବିଭିନ୍ନ ପ୍ରକାର ଫଳ ବୃକ୍ଷର ଚାରା ରୋପଣ କରିଥିଲେ। ଚାରାଗୁଡ଼ିକର ଠିକ୍ ଯତ୍ନ ନିଆ ନ ଗଲେ ନଷ୍ଟ ହୋଇଯିବ ବୋଲି ନାୟକ କହିଥିଲେ। ସୂଚନା ଅଧିକାର ଆଇନ ବାଲିଆପାଳ ଶାଖା ପକ୍ଷରୁ ତହସିଲ ପରିସରରେ କରାଯାଉଥିବା ଏହି କାର୍ଯ୍ୟକୁ ତହସିଲଦାର ନାୟକ ପ୍ରଶଂସା କରିଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସୂଚନା ଅଧିକାର ଆଇନ ଅଭିଯାନ ସଂଘର ଆବାହକ ଅନୁଜ କୁମାର ମହାପାତ୍ରଙ୍କ ସହିତ ସଂଘର ସମସ୍ତ ସଦସ୍ୟ ଓ ତହସିଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାଲେଶ୍ୱର, ୨୨।୯(ବାଞ୍ଛାନିଧି ଦେ)



ଉତ୍ସବରେ କୁଳପତି, ଅତିଥିଙ୍କ ସହ ଅନ୍ୟମାନେ।

### ଏଫ୍‌ଏମ୍‌ୟୁରେ 'ଅଲଚିକି' ଶତବାର୍ଷିକୀ ଉତ୍ସବ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଲିପି 'ଅଲଚିକି'ର ଶତବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ବିଶ୍ୱବିଦ୍ୟାଳୟ ପରିସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ କୁଳପତି ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ବେଶ୍ରା, ମୁଖ୍ୟବକ୍ତା ଭାବେ ନୂଆଦିଲ୍ଲୀସ୍ଥିତ ସାନ୍ତାଳୀ ସାହିତ୍ୟ ଏକାଡେମୀର ପୂର୍ବତନ ସଂଯୋଜକ ମଦନମୋହନ ସୋରେନ ଯୋଗଦେଇ ବିଶ୍ୱବିଦ୍ୟାଳୟ ତରଫରୁ ସାନ୍ତାଳୀ ଭାଷା ଓ ସ୍ରଷ୍ଟାଙ୍କୁ ସମ୍ମାନ ଏବଂ ସାନ୍ତାଳୀ ଭାଷାର ପାଠ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା ସାନ୍ତାଳୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଏଫ୍‌ଏମ୍‌ୟୁର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ କୋହ୍ଲ ଜନଜାତିଙ୍କ ଜୀବନୀ ଓ ସଂସ୍କୃତି ଉପରେ ଲିଖିତ ପୁସ୍ତକ 'ପାହାଡ଼ି ନଈର ଗୀତ' ଲୋକାର୍ପିତ ହୋଇଥିଲା।

ଏହି ଆଲୋଚନାଚକ୍ରର ୩ଟି ବୈଷୟିକ ଅଧିବେଶନରେ ସାନ୍ତାଳୀ ଭାଷା ଓ ଲିପିର କ୍ରମବିକାଶ, ସାନ୍ତାଳୀ ସାହିତ୍ୟ ଓ ସଂସ୍କୃତି, ସାନ୍ତାଳୀ ସମାଜ ବ୍ୟବସ୍ଥା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବିଶେଷଜ୍ଞ ଓ ଆଲୋଚକ ଭାବେ ଡ. ଦାଖିନ ମୁର୍ମୁ, ଡ. ଯତୀନ୍ଦ୍ର ନାଥ ବେଶ୍ରା, ଡ. ସୁନାରାମ ସୋରେନ, ସରୋଜ କୁମାର ସୋରେନ, ଚୈତନ୍ୟ ପ୍ରସାଦ ମାଝି, ଯଦୁନାଥ ହାଁସଦା, ଡ. ନାକୁ ହାଁସଦା, ଡ. ମହେଶ୍ୱର ସୋରେନ, ଡ. ଗଙ୍ଗାଧର ହାଁସଦା, ମାଙ୍ଗାତ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାନ୍ତାଳୀ ଭାଷା ପାଠ୍ୟକ୍ରମର ଅଧ୍ୟାପିକା ସୁମିତ୍ରା ଟୁଡୁ ପରିଚାଳନା କରିଥିବା ବେଳେ ଡ. ଜୟନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)

ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର ଭୁବନେଶ୍ୱର ଶାଖାର ଅଷ୍ଟମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶୁଭେଚ୍ଛୁ ଓ ଗ୍ରାହକ ଯୋଗଦେଇଥିଲେ। ସାରା ରାଜ୍ୟରେ ଅଳଙ୍କାର କ୍ଷେତ୍ରରେ ଉନ୍ନତମାନର ସେବା ଯୋଗାଇ ପ୍ରଶଂସା ସାଉଁଟୁଥିବା ଅରୁନ୍ଧତୀ ଜୁଏଲର୍ସ ଦୀର୍ଘ ୮ ବର୍ଷ ଧରି ଭୁବନେଶ୍ୱରବାସୀଙ୍କ ଚାହିଦା ମୁତାବକ ସୁନ୍ଦର ଡିଜାଇନର ଗହଣା, ଶ୍ରେଷ୍ଠ ଆତିଥେୟତା ଓ ସେବା ଯୋଗାଇଦେଇ ରାଜଧାନୀ ବାସୀଙ୍କ ପ୍ରଥମ ପସନ୍ଦଯୋଗ୍ୟ ଓ ଭରସାଯୋଗ୍ୟ ଜୁଏଲେରି ବ୍ରାଣ୍ଡର ମାନ୍ୟତା ପାଇପାରିଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଗ୍ରାହକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଆନିଭରସାରି ସ୍ପେସିଆଲ ଅଫର୍ ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ପ୍ରଦାନ କରାଯାଉଛି। ସୁନା ଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ସେହିଭଳି ଅଗ୍ରିମ ବୁକିଙ୍ଗରେ ସର୍ବନିମ୍ନ ଦରରେ ସୁନା କ୍ରୟ ଏବଂ ପେ' ଜିରୋ ଫର୍ ଇଜି ଜୁଏଲେରି ପରଚେଜ୍ ପ୍ଲାନ୍ ସହ ହୀରା ଗହଣା କ୍ରୟରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଉଛି।

# ରେନୋ କ୍ୱିଡ୍‌ର ନୂଆ ସଂସ୍କରଣ ଲଞ୍ଚ




ଭୁବନେଶ୍ୱର,୨୨।୯

ଫ୍ରାନ୍ସର ରେନୋ ଗ୍ରୁପର ସମ୍ପୂର୍ଣ୍ଣ ମାଲିକାନାଧୀନ ସଂସ୍ଥା ରେନୋ ଇଣ୍ଡିଆ ଭାରତରେ କ୍ୱିଡ୍‌ର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୦ମ ବାର୍ଷିକୀ ସଂସ୍କରଣ ଲଞ୍ଚ କରିଛି। ଏହି ଆଇକନିକ କାର ଏସୟୁଭି-ପ୍ରେରିତ ଡିଜାଇନ ଓ ଅତୁଳନୀୟ ମୂଲ୍ୟ ସହ ଏଣ୍ଟ୍ରି-ଲେଭେଲ ସେଗମେଣ୍ଟକୁ ପୁନଃ ନିର୍ଦ୍ଧାରଣ କରିଛି। ମାତ୍ର ୫୦୦ ୟୁନିଟର ଏହି ସୀମିତ ସଂସ୍କରଣ ଟେକ୍ନୋ ଭାରିଆଣ୍ଟରେ ଉପଲବ୍ଧ, ଯାହାର ମୂଲ୍ୟ ମାନୁଆଲ ପାଇଁ ୫.୧୪ ଲକ୍ଷ ଓ ଏଏମଟି ପାଇଁ ୫.୬୩ ଲକ୍ଷ ଟଙ୍କା (ଏକ୍ସ-ଶୋରୁମ) ରହିଛି। ରେନୋ ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟର ଭେଙ୍କଟରାମ ମାମିଲ୍ଲାପଲ୍ଲେ କହିଛନ୍ତି, କ୍ୱିଡ୍ ରେନୋର ଭାରତୀୟ ଯାତ୍ରାକୁ ଆକୃତି ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି, ଏହାର ଅଭିନବତା, ସୁଲଭତା ଏବଂ ୯୫%ରୁ ଅଧିକ ଲୋକାଲାଇଜେସନ ସହ ଏଣ୍ଟ୍ରି ସେଗମେଣ୍ଟକୁ ପୁନର୍ନିର୍ଦ୍ଧାରଣ କରିଛି। ୧୦ମ ବାର୍ଷିକୀ ସଂସ୍କରଣ ଦୁଇଟି ଆକର୍ଷଣୀୟ ଡୁଆଲ-ଟୋନ ରଙ୍ଗରେ ଉପଲବ୍ଧ । କେବିନ ଭିତରେ ୧୦ମ ବାର୍ଷିକୀ ଥିମ ସହିତ ସିଟ ଡିଜାଇନ ଏବଂ ପ୍ରିମିୟମ ଡିଟେଲିଂ ସହ ଉନ୍ନତ କରାଯାଇଛି। ସିଟ, ଲେଦରେଟ ଷ୍ଟିୟରିଂ ହ୍ୱିଲରେ ମେଟାଲ ମଷ୍ଟାର୍ଡ ଷ୍ଟିଚ, ଇନଫୋଟେନମେଣ୍ଟ ସରାଉଣ୍ଡ ଏବଂ ଦ୍ୱାର ଟ୍ରିମରେ ହଳଦିଆ ଆକ୍ସେଣ୍ଟ ଯୁବ ଆକର୍ଷଣ ଯୋଗାଉଛି, ଯେତେବେଳେ ଆଲୋକିତ ସ୍କଫ ପ୍ଲେଟ ଏବଂ ପୁଡଲ ଲ୍ୟାମ୍ପ ଏହି ସଂସ୍କରଣ ଆକର୍ଷଣୀୟ କରୁଛି। । ଅନ୍ୟ ଭାରିଆଣ୍ଟଗୁଡ଼ିକରେ ମଧ୍ୟ ସମସ୍ତ ସିଟ ପାଇଁ ୩-ପଏଣ୍ଟ ସିଟବେଲ୍ଟ ଏବଂ କ୍ଲାଇମ୍ବର ଭାରିଆଣ୍ଟରେ ୬ଟି ଏୟାରବ୍ୟାଗ ସହ ଉନ୍ନତ ସୁରକ୍ଷା ଯୋଗାଯାଇଛି।

# ୟୁକୋ ବ୍ୟାଙ୍କର ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ




ଭୁବନେଶ୍ୱର,୨୨।୯

ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ କୃଷି, ଏମ୍‌ଏସ୍‌ଏମ୍‌ଇ ଓ ସମ୍ବଳ ମହୋତ୍ସବ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ, କୃଷି, ସମ୍ବଳ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ବ୍ୟାଙ୍କ ମିତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୋଲକାତାସ୍ଥିତ ୟୁକୋ ବ୍ୟାଙ୍କ ପ୍ରଧାନ କାର୍ଯ୍ୟାଳୟ ଅସୁଲି ଏବଂ ଆଇନ ବିଭାଗର ମହାପ୍ରବନ୍ଧକ ଅଙ୍କିତ ରାଣା ଏବଂ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗବତ ସିଂ ଭାକୁନି ଉପସ୍ଥିତ ଥିଲେ। ଭଗବତ ସିଂ ଭାକୁନି କାର୍ଯ୍ୟକ୍ରମର ବିଶିଷ୍ଟ ବ୍ୟକ୍ତି ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅଙ୍କିତ ରାଣା ୟୁକୋ ବ୍ୟାଙ୍କ ସହିତ ଦୀର୍ଘ ଦିନର ସମ୍ପର୍କ ଏବଂ ଉନ୍ନତ ଗ୍ରାହକ ସେବା ପାଇଁ ଅଂଶଗ୍ରହଣକାରୀ ଓ ଗ୍ରାହକଙ୍କୁ କୃତଜ୍ଞତା ଜଣାଇଥିଲେ। ରାଣା 'ସ୍ୱଚ୍ଛତା ହିଁ ସେବା' ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ଉପ ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂହ ବ୍ୟାଙ୍କର ପିଙ୍କ ବାସ୍କେଟ୍, ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ ଏବଂ ୟୁକୋ ସଞ୍ଚୟିକା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ରିସୋର୍ସ ମୁଖ୍ୟ ତଥା ସହାୟକ ମହାପ୍ରବନ୍ଧକ ରାମଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।

# ତମାଖୁ ଟିକସରୁ ଓଡ଼ିଶା ପାଇଲାଣି ୬୭୫୦ କୋଟି

ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)

ଗୁଟ୍‌ଖା, ତମାଖୁ, ସିଗାରେଟ, ପାନମସଲା ଆଦିରୁ ରାଜ୍ୟ ସରକାର ଗତ ୧୦ବର୍ଷ ମଧ୍ୟରେ ଭାଟ୍ ଓ ଜିଏସ୍‌ଟି ବାବଦରେ ୬୭୫୦ କୋଟି ଟଙ୍କାର ଅଧିକ ଅର୍ଥ ପାଇଲେଣି । ୨୦୨୪-୨୫ ବର୍ଷରେ ଏହିସବୁ ସାମଗ୍ରୀରୁ ରେକର୍ଡ ପରିମାଣର ୧୨୩୪ କୋଟି ଟଙ୍କା ଆଦାୟ ହୋଇଛି। ଗୁଟ୍‌ଖା, ତମାଖୁ ଆଦି ଉପରୁ ରାଜ୍ୟ ସରକାର ଆଦାୟ କରୁଥିବା ଟିକସ ବିଷୟରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୦୧୮-୧୯ରୁ ନିୟମିତ ଭାବେ ଗୁଟ୍‌ଖା ତମାଖୁ ଆଦିରୁ ଆଦାୟ ଟିକସ ପରିମାଣ ବଢି ବଢି ଚାଲିଛି । ୨୦୧୮-୧୯ ବର୍ଷରେ ଏହି ସାମଗ୍ରୀରୁ ୪୮୦ କୋଟି ଟଙ୍କାର ଟିକସ ଆଦାୟ ହୋଇଥିବାବେଳେ ୨୦୨୩-୨୪ରେ ଏହା ୧୦୧୨ କୋଟି ଟଙ୍କା ଅତିକ୍ରମ କରିଥିଲା । ସେହିପରି ୨୦୨୪-୨୫ରେ ଏହା ୧୨୩୪.୮୮ କୋଟି ଟଙ୍କାରେ ପହଞ୍ଚିଛି । ଅନ୍ୟପଟେ ଗୁଟ୍‌ଖା, ତମାଖୁ, ସିଗାରେଟ୍ ଓ ପାନମସଲା ଆଦିର ଉତ୍ପାଦନ, ମହଜୁଦ, ବିପଣନ ଓ ବିକ୍ରି ଉପରେ କଟକଣା ସମ୍ପର୍କିତ ତଥ୍ୟ ଅର୍ଥ ବିଭାଗ ନିକଟରେ ନଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

# ଶ୍ୟାମ୍ ଷ୍ଟିଲ ଲଞ୍ଚ କଲା ମକାଓ ପେଣ୍ଟ୍ସ

## କାର୍ତ୍ତିକ ଆର୍ଯ୍ୟନ ବ୍ରାଣ୍ଡ୍ ଆମ୍ବାସାଡର




ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)

ଷ୍ଟିଲ ବ୍ରାଣ୍ଡ୍ ଶ୍ୟାମ ଷ୍ଟିଲ୍ ଡେକୋରେଟିଭ ପେଣ୍ଟ ଶିଳ୍ପରେ ପ୍ରବେଶ କରି ନୂତନ ବ୍ରାଣ୍ଡ୍ ମାକାଓ ପେଣ୍ଟ୍ସ ଲଞ୍ଚ କରିଛି। ବଲିଉଡ ତାରକା କାର୍ତ୍ତିକ ଆର୍ଯ୍ୟନଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିୟୋଜିତ କରାଯାଇଛି। 'ମକାଓ କେ ରଙ୍ଗ, ମେଜିକ କେ ସଙ୍ଗ୍' ମୂଳମନ୍ତ୍ର ସହିତ ମକାଓ ପେଣ୍ଟସ ଭାରତୀୟ ଘରୋଇ ପରିବେଶକୁ ଉଜ୍ଜ୍ୱଳ, ପ୍ରାଣବନ୍ତ ଓ ପ୍ରିମିୟମ ରଙ୍ଗ ଯୋଗାଇବ ବୋଲି କମ୍ପାନ ପକ୍ଷରୁ କୁହାଯାଇଛି। କମ୍ପାନୀର ସୂଚନାନୁସାରେ, ଏହା ହେଉଛି ବିଶ୍ୱାସ, ଐତିହ୍ୟ ଓ ଆଶୀର୍ବାଦ ବହନ କରୁଥିବା ରଙ୍ଗ। ମକାଓ ପେଣ୍ଟ୍ସ ଲଞ୍ଚ ମାଧ୍ୟମରେ କମ୍ପାନୀ ଷ୍ଟିଲରୁ ପେଣ୍ଟ ଶିଳ୍ପକୁ ବିସ୍ତାର କରିଥିବାବେଳେ ଏହା ଷ୍ଟିଲର ଶକ୍ତିରୁ ପେଣ୍ଟର ଯାଦୁ ଆଡ଼କୁ ଏକ ଯାତ୍ରା ବୋଲି କୁହାଯାଉଛି। ପଶ୍ଚିମବଙ୍ଗରେ ଏହାର ଶୁଭାରମ୍ଭ କରାଯାଇଛି। ନବରାତ୍ରର ପ୍ରଥମ ଦିନରେ ଦୁର୍ଗା ପୂଜା ମଣ୍ଡପଗୁଡ଼ିକରେ ଏହି ବ୍ରାଣ୍ଡ୍‌କୁ ଉନ୍ମୋଚନ କରାଯାଇଛି। ଏହି ଅବସରରେ କାର୍ତ୍ତିକ ଆର୍ଯ୍ୟନ କହିଛନ୍ତି, ଯେମିତି ରଙ୍ଗ ଆମ ଜୀବନକୁ ଆନନ୍ଦ ଓ ଉଜ୍ଜ୍ୱଳତା ଆଣେ, ସେହିପରି ମକାଓ ପେଣ୍ଟ୍ସ ପ୍ରତ୍ୟେକ ଘରକୁ ନୂଆପଣ ଓ ଯାଦୁ ଆଣୁଛି। ଶ୍ୟାମ ଷ୍ଟିଲର ଜଣେ ମୁଖପାତ୍ର କହିଛନ୍ତି, ଆମ ପାଇଁ ପଶ୍ଚିମବଙ୍ଗ କେବଳ ଏକ ବଜାର ନୁହେଁ, ବରଂ ଏକ ଆବେଗ। ଦୁର୍ଗା ପୂଜା ସମୟରେ ମକାଓ ପେଣ୍ଟସ ଲଞ୍ଚ ଏହି ଅଞ୍ଚଳର ଉତ୍ସାହ, ଶକ୍ତି ଓ ସାଂସ୍କୃତିକ ଗୌରବକୁ ପ୍ରତିଫଳିତ କରୁଛି।

# ଓମ୍‌ଫେଡ: ପୁରୁଣା ଦାମ ପ୍ରିଣ୍ଟ ଥିଲେ ବି ଲାଗୁ ହେବ ନୂଆଦାମ

ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି.୨.୦) ଲାଗୁ ହେବା ପରେ ଓମଫେଡ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟର ଦର ହ୍ରାସ ପାଇଥିବାବେଳେ କ୍ଷୀର ଦାମ ସ୍ଥିର ରହିଛି। ମାତ୍ର ଓମଫେଡ୍ କ୍ଷୀରରେ ପୂର୍ବରୁ ଜିଏସଟି ଲାଗୁ କରାଯାଉ ନଥିଲା କି ଏବେ ମଧ୍ୟ ଲାଗୁ ହୋଇନାହିଁ। ତେଣୁ ଦୁଗ୍ଧ ଦରରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ଓମଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଓମଫେଡର କୌଣସି ଉତ୍ପାଦରେ ଯଦି ପୁରୁଣା ଦାମ ପ୍ରିଣ୍ଟ ଥାଏ, ତେବେ ଗ୍ରାହକମାନେ ଏଣିକି ପୁରୁଣା ବଦଳରେ ନୂତନ ହ୍ରାସ ଦର ଦେଇ ଓମଫେଡ ଉତ୍ପାଦ କ୍ରୟ କରିବେ। ଛେନା ଓ ପନିରରେ କେନ୍ଦ୍ର ସରକାର ୫% ଜିଏସଟି ହ୍ରାସ କରିଛନ୍ତି। ଫଳରେ ପନିର ଓ ଛେନା ଦର ହ୍ରାସ ପାଇଛି। ପନିର ୨୦୦ ଗ୍ରାମ୍ ଉପରେ ୫ ଟଙ୍କା ହ୍ରାସ ପାଇଥିବା ବେଳେ ୫୦୦ ଗ୍ରାମ୍ ପ୍ୟାକରେ ୧୦ ଟଙ୍କା ହ୍ରାସ ହୋଇଛି। ପୂର୍ବରୁ ଘିଅରେ ୧୨% ଜିଏସ୍‌ଟି ଲାଗୁଥିଲା । ଏବେ ୭% ହ୍ରାସ ପାଇ ତାହା ୫ ପ୍ରତିଶତ ହୋଇଛି। ଫଳରେ ସେହି ଆଧାରରେ ଘିଅ ଲିଟର ପିଛା ୪୫ ଟଙ୍କା ହ୍ରାସ ପାଇଛି । ପୂର୍ବରୁ ଘିଅ ଲିଟର (ଟିଣ ଡିବା) ୭୨୦ ଟଙ୍କା ଥିଲା। ଏବେ ତାହା ୬୭୫ ଟଙ୍କାକୁ ହ୍ରାସ ପାଇଛି । ସେହିପରି ୧୫ ଲିଟର ଟିଣ ଘିଅ ମୂଲ୍ୟ ପୂର୍ବରୁ ୮୧୫୨ ଟଙ୍କା ଥିଲା। ଏବେ ତାହା ୭୬୪୫ ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍ ଗୋଟିଏ ୧୫ ଲିଟର ଟିଣ ଘିଅରେ ୫୦୭ ଟଙ୍କା ହ୍ରାସ ପାଇଛି । ପୂର୍ବରୁ ବଟରରେ ୧୨ ପ୍ରତିଶତ ଜିଏସଟି ଲାଗୁ ହେଉଥିଲା । ମାତ୍ର ଏବେ ସେଥିରେ ୫ ପ୍ରତିଶତ ଜିଏସଟି ଲାଗିବ । ଫଳରେ ୧୦୦ ଗ୍ରାମ୍ ବଟର ପ୍ୟାକ ଏଣିକି ଗ୍ରାହକମାନେ ୬୦ ଟଙ୍କା ବଦଳରେ ୫୭ ଟଙ୍କାରେ ପାଇପାରିବେ। ଫ୍ଲେଭର ମିଲ୍କ ବା ସୁବାସିତ ଦୁଗ୍ଧ ଉପରେ ସରକାର ପୂର୍ବରୁ ୧୨% ଜିଏସଟି ନେଉଥିଲେ। ଏହା ୫%କୁ ହ୍ରାସ ପାଇବା ପରେ ଫଳରେ ପୂର୍ବରୁ ଯେଉଁ ଗ୍ରାହକମାନେ ୨୫ ଟଙ୍କାରେ ଖାଉଥିଲେ, ଏବେ ସେହି ସୁବାସିତ ଦୁଗ୍ଧ ବୋତଲ ବା ଫ୍ଲେଭର ମିଲ୍କ ୨୩ ଟଙ୍କାରେ ଉପଲବ୍ଧ ହେବ । ୟୁଏଚଟି ଦୁଗ୍ଧ ଲିଟର ଦାମ ୭୦ ଟଙ୍କାରୁ ଖସି ୬୭ ଟଙ୍କା ହୋଇଛି । ବିଭିନ୍ନ ପ୍ରକାର ଆଇସକ୍ରିମ ଦର ମଧ୍ୟ ହ୍ରାସ ପାଇଛି । ୧୦ ଟଙ୍କିଆ, ୧୫ ଟଙ୍କିଆ, ୨୦ ଟଙ୍କିଆ ଓ ୩୦ ଟଙ୍କିଆ ଆଇସକ୍ରିମରେ ଦର ସ୍ଥିର ରଖିଛି ଓମଫେଡ୍ । ତା' ବଦଳରେ ଆଇସକ୍ରିମ ପରିମାଣ ବୃଦ୍ଧି କରିଛି । ଏଣିକି ଓମଫେଡ ଆଇସକ୍ରିମ ଗ୍ରାହକ ୧୦ ଟଙ୍କିଆ, ୧୫ ଟଙ୍କିଆ, ୨୦ ଟଙ୍କିଆ ଓ ୩୦ ଟଙ୍କିଆ ଆଇସକ୍ରିମରେ ଏଣିକି ୧୦ ପ୍ରତିଶତକୁ ଅଧିକ ପରିମାଣର ଆଇସକ୍ରିମ ପାଇବେ । ପୂର୍ବରୁ ରାଜ୍ୟ ସରକାର ଓମଫେଡ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୩ ଟଙ୍କା ଲେଖାଏଁ ବୃଦ୍ଧି କରିଥିଲେ । ଏବେ ଖାଉଟିମାନଙ୍କ ପାଇଁ ଓମଫେଡ୍ ଉତ୍ପାଦ ଦର ହ୍ରାସ ହୋଇଛି ।



# Classified Everyday
0674-2580101, 9692975378




## SALE

Flat 3BHK resale Rs. 68 Lakhs only, At Jharpada, Bhubaneswar immediately. Details contact- 8249191613. D-2070

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

**CDA and RERA approved plot near Trisulia, CISF Campus. Bank Loan facilities, Black top road, Water Supply, Electricity, Drainage. Contact- 7008513309.** D-2079

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି– **9337166296.** D-1942

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open health benefits spa by experts therapist con 8658088274. D-1866

Newly open Jyoti SPA positively health benefits (expert therapist). 8458067955. D-76936

The massage felt totally professional & comfortable at all times-7978109255. D-76495

## LOST

ଦଲିଲ ହଜିଛି– ମୁଁ ସୁଲତାନା ବେଗମ୍ (୫୦ବର୍ଷ), ସ୍ୱା– ନିଜାମୁଦ୍ଦିନ ଖାଁ, ସା– ହଜାରି ନଗର (ଅପର୍ତ୍ତିବିନ୍ଧା), ପୋ– ଭଦ୍ରକ, ଥାନା– ଭଦ୍ରକ ଟାଉନ, ଜି– ଭଦ୍ରକ, ଆମ୍ଭ ସ୍ୱାମୀଙ୍କ ନାମିତ ଏକ Regd. Sale Deed ଯାହାର ନଂ.– ୧୦୦୨, ତା୦୭।୦୪।୨୦୦୦ରି ଖରେ ପ୍ରସ୍ତୁତ ହୋଇ ଆମ୍ଭଙ୍କୁ ପ୍ରାପ୍ତ ହୋଇଥିଲା। ଉକ୍ତ ଦଲିଲଟି ତା୨୦।୦୯।୨୦୨୫ରିଖ ସନ୍ଧ୍ୟାରେ ଭଦ୍ରକ ସହରରେ ମାର୍କେଟିଂ କରୁଥିବା ସମୟରେ କେଉଁଠାରେ ହଜିଯାଇଛି। ଉକ୍ତ ସ୍ଥାନରେ ଖୋଜାଖୋଜି ପରେ ମିଳିନାହିଁ। ଧ-୨୦୮୦

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn in before the Notary Public, Vyasanagar, I, Mahendra Kumar Dhal, aged about 53 years, resident of At/P.O./P.S.-Jakhapura, Dist.- Jajpur-755026, do hereby declare that my daughter Ananya Dhal, Aadhaar No.- XXXX XXXX 3487, henceforth will be known as Ananya Anupama Dhal for all official purpose w.e.f. dated 30.08.2025. That Ananya Dhal and Ananya Anupama Dhal is the same person. D-2078

By virtue of an affidavit sworn before the Notary Public, Titilagarh dated 19.09.2025, Sl. No.479, I, Chakra Kalta, resident of Village: At- Kuanrgaon, P.O.- Kuanrgaon, P.S.- Saintala, Dist.- Balangir (Odisha), Pin- 767032 declare that I have changed my name from Bhakta Kalta to Chakra Kalta. Henceforth, I shall be known as Chakra Kalta for all purpose.
Chakra Kalta D-2077

I, Prasanna Kumar Rath, Father of Swagat Sorup Rath, resident at Baghasahi Lane, near Saraswata School, Nimapada(N.A.C.), Puri District, Odisha, 752109, declare by this affidavit No. 15AA 122091, Dtd.- 19.09.2025 that now onwards I shall be known as Prasan Kumar Rath for all future purposes. D-2073

By virtue of an affidavit sworn before the Notary Public, Titilagarh dated 20.09.2025, Sl. No.481, I, Saila Sahu, resident of Village: At- Kansar, P.O.- Ghunsar, P.S.- Saintala, Dist.- Balangir (Odisha), PIN- 767032 declare that I have changed my name from Sailabhama Sahu to Saila Sahu. Henceforth, I shall be known as Saila Sahu for all purpose.
Saila Sahu D-2076

By virtue of an affidavit sworn before the Notary Public, Bhubaneswar, dated 19th day of September, 2025, I, Banita Bhuiyan, Address: At- Dandilo, P.O.- Brahmanasarangi, P.S.- Balianta, Dist.- Khordha, Odisha, PIN- 752102 declare that I have changed my name from Swarnalata Bhuyan to Banita Bhuiyan. Henceforth, I shall be known as Banita Bhuiyan for all purposes.
Banita Bhuiyan D-2075

By virtue of an affidavit sworn before Executive Magistrate, Angul, dated 18.09.2025, I, Sridhar Nayak, aged about 43 years, S/o- Late Budhimanta Nayak, At- Mangalpur, P.O.- Kushupanga, P.S.- Kantabania, Dist.- Dhenkanal- 759121 declare that I have changed the name of my son SOMYA RANJAN NAYAK to SOUMYA RANJAN NAYAK. Henceforth, he shall be known as SOUMYA RANJAN NAYAK for all purposes.
Sridhar Nayak D-2074

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏଗୋଲେଖ ଚରଣ ସିଂହ
ଆଶ୍ୱିନ ମାସ, ନବମୀ ତିଥି
ଆବିର୍ଭାବ: ୨୪।୧୧।୧୯୪୦
ତିରୋଧାନ: ୧୫।୦୯।୨୦୨୫

ତୁମର ସରଳ ନିରଳସ ମୂଲ୍ୟବୋଧଭିତ୍ତିକ ଜୀବନ ଶୈଳୀ ଆମମାନଙ୍କ ବଞ୍ଚିବାର ପାଥେୟ । ବିଶ୍ୱାସ ହେଉନି ଯେ ତୁମେ ଆମମାନଙ୍କୁ ଛାଡ଼ି ହଠାତ୍ ଚାଲିଗଲ । ତୁମର ସ୍ପଷ୍ଟବାଦିତା, ପରୋପକାରିତା, ଶୃଙ୍ଖଳତା ଆମମାନଙ୍କ ପାଇଁ ପ୍ରେରଣା ଓ ମାର୍ଗଦର୍ଶକ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ
ଧ-୨୦୭୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତା ସରୋଜିନୀ ମିଶ୍ର
ଓମ୍ ନଗର, ଫାଷ୍ଟଗେଟ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୦୬।୦୫।୧୯୫୬
ତିରୋଧାନ: ୦୪।୧୦।୨୦୨୪

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ମିଶ୍ର ପରିବାର, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ
ଧ-୨୦୮୧

### ନବମ ଶ୍ରାଦ୍ଧବାର୍ଷିକୀ

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



ଏମଦନ ମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୨୩.୦୯.୨୦୧୬

ଆପଣଙ୍କ କର୍ତ୍ତବ୍ୟପରାୟଣତା, ସଚ୍ଚୋଟତା ଓ ଉତ୍ସର୍ଗୀକୃତ ସେବା ସଦା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥ ଓ ମା ସମଲେଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ବନ୍ଧୁ ଓ ପରିବାରବର୍ଗ
ଧ-୨୦୭୨

### ଧରିତ୍ରୀ DHARITRI
### Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ବଢ଼ାନ୍ତୁ ଆତ୍ମବିଶ୍ୱାସ

**ଅଜାଣତରେ ଅନେକ ସମୟରେ ମାତାପିତା ପିଲାଙ୍କୁ ଏଭଳି ଆକଟ କରନ୍ତି ଯାହା ସେମାନଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରିଦିଏ। ତେଣୁ ଅଭିଭାବକମାନେ ନିଜର ଏହି ଭୁଲ୍ ସୁଧାରିନେବା ଦରକାର...**

❖ପ୍ରଥମରୁ ପିଲାଙ୍କ କାମ ପରଫେକ୍ଟ ହୋଇ ନ ପାରେ। ହେଲେ ଅଭିଭାବକମାନେ ଏ କ୍ଷେତ୍ରରେ ପିଲାଙ୍କୁ ଯଦି ବାରମ୍ବାର କହିବେ କି 'ତୋ ଦ୍ୱାରା ଏ କାମ ହୋଇପାରିବ ନାହିଁ, ତୁ ଭୁଲ୍ କରିଦେବୁ ତେଣୁ କରିବା ଦରକାର ନାହିଁ, ତାହା ଭୁଲ୍। ଏଭଳି ବାରମ୍ବାର କହିବା ଫଳରେ ପିଲାଙ୍କ ଆତ୍ମବିଶ୍ୱାସ ଧୀରେ ଧୀରେ କମିଯାଏ। କିଛିଦିନ ପରେ ସେମାନେ ମଧ୍ୟ ନିଜେ ଭାବି ନିଅନ୍ତି ଯେ ସେମାନେ କିଛି କରିପାରିବେ ନାହିଁ। ତେଣୁ ପିଲା ଭୁଲ୍ କଲେ ବି ତାକୁ ସ୍ନେହର ସହ ବୁଝାଇ ପୁଣି ଥରେ କରିବାର ସୁଯୋଗ ଦିଅନ୍ତୁ ଓ ସେ କରିପାରିବ କହି ଆତ୍ମବିଶ୍ୱାସ ବଢ଼ାନ୍ତୁ।



❖ପିଲାଙ୍କୁ ଅନ୍ୟମାନଙ୍କ ସହ ତୁଳନାକରି ଛୋଟ ଦେଖାଇବାକୁ ଚେଷ୍ଟା କରନ୍ତୁ ନାହିଁ। ବାରମ୍ବାର ଏପରି କହିଲେ ସେମାନେ ନିଜର ବିଶେଷତ୍ୱକୁ ବି ଭୁଲିଯାନ୍ତି। ତେଣୁ ପିଲାଙ୍କୁ ସେମାନଙ୍କ ପୂର୍ବ ପ୍ରଦର୍ଶନ ଅନୁସାରେ ତୁଳନା କରନ୍ତୁ ଓ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦିଅନ୍ତୁ।

❖ପିଲାଙ୍କର ପ୍ରତ୍ୟେକ କଥା ଶୁଣନ୍ତୁ ଓ ଉତ୍ତର ଦିଅନ୍ତୁ। ଫଳରେ ସେମାନଙ୍କ ଚିନ୍ତାଧାରା ସମ୍ପର୍କରେ ଜାଣିପାରିବେ।

❖ଛୋଟ ଛୋଟ କାମରେ ପିଲାଙ୍କୁ ସ୍ୱାଧୀନତା ଦିଅନ୍ତୁ। ସେମାନଙ୍କ ସବୁ କାମରେ ହସ୍ତକ୍ଷେପ କରନ୍ତୁ ନାହିଁ। ବେଳେବେଳେ ସେମାନଙ୍କ ନିଷ୍ପତ୍ତିକୁ ପ୍ରଶଂସା କରନ୍ତୁ। ଏପରି କଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଓ ଭବିଷ୍ୟତରେ ସେମାନେ ସବୁ ସମୟରେ ନିର୍ଭରଶୀଳ ହେବେ ନାହିଁ।

❖ପିଲାଙ୍କ ଆଗରେ ନିଜର ସକାରାତ୍ମକ ଛବି ଦେଖାନ୍ତୁ। ନିଜର ପରିଶ୍ରମ, ନିଷ୍ଠା ଓ ତ୍ୟାଗ ଆଦି ଭଲ ଗୁଣ ବିଷୟରେ କହି ପିଲାଙ୍କୁ ପ୍ରେରଣା ଦିଅନ୍ତୁ।

# ଖରାପ ହେବ ନାହିଁ ଆଖି

**ସାଧାରଣତଃ ବୟସ ବଢ଼ିଲେ ଦୃଷ୍ଟିଶକ୍ତି କମ୍‌ହେବା ସହିତ ବିଭିନ୍ନ ସମସ୍ୟା ଦେଖାଯାଏ। ହେଲେ ଏହି ସମସ୍ୟା ସବୁ ଏଡ଼ାଇବା ପାଇଁ ହେଲେ ଲାଇଫଷ୍ଟାଇଲ୍‌ରେ କିଛି ଅଭ୍ୟାସ ସାମିଲ କରିବାକୁ ହେବ।**



❖ଭିଟାମିନ୍- ଏ, ସି ଓ ଇ ସହ ଓମେଗା-୩, ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ନିୟମିତ ଖାଆନ୍ତୁ। ତେଣୁ ଶାଗ, ଗାଜର, ବିଭିନ୍ନ ପ୍ରକାର ମଞ୍ଜି ଜାତୀୟ ଖାଦ୍ୟ, ମାଛ ଆଦି ଖାଆନ୍ତୁ। ଏସବୁ ପୋଷକ ତତ୍ତ୍ୱ ଷ୍ଟ୍ରେସ୍ କମ୍ କରିବା ସହ ରେଟିନାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାନ୍ତି।

❖ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ। ଏହା ଫଳରେ ବୟସ ବୃଦ୍ଧି କାରଣରୁ ହେଉଥିବା ଡ୍ରାଏ ଆଇ ସିଣ୍ଡ୍ରୋମ ହେବା ଆଶଙ୍କା କମ୍ ହୋଇଥାଏ। ଅଧିକ ପାଣି ପିଇଲେ ଆଖିର ଶୁଷ୍କତା ମଧ୍ୟ ହୋଇ ନ ଥାଏ।

❖ଆଖିର ସବୁଠୁ ବଡ଼ ଶତ୍ରୁ ହେଉଛି ଡିଜିଟାଲ ସ୍କ୍ରିନ୍। ତେଣୁ ଏଥିରୁ ରକ୍ଷା ପାଇବାକୁ ହେଲେ ୨୦-୨୦-୨୦ ନିୟମ ଆପଣାନ୍ତୁ। ଅର୍ଥାତ୍ ପ୍ରତି ୨୦ ମିନିଟ୍ ପରେ ୨୦ ସେକେଣ୍ଡ ପାଇଁ ୨୦ ଫୁଟ ଦୂରରେ ଥିବା କୌଣସି ଜିନିଷକୁ ଲକ୍ଷ୍ୟ କରନ୍ତୁ। ଏହା ଫଳରେ ଡିଜିଟାଲ ସ୍କ୍ରିନ୍ ପ୍ରଭାବରୁ ଦେଖାଦେଉଥିବା ଆଖିର ସମସ୍ୟା କମ୍ ହେବା ସହ ଷ୍ଟ୍ରେସ୍ କମ୍ ହୋଇଥାଏ।

❖ଡାଏବେଟିସ୍, ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ଭଳି ସମସ୍ୟାକୁ ନିୟନ୍ତ୍ରଣରେ ରଖନ୍ତୁ। ସୁଗାର ଓ ବିପି ନିୟମିତ ଯାଞ୍ଚକରି ଔଷଧ ଖାଆନ୍ତୁ। ଏହା ଫଳରେ ଆଖି ସୁସ୍ଥ ରହିବ।

– ବହି ପଢ଼ିବା ସମୟରେ ଲାଇଟ୍ ଠିକ୍ ଭାବରେ ଅଛି କି ନା ନାହିଁ ଯାଞ୍ଚ କରନ୍ତୁ। କମ୍ ଲାଇଟ୍‌ରେ ପାଠ ପଢ଼ିଲେ କିମ୍ବା କୌଣସି କାମକଲେ ଆଖି ଉପରେ ଚାପ ପଡ଼ିଥାଏ।

– ଏସବୁ ବ୍ୟତୀତ ନିୟମିତ ଆଖିର କିଛି ଏକ୍ସରସାଇଜ୍ ଓ ଯୋଗ ନିଶ୍ଚୟ କରନ୍ତୁ।

**ମୁଁ ଏମିତି ଖାଏ, ଏମିତି ପିନ୍ଧେ, ଏୟା କରେ... ଏଭଳି ଆତ୍ମପ୍ରଶଂସାରେ ମଗ୍ନ ରୁହନ୍ତି କେତେଜଣ ମହିଳା। ସବୁବେଳେ କହିବୁଲନ୍ତି ସେମାନେ ରାଣୀ ଭଳି ବଡ଼ ହୋଇଛନ୍ତି। ଏପରି କହି ସେମାନେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ବ୍ୟବହାର ଇଚ୍ଛାକରନ୍ତି। ଏଭଳି ମାନସିକତାକୁ କୁହାଯାଏ ପ୍ରିନ୍‌ସେସ୍ ସିଣ୍ଡ୍ରୋମ୍। ମହିଳାଙ୍କ କ୍ଷେତ୍ରରେ ଦେଖାଯାଉଥିବା ଏହି ମାନସିକ ଅବସ୍ଥା ଅନେକ ସମୟରେ ସମ୍ପର୍କ ଖରାପ କରିବାର ମୁଖ୍ୟ କାରଣ ପାଲଟିଥାଏ...**




# ପ୍ରିନ୍‌ସେସ୍ ସିଣ୍ଡ୍ରୋମ

ପିଲାବେଳରୁ ବାପଘରେ ରାଣୀ ଭଳି ବଡ଼ ହୋଇଛନ୍ତି। ନିଜ ଖାଇବାପିଇବା, ପିନ୍ଧିବା ଆଦି ସବୁ ଲାଇଫଷ୍ଟାଇଲ୍ ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି କହି କେତେଜଣ ମହିଳା ସମସ୍ତଙ୍କୁ ଆକୃଷ୍ଟ କରିବାକୁ ଚାହାନ୍ତି। ସେମାନେ ଭାବନ୍ତି ନିଜ ବିଷୟରେ ଏଭଳି କହିଲେ ସମସ୍ତେ ତାଙ୍କୁ ଭଲ ପାଇବେ। ସେଥିପାଇଁ କେତେକେ ଶାଶୁଘରେ ବି ବାପଘରର ଚଳଣିକୁ ନେଇ ଗର୍ବକରିବା ଭଳି ବିଭିନ୍ନ କଥା କହନ୍ତି। ଆତ୍ମବଡ଼ିମା ଦେଖାଇ ଏଭଳି କଥାବାର୍ତ୍ତାକୁ କେହି ପସନ୍ଦ କରନ୍ତି ନାହିଁ। ହେଲେ ସେମାନେ ଆଶା କରନ୍ତି, ସବୁ ସ୍ଥାନରେ ଲୋକେ ତାଙ୍କୁ ଅଧିକ ଗୁରୁତ୍ୱ ଦିଅନ୍ତୁ। କିନ୍ତୁ କୌଣସି ସ୍ଥାନରେ ଏପରି ହୁଏ ନାହିଁ। ବରଂ ପ୍ରତ୍ୟେକ ସ୍ଥାନରେ ଏଥିପାଇଁ ସମ୍ପର୍କ ଖରାପ ହୁଏ ଓ ଭାବମୂର୍ତ୍ତି ମଧ୍ୟ ନଷ୍ଟ ହୋଇଥାଏ।

ମହିଳାଙ୍କ କ୍ଷେତ୍ରରେ ଦେଖାଦେଉଥିବା ଏଭଳି ଲକ୍ଷଣ ପ୍ରକୃତରେ ଏକ ପ୍ରକାର ମାନସିକ ରୋଗ କହିଲେ ଭୁଲ୍ ହେବ ନାହିଁ। ଏହାକୁ ପ୍ରିନ୍‌ସେସ୍ ସିଣ୍ଡ୍ରୋମ ମଧ୍ୟ କୁହାଯାଉଛି।



ସାଧାରଣତଃ ମହିଳାମାନଙ୍କୁ ଏଭଳି ସିଣ୍ଡ୍ରୋମ ହୋଇଥାଏ। ଏହି ପ୍ରକାର ମହିଳା ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ମନେକରନ୍ତି। ସେଥିପାଇଁ ଖାସ୍ ଟ୍ରିଟ୍‌ମେଣ୍ଟର ବି ଇଚ୍ଛା ରଖିଥାନ୍ତି। ନିଜେ ଅନ୍ୟମାନଙ୍କ ପାଇଁ କିଛି କରନ୍ତି ନାହିଁ, କିନ୍ତୁ ସେମାନଙ୍କଠାରୁ ସବୁ ପ୍ରକାର ଭଲ ବ୍ୟବହାର ଆଶାରଖନ୍ତି। ସାଧାରଣତଃ ଛୋଟବେଳରୁ ଅଧିକ ଗେହ୍ଲାରେ ବଡ଼ ହୋଇଥିବା ଓ କୌଣସି ପ୍ରକାର ଦାୟିତ୍ୱ ତୁଲାଇ ନ ଥିବା ମହିଳାଙ୍କର ବଡ଼ହେବା ପରେ ଏଭଳି ସିଣ୍ଡ୍ରୋମ ଦେଖାଦେଇଥାଏ। ଜୀବନର ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିଥାଏ।



**ପ୍ରତିକୂଳ ପରିସ୍ଥିତିକୁ ସାମ୍ନା:** ଏପରି ମହିଳା ମାନସିକଭାବେ ଆଦୌ ପରିପକ୍ୱ ହୋଇପାରନ୍ତି ନାହିଁ। ତେଣୁ ନିଜ ବିଷୟରେ କୌଣସି ନିଷ୍ପତ୍ତି ନେବାରେ ଏମାନେ ଅସମର୍ଥ ରୁହନ୍ତି। ସେମାନେ ସବୁବେଳେ ନିଜ ସମ୍ପର୍କରେ କୌଣସି ଆଲୋଚନାକୁ ମଧ୍ୟ ଭୟ କରନ୍ତି। ଆଲୋଚନା ସମୟରେ କେହି ତାଙ୍କ ସମ୍ପର୍କରେ ନକାରାତ୍ମକ ମତ ଦେଇପାରେ ଭାବି ମନ ଖରାପ କରନ୍ତି। ଅନେକ ସମୟରେ ନିଜ ଇମୋସନ କଣ୍ଟ୍ରୋଲ କରିପାରନ୍ତି ନାହିଁ। ଅତ୍ୟଧିକ ଦୁଃଖୀ ହୋଇଯାଆନ୍ତି କିମ୍ବା ଆତ୍ମବିଭୋର ହୋଇଯାନ୍ତି। ତେଣୁ ଅନେକ ସମୟରେ କୌଣସି ଉଚିତ ନିଷ୍ପତ୍ତି ନେବାକୁ ଅକ୍ଷମ ମନେହୁଅନ୍ତି। ସବୁ ସମୟରେ ଅନ୍ୟମାନଙ୍କ ସାହାଯ୍ୟ ଆଶା କରନ୍ତି।

**ସମ୍ପର୍କ ଖରାପ:** ଏଭଳି ସିଣ୍ଡ୍ରୋମର ମହିଳା ସମସ୍ତଙ୍କ ସହ ମିଶିବାରେ ଅସୁବିଧା ମନେକରନ୍ତି। ଏମିତିକି ଅନେକ ସମୟରେ ଅଫିସରେ ଠିକ୍‌ଭାବରେ କାମ କରିପାରନ୍ତି ନାହିଁ। ନିଜ ବସ୍ କିମ୍ବା ସହକର୍ମୀଙ୍କଠାରୁ ସ୍ୱତନ୍ତ୍ର ବ୍ୟବହାର ଆଶାକରନ୍ତି ଆଉ କମ୍ କାମ କରି ଅଧିକ ପ୍ରଶଂସା ଆଶା ରଖନ୍ତି। ବେଳେବେଳେ ନିଜକୁ ନିଜେ ପ୍ରଶଂସା ବି କରିଦିଅନ୍ତି। ଆଉ ଅପମାନିତ ହେଲେ ଭାଙ୍ଗିପଡ଼ନ୍ତି ଓ କାନ୍ଦିପକାନ୍ତି। ବିବାହ ପରେ ଶାଶୁଘରେ ବି ଠିକ୍ ଏହି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସବୁବେଳେ ନିଜକୁ ଭିନ୍ନ ଭାବିବା ଓ ସ୍ୱତନ୍ତ୍ର ବ୍ୟବହାର ତଥା ଭଲପାଇବା ଆଶା କରି ଦୁଃଖୀ ହୋଇଯାଆନ୍ତି। ଅନ୍ୟପକ୍ଷରେ ଶାଶୁଘରେ କୌଣସି ପ୍ରକାର ବ୍ୟବହାର ଖରାପ ଲାଗିଲେ ସହିପାରନ୍ତି ନାହିଁ। ସବୁ ସମୟରେ ବାପଘର ଚଳଣିର ଉଦାହରଣ ଦେଇ ଆତ୍ମବଡ଼ିମା ଦେଖାଇ ହୁଅନ୍ତି। ସେମାନଙ୍କର ଏଭଳି କଥାବାର୍ତ୍ତା ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ ଓ ଶାଶୁଘରେ ସମସ୍ତଙ୍କ ସହ ସମ୍ପର୍କ ଖରାପ କରିଥାଏ। କାରଣ ପରିବାର ପାଇଁ ଏମାନଙ୍କର ପରିଶ୍ରମ ଓ ତ୍ୟାଗ ବହୁତ କମ୍ ଥାଏ, କିନ୍ତୁ ଆଶା ବହୁ ଅଧିକ ରହେ। ତେଣୁ କେହି ଏମାନଙ୍କୁ ଭଲ ପାଇପାରନ୍ତି ନାହିଁ। ବେଳେବେଳେ ଏଭଳି ଗୁଣ ପାଇଁ ସେମାନେ ଏକୁଟିଆପଣର ଅନୁଭବ କରନ୍ତି ଓ ମାନସିକ ଅବସାଦର ଶିକାର ବି ହୁଅନ୍ତି।



**ମାନସିକତା ଦୂରକରନ୍ତୁ:** ଏଭଳି ମାନସିକତା ଥିଲେ ନିଜକୁ ବଦଳେଇବା ପାଇଁ ଚେଷ୍ଟାକରନ୍ତୁ, ନଚେତ୍ ସମାଜ ଓ ପରିବାର ସହ ଚଳିବା ବହୁ କଷ୍ଟକର ହୋଇପଡ଼ିବ। କୌଣସି ସ୍ଥାନରେ ଆପଣଙ୍କର ଆତ୍ମୀୟ ଓ ଅନ୍ତରଙ୍ଗ କେହି ରହିବେ ନାହିଁ। ତେଣୁ ଅନ୍ୟମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଶିଖନ୍ତୁ। ନିଜର ଏଭଳି ମାନସିକତା ଥିବା ଅନୁଭବ କଲେ ତୁରନ୍ତ ବଦଳାଇବାକୁ ଚେଷ୍ଟା କରନ୍ତୁ। ଅନ୍ୟମାନଙ୍କ ସଫଳତା ଓ ଭଲକାମକୁ ଗୁରୁତ୍ୱ ଦେବା ଶିଖନ୍ତୁ। ଭଲଗୁଣର ପ୍ରଶଂସା କରନ୍ତୁ ଓ ନିଜକୁ ଅଧିକ ସକ୍ଷମ କରିବାକୁ ଚେଷ୍ଟା କରନ୍ତୁ। ପରିଶ୍ରମୀ ହୁଅନ୍ତୁ ଓ ନିଜ କର୍ତ୍ତବ୍ୟ ଠିକ୍‌ଭାବରେ କରନ୍ତୁ। ଏହା ପରେ ଆପେ ଆପେ ସବୁ ସ୍ଥାନରେ ପ୍ରିୟପାତ୍ରୀ ହୋଇପାରିବେ।





**ସାହାଯ୍ୟ କରନ୍ତୁ:** କୌଣସି ସମ୍ପର୍କରେ ଖାଲି ଆପଣ ପାଇବାର ଆଶା କରିବେ, କିନ୍ତୁ ନିଜେ କିଛି ଦେବେ ନାହିଁ ଏହା ଆଦୌ ଠିକ୍ ନୁହେଁ। ତେଣୁ ଅନ୍ୟମାନଙ୍କ ପ୍ରତି ନିଜର କର୍ତ୍ତବ୍ୟ ପୂରା କରିବାର ପ୍ରୟାସ କରନ୍ତୁ। ସାହାଯ୍ୟ କରନ୍ତୁ। ଇମୋସନକୁ ନିୟନ୍ତ୍ରଣରେ ରଖନ୍ତୁ। ଆତ୍ମସଚେତନ ହୋଇ ନିଷ୍ପତ୍ତି ନିଅନ୍ତୁ। ଅନ୍ୟ ଉପରେ ନିର୍ଭର ନ କରି ଏକୁଟିଆ କାମ ପୂରା କରିବାର ପ୍ରୟାସ କରନ୍ତୁ। ଯଦି କାମରେ କେହି ନିଜ ଆଡୁ ସହଯୋଗ କରୁଛନ୍ତି ତେବେ ଗ୍ରହଣ କରନ୍ତୁ, କିନ୍ତୁ ପ୍ରଥମରୁ ଆଶା ରଖନ୍ତୁ ନାହିଁ। ତା'ହେଲେ ଖୁସି ହୋଇପାରିବେ।

ସୌନ୍ଦର୍ଯ୍ୟ

# ସୁନ୍ଦର ତ୍ୱଚା ପାଇଁ ଖାଦ୍ୟ

**ସୁନ୍ଦର ସ୍କିନ୍ ପାଇଁ ମହିଳାମାନେ ବିଭିନ୍ନ ପ୍ରକାର ଦାମୀ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରିଥାନ୍ତି। ହେଲେ ଏଥିପାଇଁ ଖାଦ୍ୟପେୟର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ କେଉଁ ସବୁ ଖାଦ୍ୟ ଖାଇଲେ ତ୍ୱଚା ଅଧିକ ସୁନ୍ଦର ଦେଖାଯିବ ଜାଣନ୍ତୁ।**





➔ସ୍କିନ୍ ପାଇଁ ଅମୃତଭଣ୍ଡା ଏକ ସୁନ୍ଦର ଖାଦ୍ୟ। ଏଥିରେ ଥିବା ଏନ୍‌ଜାଇମ୍ ସ୍କିନ୍‌ରେ ଥିବା ମଇଳା ଓ ମୃତ କୋଷକୁ ବାହାର କରିଥାଏ। ଏହାସହ ଭିଟାମିନ୍ ଏ ଓ ସି ତ୍ୱଚାକୁ ହେଲ୍‌ଦୀ ଓ ସୁନ୍ଦର କରିଥାଏ। ସକାଳୁ ଖାଲିପେଟରେ ଏହାକୁ ଖାଇଲେ ଏହା ଶରୀରକୁ ଭିତରୁ ଡିଟାକ୍ସ କରିଥାଏ।

➔ଗାଜର ମଧ୍ୟ ସ୍କିନ୍‌କୁ ସୁନ୍ଦର କରିବାରେ ବେଶ୍ ସହାୟକ ହୋଇଥାଏ। ଏଥିରେ ଭରପୂର ମାତ୍ରାରେ ବିଟା କାରୋଟିନ୍ ଥିବାରୁ ସ୍କିନ୍‌କୁ ଉଜ୍ଜ୍ୱଳ କରିବାରେ ସହାୟକ ହୁଏ। ପ୍ରତିଦିନ ଗାଜର ଜୁସ୍ ପିଇଲେ ସ୍କିନ୍ ପ୍ରାକୃତିକଭାବେ ଗ୍ଲୋ କରିବ। ଏହା ଇମ୍ୟୁନିଟି ବୁଷ୍ଟର ଭଳି କାମ କରେ ଓ ଆଖିକୁ ମଧ୍ୟ ସୁନ୍ଦର ରଖିବାରେ ସହାୟକ ହୋଇଥାଏ।

➔ଆଲମଣ୍ଡରେ ଭିଟାମିନ୍ ଇ ପ୍ରଚୁର ପରିମାଣରେ ରହିଛି। ତେଣୁ ଏହା ସ୍କିନ୍‌ର ଶୁଷ୍କତା ଦୂରକରିବା ସହ ଅଧିକ କୋମଳ କରିଥାଏ। ରାତିରେ ଏହାକୁ ଭିଜାଇ ପ୍ରତିଦିନ ସକାଳୁ ଖାଇଲେ ସ୍କିନ୍ ହାଇଡ୍ରେଟ୍ ରହେ ଓ ବୟସ ଅଧିକ ହେବା ପ୍ରଭାବରୁ ଦେଖାଯାଉଥିବା କୁଞ୍ଚନ ବି ଆସି ନ ଥାଏ।

➔ସବୁଜ ପନିପରିବା ଓ ଶାଗ ମଧ୍ୟ ତ୍ୱଚା ପାଇଁ ବହୁତ ଭଲ। ପାଳଙ୍ଗ, ମେଥି, ସୋରିଷ ଆଦି ବିଭିନ୍ନ ପ୍ରକାର ଶାଗ ଓ ପନିପରିବାରେ ଫୋଲେଟ୍, ଆଇରନ୍ ତଥା ଆଣ୍ଟି ଅକ୍ସିଡାଣ୍ଟ ଥାଏ। ତେଣୁ ଏହା ସ୍କିନ୍‌କୁ ହେଲ୍‌ଦି ରଖିବା ସହ ଗ୍ଲୋ କରିବାରେ ବିଶେଷ ସହାୟକ ହୋଇଥାଏ।

➔ପଇଡ଼ପାଣି ଏକ ପ୍ରାକୃତିକ ଡିଟାକ୍ସ ପାନୀୟ। ଏହାକୁ ନିୟମିତ ପିଇଲେ ସ୍କିନ୍‌ରେ ବ୍ରଣ କିମ୍ବା ଦାଗ ସମସ୍ୟା ରହିବ ନାହିଁ। ଶରୀରକୁ ଏହା ଭିତରୁ ଥଣ୍ଡା ରଖିବା ସହ ହାଇଡ୍ରେଟ୍ ରଖିଥାଏ।

# ରୋଷେଇ ଟିପ୍ସ

➔ଦହିର କୌଣସି ତରକାରି କରୁଥିଲେ ପ୍ରଥମେ ତାକୁ ଅଳ୍ପ ଆଞ୍ଚରେ ଗୋଳାନ୍ତୁ। ଫୁଟିବା ପରେ ଲୁଣ ପକାନ୍ତୁ, ତରକାରି ସ୍ୱାଦିଷ୍ଟ ଲାଗିବ।

➔ଲେମ୍ବୁ ବ୍ୟବହାର ପରେ ଚୋପାକୁ ଫୋପାଡ଼ି ଦିଅନ୍ତୁ ନାହିଁ। ବରଂ ସେଥିରେ ଲୁଣ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଏଥିରେ ଆଚାର ତିଆରି କରି ଖାଇପାରିବେ।

➔ରୋଷେଇ ଘରେ କାମ କରି ସାରିବା ପରେ ସଙ୍ଗେ ସଙ୍ଗେ ସଫା କରି ଦିଅନ୍ତୁ, ନଚେତ୍ ପିମ୍ପୁଡ଼ି ଓ ପୋକ ଆଦି ଆସି ଅପରିଷ୍କାର କରିଦେବେ।

➔ରୋଷେଇ ଘର ସ୍ଲାବ ସଫା କରିବାବେଳେ କିଛି ଲୁଣ ପକାନ୍ତୁ। ଫଳରେ ପୋକ ଆସିବେ ନାହିଁ ଓ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି ହେବ।

➔ଚୁଡ଼ା ଉପମା କରୁଥିଲେ ଚୁଡ଼ା ଧୋଇବା ପରେ ସେଥିରେ କିଛି ଲେମ୍ବୁ ଚିପୁଡ଼ି ଦିଅନ୍ତୁ। ଖୋଲା ଖୋଲା ରହିବ।

# ଶାଗୁ କଟ୍‌ଲେଟ୍

ଖାଦ୍ୟରୁଚି



**ଆବଶ୍ୟକ ସାମଗ୍ରୀ–**
ଶାଗୁ– ୧ କପ୍, ଆଳୁ–୨ଟି, ବାଦାମମଞ୍ଜି– ୪ ବଡ଼ ଚାମଚ, କଞ୍ଚାଲଙ୍କା–୨ଟି, ଲେମ୍ବୁ ରସ– ଅଧାଚାମଚ, ଜିରା ଗୁଣ୍ଡ– ଅଧା ଚାମଚ, ଗୋଲମରିଚ ଗୁଣ୍ଡ– ଅଧା ଚାମଚ, ଧନିଆପତ୍ର– ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ଛାଣିବା ପାଇଁ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ଶାଗୁକୁ ଧୋଇ ୪-୫ ଘଣ୍ଟା ଭିଜାଇ ଦିଅନ୍ତୁ। ଶାଗୁ ନରମ ହୋଇଯିବା ପରେ ଏହାକୁ ପାଣିରୁ ଛାଣି ରଖନ୍ତୁ। ଆଳୁକୁ ସିଝାଇ ଚୋପା ଛଡ଼ାଇ ଚକଟି ଦିଅନ୍ତୁ। ବାଦାମ ମଞ୍ଜିକୁ ଭାଜି ଦରଦର କରି ଗ୍ରାଇଣ୍ଡିଂ କରି ରଖନ୍ତୁ। ଏବେ ଶାଗୁ ସହ ସିଝା ଆଳୁ, ବାଦାମ ମିଶାନ୍ତୁ। କଞ୍ଚାଲଙ୍କା ଓ ଧନିଆପତ୍ରକୁ ଛୋଟ ଛୋଟ କରି କାଟି ଏଥିରେ ପକାନ୍ତୁ। ଜୀରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଲେମ୍ବୁରସ ଓ ଲୁଣ ପକାଇ ଏହାକୁ ଭଲଭାବେ ଚକଟି ଦିଅନ୍ତୁ। ଏଥିରେ ପାଣି ଦିଅନ୍ତୁ ନାହିଁ। ଏବେ ଏହାକୁ ଛୋଟ ଛୋଟ ଗୋଲକରି କଟ୍‌ଲେଟ୍ ଭଳି ତିଆରି କରନ୍ତୁ। ଏବେ କଡ଼େଇରେ ତେଲ ଗରମକରି ସେଥିରେ ଶାଗୁର ଏହି କଟ୍‌ଲେଟ୍‌ଗୁଡ଼ିକୁ ଛାଣି ଦିଅନ୍ତୁ। ଚଟଣି କିମ୍ବା ଦହି ସହ ଏହାକୁ ଗରମ ଗରମ ଖାଆନ୍ତୁ।

# ଏଚ୍ଆଇଏଲ୍‌ରୁ ୟୁପି ରୁଦ୍ରାସ ଓହରିଲା

**ନୂଆଦିଲ୍ଲୀ,୨୨।୯(ପି.ଟି.):** ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଫ୍ରାଞ୍ଚାଇଜ ୟୁପି ରୁଦ୍ରାସ ସୋମବାର ପ୍ରତିଯୋଗିତାରୁ ଓହରିବାକୁ ନିଷ୍ପତ୍ତି ନେଇଛି। ଆର୍ଥିକ ସମସ୍ୟା ଯୋଗୁ ଲିଗ୍‌ରେ ଖେଳିବା ଜାରି ରଖିବା କଷ୍ଟକର ବୋଲି ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି।

ଲିଗ୍‌ରୁ ଓହରିବା ଆଦୌ ସହଜ ନିଷ୍ପତ୍ତି ନ ଥିଲା। ଭାରତୀୟ ହକି ଲାଗି ଏହି ଲିଗ୍ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଆମେ ବୁଝୁଛୁ, ହେଲେ ଆର୍ଥିକ ସମସ୍ୟା ଯୋଗୁ ଲିଗ୍ ଖେଳିବା ଜାରି ରଖିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ବର୍ତ୍ତମାନ ଆମର ଦାୟିତ୍ୱ ହେଉଛି, ଆମେ ସିଧାସଳଖ ସେଠାରେ ନିବେଶ କରିବୁ, ଯେଉଁଠାରେ ତାହାର ଦୀର୍ଘକାଳୀନ ପ୍ରଭାବ, ତୃଣମୂଳ ସ୍ତରରେ ଖେଳାଳିଙ୍କ ଉନ୍ନତି ହୋଇପାରିବ ବୋଲି ଟିମ୍ ଡାଇରେକ୍ଟର ସେଡ୍ରିକ୍ ଡି’ସୁଜା କହିଛନ୍ତି। ବର୍ତ୍ତମାନଠାରୁ ରୁଦ୍ରାସ ଭାରତରେ ହକିର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସ୍କୁଲ ଓ ସମ୍ପ୍ରଦାୟ ସ୍ତରରେ ଖେଳାଳିଙ୍କୁ ବାଛିବା ଓ ପ୍ରଶିକ୍ଷଣ ପ୍ରଦାନ ଏବଂ ଉନ୍ନତିମୂଳକ ପ୍ଲାଟଫର୍ମ ଯୋଗାଇବା ଦିଗରେ କାର୍ଯ୍ୟ କରିବ। ଭାରତୀୟ ହକି ଦଳର ଉପ ଅଧିନାୟକ ତଥା ୟୁପି ରୁଦ୍ରାସର ଷ୍ଟାର ଖେଳାଳି ହାର୍ଦ୍ଦିକ ସିଂ କହିଛନ୍ତି, ଏଚ୍ଆଇଏଲ୍‌ରେ ରୁଦ୍ରାସ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକ ସମ୍ମାନର ବିଷୟ।

# ରୋହିତ ଭାରତୀୟ ଦଳର ଅଧିନାୟକ

ନୂଆଦିଲ୍ଲୀ, ୨୨।୯ (ପି.ଟି.)

## ଜୋହର କପ୍ ହକି

ଅକ୍ଟୋବର ୧୧ରୁ ମାଲେସିଆରେ ହେବାକୁଥିବା ସୁଲତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଭାରତୀୟ ଦଳର ନେତୃତ୍ୱ ନେବେ ଡିଫେଣ୍ଡର ରୋହିତ। ଗତଥର ବ୍ରୋଞ୍ଜ ଜିତିଥିବା ଭାରତ ଏଥର ଉନ୍ନତ ଖେଳ ପ୍ରଦର୍ଶନ କରିବା ଲାଗି ଲକ୍ଷ୍ୟ ରଖିଛି। ଅକ୍ଟୋବର ୧୮ରେ ଶେଷ ହେବାକୁଥିବା ଏହି ଟୁର୍ନାମେଣ୍ଟ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ହେବାକୁଥିବା ଜୁନିୟର ବିଶ୍ୱକପ୍ ଲାଗି ପ୍ରସ୍ତୁତି ସକାଶେ ଭାରତ ପାଇଁ ଏହା ଏକ ସୁଯୋଗ। ଅକ୍ଟୋବର ୧୧ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳି ଭାରତ ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ପରେ ଦଳ ଅକ୍ଟୋବର ୧୨ରେ ନ୍ୟୁଜିଲାଣ୍ଡକୁ ଭେଟିବ। ସେମାନେ ଅକ୍ଟୋବର ୧୪ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଏବଂ ପରେ ଅକ୍ଟୋବର ୧୫ରେ ଅଷ୍ଟ୍ରେଲିଆ ସହିତ ଖେଳିବ। ଅକ୍ଟୋରବ ୧୭ରେ ମାଲେସିଆ ବିପକ୍ଷରେ ଖେଳି ଭାରତ ଏହାର ରାଉଣ୍ଡ-ରବିନ ଅଭିଯାନ ଶେଷ କରିବ। ରାଉଣ୍ଡର ରବିନ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ ଅକ୍ଟୋବର ୧୮ରେ ଫାଇନାଲ ଖେଳିବେ। ଏହି



ଜୋହର କପ୍ ହକି ପାଇଁ ମନୋନୀତ ଭାରତୀୟ ଦଳ।

ଅବସରରେ କୋଚ୍ ପି.ଆର. ଶ୍ରୀଜେସ କହିଛନ୍ତି, ସୁଲଥଇାନ ଜୋହ କପ୍ ପାଇଁ ଦଳ ନିଜକୁ ଭଲରୂପେ ପ୍ରସ୍ତୁତ କରିଛି। ରିହରସାଲ ଏବଂ ନିଜକୁ ପରଖି ନେବା ଲାଗି ଖେଳାଳିମାନଙ୍କ ପାଇଁ ଏହି ଟୁର୍ନାମେଣ୍ଟ ଏକ ଉପଯୁକ୍ତ ପ୍ଲାଟଫର୍ମ। ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଖେଳିବା ଦ୍ୱାରା ଆମ ଖେଳାଳି ଭାବେ ମୂଲ୍ୟବାନ ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିପାରିବେ। **ଭାରତୀୟ ଦଳ- ଗୋଲ୍‌କିପର:** ବିକ୍ରମଜିତ୍ ସିଂ, ପ୍ରିନ୍ସଦୀପ ସିଂ। **ଡିଫେଣ୍ଡର:** ରୋହିତ (ଅଧିନାୟକ), ଟାଲେମ ପ୍ରିୟବ୍ରତ, ଅନ୍‌ମୋଲ ଏକ୍କା, ଅମିର ଅଲି, ପି. ବି. ସୁନିଲ, ରବନୀତ ସିଂ। **ମିଡ୍‌ଫିଲ୍ଡର:** ଅଙ୍କିତ ପାଲ, ଥୋନାଓଜାମ ଇଙ୍ଗାଲେମ୍ବା ଲୁୱାଙ୍ଗ, ଆଡ୍ରୋହିତ୍ ଏକ୍କା, ଅରାଇଜିତ୍ ସିଂ ହୁଣ୍ଡାଲ, ରୋସନ କୁଜୁର, ମନମିତ୍ ସିଂ। **ଫରୱାର୍ଡ:** ଅର୍ଶଦୀପ ସିଂ, ସୌରଭ ଆନନ୍ଦ କୁସ୍ୱାହା, ଅଜିତ ଯାଦ, ଜୁର୍‌ଜୋତ ସିଂ। **ଷ୍ଟାଣ୍ଡବାଇ:** ବିବେକ ଲାକ୍ରା, ଶର୍ଦାନନ୍ଦ ତିୱାରୀ, ଥୋକ୍‌ଚୋମ୍ କିଙ୍ଗସନ ସିଂ, ରୋହିତ କୁଲୁ, ଦିଲ୍‌ରାଜ ସିଂ।

# ଭାଗନେବେ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

## ଭାଗ୍ୟଶ୍ରୀ ସ୍ମାରକୀ ଏସ୍ଆର୍ ଅଲ୍ଓଡ଼ିଶା ଓପନ ଚେସ୍

ଚଳିତ ମାସ ୨୭ରୁ ୩୦ ପର୍ଯ୍ୟନ୍ତ ଫୁଲନଖରାସ୍ଥିତ କୁରାଙ୍ଗ ଶାସନ, ଆମ୍ରପଲ୍ଲୀ ରିସର୍ଟରେ ଭାଗ୍ୟଶ୍ରୀ ସ୍ମାରକୀ ପ୍ରଥମ ଏସ୍ଆର୍ ଅଲ୍ ଓଡ଼ିଶା ଓପନ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ପାଇଁ ସୋମବାର ସୁଦ୍ଧା ୯୦ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସହ ୨୫୦ ନାମ ପଞ୍ଜୀକରଣ କରି ସାରିଛନ୍ତି। ତେଣୁ ଟୁର୍ନାମେଣ୍ଟ ବେଳକୁ ଏହି ସଂଖ୍ୟା ୩୦୦ ଅତିକ୍ରମ କରିବା ଏକପ୍ରକାର ନିଶ୍ଚିତ ବୋଲି ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ଟପସିଡ ରହିଛନ୍ତି। ଓମ୍ ଆଦିତ୍ୟ ଖାଡେଙ୍ଗା, ଲକ୍ଷ୍ମୀକାନ୍ତ ସାହୁ, ଲଳିତ ରଞ୍ଜନ ସାହୁ, ଶ୍ରୀହନ୍ନ ସାବତ, କାର୍ଜି ମନୀନ୍ଦ୍ର, ସଞ୍ଜୀବନ ନାୟକ, ରବୀନ୍ଦ୍ର କୁମାର ଓଝା, ମନୀଷ ମିଶ୍ର ଓ ସାଇ ଶକ୍ତି ପଣ୍ଡା ପ୍ରମୁଖ ପ୍ରଥମ ୧୦ ସିଡ୍ ମଧ୍ୟରେ ରହିଥିବା ସେ କହିଛନ୍ତି। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘର ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍ଆର୍ ଚେସ୍ ସେଣ୍ଟର ଆୟୋଜନ କରିବ। ରାଜ୍ୟର ତୃଣମୂଳ ସ୍ତରରୁ ଲୁକ୍କାୟିତ ଚେସ୍ ପ୍ରତିଭା ଚିହ୍ନଟ ଓ ଖେଳାଳିଙ୍କୁ ଉତ୍ସାହିତ କରିବା ତଥା ସେମାନଙ୍କୁ ଅନ୍ତର୍ଜାତୀୟ ଫିଡେ ରେଟିଂ ପାଇବା ସହଜ କରିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗିତା ପାଇଁ ୨,୦୦,୧୦୦ ଟଙ୍କା ଅର୍ଥ ପୁରସ୍କାର ସହ ୮୯ଟି ଆକର୍ଷଣୀୟ ଟ୍ରଫି ଓ ୫୪ଟି ପଦକ କୃତି ଖେଳାଳିମାନଙ୍କୁ ପୁରସ୍କାର ଆକାରରେ ଦିଆଯିବ। ୨ୟ ଓ ୩ୟ ଦିନ ଅପରାହ୍ନରେ ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ବ୍ଲିଜ୍ (କ୍ଷିପ୍ର ଚେସ୍) ପ୍ରତିଯୋଗିତା ହେବ ବୋଲି ଟୁର୍ନାମେଣ୍ଟର ମୁଖ୍ୟ ଆର୍ବିଟର ନୀହାର ରଞ୍ଜନ ସାସମଲ ପ୍ରକାଶ କରିଛନ୍ତି। ରାଜ୍ୟର ଯେକୌଣସି ଖେଳାଳି ୨୫ ତାରିଖ ରାତି ସୁଦ୍ଧା ପ୍ରବେଶିକା ଦେୟ ୧୦୦୦ଟଙ୍କା ଦେଇ ସିଧାସଳଖ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୮ ରାଉଣ୍ଡ ଭିତ୍ତିକ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରୀୟ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ଯଥାକ୍ରମେ ୩୦,୦୦୦ ଓ ୨୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ସହ ସ୍ୱତନ୍ତ୍ର ଚେସ୍ ଟ୍ରଫି ଓ ପଦକ ପ୍ରଦାନ କରାଯିବ।

# ସ୍ୱର୍ଣ୍ଣ ଜିତିଲେ ଓଡ଼ିଶାର ଅନାହିତା

ଭୁବନେଶ୍ୱର,୨୨।୯(ଅନାଦି କର)

## ଫାରୋ ଇନଲାଇନ୍ ଫ୍ରିଷ୍ଟାଇଲ ୱାର୍ଲ୍ଡକପ

ଓଡ଼ିଶାର ଅନାହିତା ମିଶ୍ର ପର୍ତ୍ତୁଗାଲରେ ଚାଲିଥିବା ଫାରୋ ଇନଲାଇନ୍ ଫ୍ରିଷ୍ଟାଇଲ ୱାର୍ଲ୍ଡକପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେ କେବଳ ଭାରତର ନୁହେଁ, ବରଂ ଏସିଆର ପ୍ରଥମ ଆଥଲେଟ୍ ଭାବେ ଫ୍ରିଷ୍ଟାଇଲ ୱାର୍ଲ୍ଡକପରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୪ ବର୍ଷୀୟା ଅନାହିତା ୧୯ ବର୍ଷରୁ କମ୍ କାଟେଗୋରୀର ସ୍ପିଡ ସ୍ଲାଲମରେ ୪.୭୯୫ ସେକେଣ୍ଡରେ ରେସ ଫିନିଶ୍ କରିଛନ୍ତି, ଯାହାକି ଉଭୟ ସିନିୟର ଓ ଜୁନିୟର ମହିଳା ବିଭାଗରେ ଏକ ଜାତୀୟ ରେକର୍ଡ। ଫାଇନାଲରେ ସେ ୱାର୍ଲ୍ଡ ନଂ-୪ ସାନ ମାରିନୋର ମାଟିଲ୍‌ଡେ ଟେରେଞ୍ଜୋଙ୍କୁ ହରାଇ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତାଙ୍କୁ ଟ୍ରଫି ସହ ୭,୫୦୦ ୟୁରୋ(ଭାରତୀୟ ମୁଦ୍ରାରେ ୭.୮୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ)ର ଆର୍ଥିକ ପୁରସ୍କାର ମିଳିଛି। ଏହି ଇଭେଣ୍ଟରେ ଇଟାଲୀର ମାଟିଲ୍‌ଡେ ମିନା ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ୧୧ ଦେଶର ମୋଟ ୧୬୦ ସ୍କେଟର ଭାଗ ନେଇଥିଲେ। ଚଳିତ ବର୍ଷ ଏହା ଅନାହିତାଙ୍କର ତୃତୀୟ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ। ଏଥିପୂର୍ବରୁ ସେ ପୋଲାଣ୍ଡର କେଟ୍ରଜିନ ଓ ଫ୍ରାନ୍ସର ରେନେସଠାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆସନ୍ତା ୨ ତାରିଖରୁ ସ୍ପେନର ସିଉଡାଡ ରିୟଲଠାରେ ହେବାକୁ ଥିବା କ୍ୱିଜୋଟ ୱାର୍ଲ୍ଡ କପ୍‌ରେ ଭାଗ ନେବେ ଓ ଏଥିରେ ଭଲ ପ୍ରଦର୍ଶନ ସହ ପଦକ ଜିତିବା ଆଶା ରଖିଥିବା ସେ କହିଛନ୍ତି। ସେ ତାଙ୍କ ଟାଇମିଂରେ ଆହୁରି ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ଦିଲ୍ଲୀର ନୋଏଡାରେ ୨୦୧୧ରେ ଜନ୍ମିତ ଅନାହିତା ଏବେ ମାନବ ରଚନା ଇଣ୍ଟରନ୍ୟାଶନାଲ ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ତାଙ୍କ ବାପା ସୌମ୍ୟାନ୍ୱେଶ ମିଶ୍ରଙ୍କ ପୈତୃକ ଘର କଟକରେ। ତାଙ୍କ ମା’ ନାମ ସୁନନ୍ଦା ସାଙ୍ଗନେରିଆ।




ପୁରସ୍କାର ସହ ଅନାହିତା ମିଶ୍ର (ମଝି)।

# ସାଗରଙ୍କୁ ସ୍ୱର୍ଣ୍ଣ, ଗୋପେଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

ରାଞ୍ଚିରେ ସୋମବାର ଆରମ୍ଭ ହୋଇଥିବା ୩୬ତମ ପୂର୍ବାଞ୍ଚଳ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଦିବସରେ ସାଗର ଏକ୍କା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ହାଇଜମ୍ପ ଇଭେଣ୍ଟରେ ୧.୯୦ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ସେହିପରି ସୂରଜ ଗୋପେ ରୌପ୍ୟ ପଦକ ଲାଭ କରିଛନ୍ତି। ଗୋପେ ୪୩.୪୪ ମିଟର ଡିସ୍‌କସ୍ ଥ୍ରୋ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୬୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

# ପାକିସ୍ତାନକୁ ହରାଇଲା ଭାରତ

କଲମ୍ବୋ, ୨୨।୯: (ପି.ଟି.)

ସାଉଥ ଏସିଆନ୍ ଫୁଟ୍‌ବଲ ଫେଡେରେଶନ (ସାଫ୍) ୧୭ବର୍ଷରୁ କମ୍ ଚାମ୍ପିୟନଶିପ୍‌ର ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ପରାଜିତ ଦଳର ମହମ୍ମଦ ଅବ୍‌ଦୁଲ୍ଲାଙ୍କ ବିବାଦୀୟ ସେଲିବ୍ରେଶନ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଉଭୟ ଦଳ ସେମିଫାଇନାଲରେ ପ୍ରବେଶ କରିସାରିଥିବାରୁ ସୋମବାର ମ୍ୟାଚର ଫଳାଫଳ ନିରର୍ଥକ ଥିଲା। ଏହି ମ୍ୟାଚରେ ଭାରତ ତରଫରୁ ଦଲାଲମୁଅନ୍ ଗାଙ୍ଗଟେ (୩୧ତମ ମିନିଟ), ଗୁନ୍‌ଲିବା ୱାଙ୍ଗକରାକ୍‌ପାମ୍ (୬୩ତମ) ଓ ରାହାନ ଅହମ୍ମଦ (୭୩ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ପାକିସ୍ତାନ ତରଫରୁ ଅବ୍‌ଦୁଲ୍ଲା (୪୩ତମ) ଓ ହାମ୍‌ଜା ୟାସିର (୭୦ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ବାରବାଟୀକୁ ଜୟ ସାହାଙ୍କୁ ନିମନ୍ତ୍ରଣ କଲେ ସଞ୍ଜୟ



ଜୟ ସାହାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଉଛନ୍ତି ସଞ୍ଜୟ ବେହେରା।

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ଅଧ୍ୟକ୍ଷ ଜୟ ସାହାଙ୍କୁ ନିମନ୍ତ୍ରଣ କରିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ଜୟ ସାହାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପାଇଁ ସଞ୍ଜୟ ଅହମଦାବାଦ ଯାଇଥିଲେ। ସେଠାରେ ସେ ଶୁଭେଚ୍ଛା ଜଣାଇବା ସହ ବାରବାଟୀ ଆସିବାକୁ ନିମନ୍ତ୍ରଣ କରିଛନ୍ତି ବୋଲି ଓସିଏ ସୂତ୍ରରୁ ପ୍ରକାଶ।




# ଡକ୍‌ୱର୍ଥରେ ପୁରୀ ଟାଇଟନ୍ସ ବିଜୟୀ

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

## ଓଡ଼ିଶା ପ୍ରୋ ଟି୨୦ ଲିଗ୍

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ସୋମବାର ଅନୁଷ୍ଠିତ ଏକ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ପୁରୀ ଟାଇଟନ୍ସକୁ ବିଜୟୀ ଘୋଷଣା କରାଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ଦଳ ୧୮ ଓଭରରେ ୭ ଉଇକେଟ ହରାଇ ୧୬୧ ରନ କରିଥିଲା। ଜବାବରେ ରାଉରକେଲା ଷ୍ଟିଲର୍ସ ୧୦.୪ ଓଭରରେ ୫ ଉଇକେଟ ହରାଇ ୫୧ ରନ କରିଥିବାବେଳେ ବର୍ଷା ଯୋଗୁ ଆଉ ମ୍ୟାଚ ସମ୍ଭବ ହୋଇ ନ ଥିଲା। ଫଳାଫଳ ପାଇଁ ଡକ୍‌ୱର୍ଥ ଲୁଇସ ନିୟମ ଅବଲମ୍ବନ କରାଯାଇଥିଲା। ଏଥିରେ ପୁରୀ ଟାଇଟନ୍ସକୁ ୪୫ ରନରେ ବିଜୟୀ ଘୋଷଣା କରାଯାଇଥିଲା। ଚଳିତ ଲିଗ୍‌ରେ ପୁରୀ ଦଳର ଏହା ହେଉଛି ଦ୍ୱିତୀୟ ବିଜୟ।

ବର୍ଷାକୁ ଲକ୍ଷ୍ୟରେ ରଖି ମ୍ୟାଚକୁ ୧୮ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁରୀ ଟାଇଟନ୍ସ ପକ୍ଷରୁ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଟପ୍ ଅର୍ଡରରେ ଶାନ୍ତନୁ ମିଶ୍ର ୧୦, ଅନୁରାଗ ଷଡ଼ଙ୍ଗୀ ୨୬ ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୨୦ ରନ କରି ଆଉଟ ହୋଇଥିବାବେଳେ ମିଡିଲ ଅର୍ଡରରେ କାର୍ତ୍ତିକ ବିଶ୍ୱାଳ ୪୨ ଓ ରାଜେଶ ମହାନ୍ତି ୪୫ ରନକରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। କାର୍ତ୍ତିକ ୨୯ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୩ ଚୌକା ଓ ୧ ଛକା ମାରିଥିଲେ। ସେହିପରି ରାଜେଶ ୨୧ଟି ବଲ୍ ଖେଳି ନିଜ ଇନିଂସରେ ୨ ଚୌକା ଓ ୪ ଛକା ମାରିଥିଲେ। ରାଉରକେଲା ଦଳ ପକ୍ଷରୁ ପ୍ରଦୀପ ପ୍ରଧାନ ୩ଟି ଏବଂ ଆଶୁତୋଷ ମାରାଣ୍ଡି, ଜାମଲା ମହାପାତ୍ର, ବିଶ୍ୱଜିତ ପ୍ରଧାନ ଓ ସମ୍ବିତ ବରାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୨ ରନ ବିଜୟ ଲକ୍ଷ୍ୟରେ ରାଉରକେଲା ଷ୍ଟିଲର୍ସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୧୦.୪ ଓଭରରେ ସ୍କୋର ୫୧/୫ ଥିବାବେଳେ ବର୍ଷା ଓ ବଜ୍ରପାତ ଜନିତ କାରଣରୁ ଖେଳ ଦୀର୍ଘ ସମୟ ବାଧାପ୍ରାପ୍ତ ହେବାପରେ ଅମ୍ପାୟର ଖେଳ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପୁରୀ ଦଳର ବୋଲରଙ୍କ ମଧ୍ୟରେ ମହମ୍ମଦ ଡାନିସ ୨ଟି ଏବଂ କାର୍ତ୍ତିକ ବିଶ୍ୱାଳ, ଆଶୁତୋଷ ଛୁରିଆ ଓ ସୁଶୀଲ ବାରିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କାର୍ତ୍ତିକ ବିଶ୍ୱାଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। କାର୍ତ୍ତିକଙ୍କୁ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପୁରସ୍କୃତ କରିଥିଲେ। ବିଜୟୀ ଦଳର ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କୁ ଓଡ଼ିଶା ରେସଲିଂ ଆସୋସିଏଶନ ସମ୍ପାଦକ କିଶୋର ବେହେରା ୱିନିଂ କ୍ୟାପ୍ ପ୍ରଦାନ କରିଥିଲେ।




ପୁରସ୍କାର ଗ୍ରହଣ ଅବସରରେ କାର୍ତ୍ତିକ ବିଶ୍ୱାଳ (ବାମ)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ